ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.83 Bhubaneswar Tuesday, May 11, 2021 | ୨୪ତମ ବର୍ଷ ସଂଖ୍ୟା-୮୩ ଭୁବନେଶ୍ୱର, ମଙ୍ଗଳବାର, ମେ ୧୧, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹.50 | (Air Surcharge - 0.50P) | Member-INS

## ସଂସଦୀୟ କ୍ଷେତ୍ରର କୋଭିଡ୍ ସମୀକ୍ଷା କଲେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ

କନ୍ଧମାଳ ସଂସଦୀୟ କ୍ଷେତ୍ରର ବିଭିନ୍ନ ଜିଲ୍ଲାରେ କୋଭିଡ୍ ପରିଚାଳନା ନେଇ




ସାଂସଦ ଅଚ୍ୟୁତ ସାମନ୍ତ ନିୟମିତ ସମୀକ୍ଷା ଜାରି ରଖିଛନ୍ତି। ପ୍ରତି ସପ୍ତାହରେ ସଂସଦୀୟ କ୍ଷେତ୍ରର ବିଭିନ୍ନ ଜିଲ୍ଲାପାଳଙ୍କ ସହ କୋଭିଡ୍ ପରିଚାଳନା ନେଇ ଆଲୋଚନା କରିଆସୁଛନ୍ତି। ଚଳିତ ସପ୍ତାହରେ ସାଂସଦ ଶ୍ରୀ ସାମନ୍ତ ବୌଦ୍ଧ ଓ କନ୍ଧମାଳ ଜିଲ୍ଲାପାଳଙ୍କ ସହ ଟେଲିଫୋନ ଯୋଗେ ଉଭୟ ଜିଲ୍ଲାର ସ୍ଥିତି ସମୀକ୍ଷା କରିଥିଲେ। ଇତି ମଧ୍ୟରେ ବୌଦ୍ଧ ଓ କନ୍ଧମାଳ ଜିଲ୍ଲାକୁ ମଧ୍ୟ କରୋନା ବ୍ୟାପିଥିବା ବେଳେ କୋଭିଡ୍ ପରିଚାଳନା କ୍ଷେତ୍ରରେ ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀମାନେ ପୂର୍ଣ୍ଣମାତ୍ରାରେ ଲାଗି ପଡ଼ିଛନ୍ତି। ଯାହା ଦ୍ୱାରା ସଂକ୍ରମଣ ନିୟନ୍ତ୍ରଣରେ ସଫଳତା ମିଳିପାରିଛି। ବୌଦ୍ଧ ଜିଲ୍ଲାରେ ୧୨୦ ଶଯ୍ୟା ଓ ଭେଣ୍ଟିଲେଟର୍ ସହ ୬ ଆଇସିୟୁ ଥିବା ବେଳେ କୋଭିଡ୍ କେୟାର କେନ୍ଦ୍ରରେ ୨୦୦ ଶଯ୍ୟା ଉପଲବ୍ଧ ରହିଛି। ରବିବାର ସୁଦ୍ଧା ୬୦ଜଣ କରୋନା ସଂକ୍ରମିତ ରୋଗୀ ଚିକିତ୍ସାଧୀନ ରହିଥିବା ସାଂସଦ ଜାଣିବାକୁ ପାଇଛନ୍ତି। ସଂପ୍ରତି ଦେଶର ବିଭିନ୍ନ ସ୍ଥାନରେ ଅମ୍ଳଜାନ ପ୍ଲାଣ୍ଟ ଖୋଲିବା ପାଇଁ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତି ପରେ ଏବେ ବୌଦ୍ଧ ଜିଲ୍ଲାକୁ ଏକ ପ୍ଲାଣ୍ଟ ମିଳିଛି। ବୌଦ୍ଧ ଏନ୍ଏଚ୍ଆଇ ଏହାର ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ପ୍ଲାଣ୍ଟର ବୈଷୟିକ କାର୍ଯ୍ୟ ଡିଆର୍‌ଡିଏ ହାତକୁ ନେଇଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇ ଅମ୍ଳଜାନ ଯୋଗାଣ କାର୍ଯ୍ୟ ଆରମ୍ଭ ହେବ। ସେହିପରି କନ୍ଧମାଳ ଜିଲ୍ଲାକୁ ମଧ୍ୟ ଏକ ଅମ୍ଳଜାନ ପ୍ଲାଣ୍ଟ ମିଳିଥିବା ବେଳେ ଖୁବ୍ ଶୀଘ୍ର ଏଠାରେ କାମ ଆରମ୍ଭ ହେବାକୁ ଯାଉଛି। ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ଅମ୍ଳଜାନ ପ୍ଲାଣ୍ଟ ନିର୍ମାଣ ହେବାକୁ ଯାଉଥିବାରୁ ସାଂସଦ ସନ୍ତୋଷ ପ୍ରକାଶ କରି ଭାରତ ସରକାର ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ସେହିପରି କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀଠାରେ ଓଡ଼ିଶା କୋଭିଡ୍ ହସ୍‌ପିଟାଲ୍ ଚାଲୁ ରହିଥିବା ବେଳେ ଏହାର ପରିଚାଳନା ଦାୟିତ୍ୱ କିମ୍ସକୁ ଦିଆଯାଇଛି। ଏଥିରେ ୮୦ ସାଧାରଣ ଶଯ୍ୟା, ୨୦ ଏଚଡିୟୁ ଶଯ୍ୟା ଏବଂ ୨୦ ଆସିୟୁ ଶଯ୍ୟା ରହିଥିବା ବେଳେ ଏବେ ୫୨ଜଣ ରୋଗୀ ରହିଛନ୍ତି ବୋଲି ସମୀକ୍ଷା ସମୟରେ ସାଂସଦ ଶ୍ରୀ ସାମନ୍ତ ଜାଣିବାକୁ ପାଇଛନ୍ତି। ଏଥିସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ୭ଟି କୋଭିଡ୍ କେୟାର ସେଣ୍ଟର ରହିଥିବା ବେଳେ ଏଥିରେ ମୋଟ୍ ୧୨୯୫ ଶଯ୍ୟା ରହିଛି। କନ୍ଧମାଳ ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ମଧ୍ୟ କୋଭିଡ୍ ପରିଚାଳନା ପାଇଁ ଯଥେଷ୍ଟ ପ୍ରୟାସ ଜାରି ରଖିଛନ୍ତି। ସାଂସଦ ଶ୍ରୀ ସାମନ୍ତଙ୍କ ଦ୍ୱାରା ତାଲାବନ୍ଦ ସମୟରେ ଓଡ଼ିଶାର ୧୫ ଜିଲ୍ଲାରେ ଆରମ୍ଭ କରାଯାଇଥିବା ମଧ୍ୟାହ୍ନ ଭୋଜନ ବଣ୍ଟନ କାର୍ଯ୍ୟକ୍ରମରେ ବୌଦ୍ଧ ଓ କନ୍ଧମାଳ ଜିଲ୍ଲାକୁ ମଧ୍ୟ ସାମିଲ କରଯାଇଛି। ସେହିପରି ଦଶପଲ୍ଲା ବିଧାୟକ ରମେଶ ବେହେରାଙ୍କ ସହ କୋଭିଡ୍ ପରିଚାଳନା ନେଇ ସାଂସଦ ଅଲୋଚନା କରିଥିବା ବେଳେ ଭଞ୍ଜନଗରରେ କୋଭିଡ୍ ପରିଚାଳନା ନେଇ ମନ୍ତ୍ରୀ ବିକ୍ରମ ଆରୁଖଙ୍କ ସହ ଆଲୋଚନା କରିଥିଲେ। କନ୍ଧମାଳ ସଂସଦୀୟ କ୍ଷେତ୍ର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସାଂସଦ ଶ୍ରୀ ସାମନ୍ତ ସୂଚନା ଦେଇ କହିଛନ୍ତି ସଂସଦୀୟ କ୍ଷେତ୍ରରେ କୋଭିଡ୍ ନେଇ ଯେତେବେଳେ ଯାହା ଆବଶ୍ୟକ ହେବ ସେ ତୁରନ୍ତ ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି। ଶ୍ରୀ ସାମନ୍ତ ଭୁବନେଶ୍ୱର ରହୁଥିବାରୁ ସଂସଦୀୟ କ୍ଷେତ୍ରରୁ ଭୁବନେଶ୍ୱରକୁ ଆସୁଥିବା କରୋନା ସଂକ୍ରମିତଙ୍କ ଚିକିତ୍ସା ସଂପର୍କରେ ପଚାରି ବୁଝୁଛନ୍ତି।

# କ୍ୟାବିନେଟ୍ ନିଷ୍ପତି

## - ଟିକାକରଣ ପାଇଁ ହେବ ଗ୍ଲୋବାଲ ଟେଣ୍ଡର
## - ଗଠନ ହେବ ବୈଷୟିକ କମିଟି
## - ୧୧ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ର ମଂଜୁରୀ

ଭୁବନେଶ୍ୱର: ରାଜ୍ୟରେ ଟିକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରମୁଖ କମ୍ପାନୀମାନଙ୍କଠାରୁ କୋଭିଡ୍ ଟିକା ସଂଗ୍ରହ ନିମନ୍ତେ ଗ୍ଲୋବାଲ ଟେଣ୍ଡର ଜାରି କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତି ନେଇଛି। ରାଜ୍ୟ କ୍ୟାବିନେଟର ନିଷ୍ପତି ଅନୁସାରେ ଦେଶ-ବିଦେଶର ବିଭିନ୍ନ କଂପାନିରୁ ସରକାର ଟିକା ଆଣିବେ। ଟିକା ଉପରୁ ସମସ୍ତ ଟିକସ ଉଠାଇବା ପାଇଁ କେନ୍ଦ୍ରକୁ ଦାବି କରାଯିବ। ଟିକା ସଂଗ୍ରହ ପାଇଁ ଗ୍ଲୋବାଲ ଟେଣ୍ଡର ହେବ। ଗ୍ଲୋବାଲ ଟେଣ୍ଡର ପାଇଁ ବୈଷୟିକ କମିଟି ଗଠନ ହେବ। ଏହି କମିଟି ଟେଣ୍ଡର ବ୍ୟବସ୍ଥା ଉପରେ ବିଶଦ ଧ୍ୟାନଦେବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି।

ସୋମବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ କୋଭିଡ ପରିଚାଳନା ତଥା ରାଜ୍ୟରେ ସଂକ୍ରମଣ ରୋକିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ଏହା ବ୍ୟତୀତ ଜଳସମ୍ପଦ, ଶିକ୍ଷ, ବାଣିଜ୍ୟ ଏବଂ ପରିବହନ, ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ, ଏବଂ ଗୃହ ବିଭାଗ ସହ ଜଡିତ ଅନ୍ୟ ୧୦ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ମଧ୍ୟ ଗ୍ରହଣ କରାଯାଇଛି।

କୋଭିଡ୍-୧୯ ବିରୁଦ୍ଧ ସଂଗ୍ରାମରେ କୋଭିଡ୍ ଯୋଦ୍ଧାମାନଙ୍କ ନିଷ୍ଠା ଓ ତ୍ୟାଗକୁ ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହାସହ ପରୀକ୍ଷଣ, ଚିହ୍ନଟକରଣ, ଟିକାକରଣ ଏବଂ ଲକ୍‌ଡାଉନ୍ ପରି ବିଭିନ୍ନ କୋଭିଡ୍ ପ୍ରତିରୋଧୀ ପଦକ୍ଷେପଗୁଡ଼ିକରେ ସହଯୋଗ କରିଥିବାରୁ ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ବୈଠକର ନିଷ୍ପତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଛନ୍ତି ଯେ ରୋଗର ଜଟିଳତା ହ୍ରାସ କରି ରୋଗୀର ଜୀବନ ରକ୍ଷା ଦିଗରେ ଟୀକାକରଣ ବହୁତ ଫଳପ୍ରଦ ହେଉଥିବା ଜଣାପଡିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ବାସୀ ଯେପରି ସୁବିଧା ରେ ଟୀକା ପାଇ ପାରିବେ ସେଥିପାଇଁ ବିଶ୍ୱର ବିଭିନ୍ନ ପ୍ରମୁଖ ଟୀକା କମ୍ପାନୀରୁ ଟୀକା ସଗ୍ରହ ନିମନ୍ତେ ପଦକ୍ଷେପ ନିଆଯିବ ।ଏଥିପାଇଁ ଏକ ଗ୍ଲୋବାଲ ଟେଣ୍ଡର ଜାରି କରିବାକୁ ରାଜ୍ୟ କ୍ୟାବିନେଟ ନିଷ୍ପତି କରିଛନ୍ତି ।

ବିପଦସଙ୍କୁଳ ଜନସାଧାରଣଙ୍କର ଶୀଘ୍ର ଟୀକାକରଣ ଏବଂ ମୂଲ୍ୟବାନ ଜୀବନ ର ସୁରକ୍ଷା ସହିତ ଲୋକଙ୍କ ଜୀବନଜୀବିକା ର ପୁନସ୍ଥାପନରେ ଏହା ସହାୟକ ହେବ ।ଏଥିପାଇଁ ଏକ ବୈଷୟିକ କମିଟି ଗଠନ କରାଯିବ ।ଏବଂ ଏହା ବିଶଦ ବ୍ୟବସ୍ଥା ଉପରେ ଧ୍ୟାନ ଦେବ। ଟୀକା ଉପରୁ ସମସ୍ତ ପ୍ରକାର ଟିକସ ଉଠାଇ ଦେବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି ।ଏହା ଫଳରେ ରାଜ୍ୟ ଅର୍ଥନୀତି ଉପରେ କମ୍ ଚାପ ପଡ଼ିବ ଏବଂ ସାର୍ବଜନୀନ ଟୀକାକରଣ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଏହା ବିଶେଷ ସହାୟକ ହେବ । କେନ୍ଦ୍ର ସରକାର ବିଭିନ୍ନ ସେସ୍ ଓ ସରଚାର୍ଯ ଜରିଆରେ ଆଦାୟ କରୁଥିବା ଅତିରିକ୍ତ ସମ୍ବଳକୁ ରାଜ୍ୟ ମାନଙ୍କ ମଧ୍ୟ ରେ ଉପଯୁକ୍ତ ଭାବରେ ବଂଟନ କରାଯିବାର ଆବଶ୍ୟକତା ରହିଛି । ଏହି ଜଟିଳ ପରିସ୍ଥିତିରେ କୋଭିଡ଼ ଲଢ଼େଇ ରେ ରାଜ୍ୟ ମାନଙ୍କ ଅର୍ଥିକ ସ୍ଥିତିକୁ ମଜବୁତ କରିବାରେ ଏହା ଶକ୍ତି ଯୋଗାଇବ ।


ରାଜ୍ୟ ସରକାର ତାଙ୍କର ଉପଲବ୍ଧ ସମ୍ବଳର ବିନିଯୋଗ କରି କୋଭିଡ଼ ବିରୁଦ୍ଧରେ ଲଢ଼େଇ କୁ ଜୋରଦାର କରିବା ଏବଂ କୋଭିଡ଼ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇବା ପାଇଁ ତାଙ୍କର ଦୃଢ଼ ସଙ୍କଳ୍ପର ପୁନଘୋଷଣା କରୁଛନ୍ତି ।

ଏହି ଅବସରରେ ରାଜ୍ୟ କ୍ୟାବିନେଟ କୋଭିଡ଼ ନିୟମାବଳୀ ଯଥା ଠିକ୍ ଭାବେ ମାସ୍କ ପିନ୍ଧିବା ,ବାରମ୍ବାର ସାବୁନ ରେ ଭଲ ଭାବେ ହାତ ଧୋଇବା ,ସାମାଜିକ ଦୂରତା ରକ୍ଷା କରିବା ,ଘରେ ରହିବା ଏବଂ ଆବଶ୍ୟକତା ନ ଥିଲେ ବାହାରକୁ ନ ଯିବା ଆଦି କୁ କଡ଼ାକଡ଼ି ଭାବରେ ପାଳନ କରିବା ପାଇଁ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

## ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ କୋଭିଡ଼୍-୧୯ର ମୁକାବିଲା ତଥା ବ୍ୟବସାୟର ନିରନ୍ତରତାକୁ ସୁନିଶ୍ଚିତ କରିବା ପାଇଁ ସ୍ମାର୍ଟ ଟେକ୍ନୋଲୋଜିର ବ୍ୟବହାର

ଭୁବନେଶ୍ୱର, ୧୦।୫(ପି.ଏନ): ଆଲୁମିନିୟମ ତଥା ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦର ଭାରତର ସର୍ବବୃହତ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏବଂ ପାୱାର ବିଜନେସ୍, କୋଭିଡ୍-୧୯ ବିରୁଦ୍ଧରେ ନିଜର କର୍ମକ୍ଷେତ୍ରକୁ ସୁରକ୍ଷିତ ରଖିବା ତଥା ଉତ୍ପାଦନକୁ ବଜାୟ ରଖିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ଡିଜିଟାଲ୍ ସମାଧାନର ବ୍ୟବହାରକୁ ତ୍ୱରାନ୍ୱିତ କରିଛି । ଏହି କୌଶଳ ଧାତୁ - ଆଲୁମିନିୟମ୍ ସହିତ କଂଚାମାଲର ଆବଶ୍ୟକତା ରହିଛି ।

ବେଦାନ୍ତ ଆଲୁମିନିୟମ୍ ଆଣ୍ଡ୍ ପାୱାର୍ ଡିଜିଟାଲ୍-ପ୍ରଥମ ଶ୍ରେଣୀର ଉପାୟ ଗୁଡିକ ଗ୍ରହଣ କରି ଏହାର କାର୍ଯ୍ୟକୁ ଭବିଷ୍ୟତ-ପ୍ରସ୍ତୁତ କରିବା ପାଇଁ ଶ୍ରେଷ୍ଠ-ଶ୍ରେଣୀର ଡିଜିଟାଲ୍ ସମାଧାନକୁ ଏକତ୍ର କରି, ଦକ୍ଷତା ଭିତିରେ ନିର୍ମାଣ ଏବଂ ବିଶ୍ୱ ର ଅଗ୍ରଣୀ 'ସବୁଜ ଧାତୁ' ଆଲୁମିନିୟମ୍ ଉତ୍ପାଦକ ହେବାକୁ ମିଶନରେ ଖର୍ଚ୍ଚ ଏବଂ କଂଚାମାଲ ବ୍ୟବହାରକୁ ତ୍ୱରାନ୍ୱିତ କରୁଛି। ଏହାର କାରଖାନାଗୁଡ଼ିକରେ ସ୍ୱୟଂଚାଳିତ ଏବଂ ଡିଜିଟାଲାଇଜେସନ୍ ସମାଧାନର କାର୍ଯ୍ୟାନ୍ୱୟନ କମ୍ପାନୀକୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ କ୍ଷେତ୍ରଗୁଡିକ ପାଇଁ ଉଚ୍ଚ-ଗୁଣାତ୍ମକ ଆଲୁମିନିୟମ୍ ଏବଂ ମୂଲ୍ୟଯୁକ୍ତ ଉତ୍ପାଦ ଉତ୍ପାଦନ କରିବାରେ ସକ୍ଷମ କରିଛି, ଏଥିସହ ସ୍ୱାସ୍ଥ୍ୟ, ନିରାପତା ଏବଂ ପରିବେଶ କାର୍ଯ୍ୟଦକ୍ଷତା ପାରାମିଟରରେ ଏକ ପଦକ୍ଷେପ-ପରିବର୍ତ୍ତନ ପ୍ରଦାନ କରୁଛି ।






ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଅବସରରେ ଉଦବୋଧନ ଦେଇ , ବେଦାନ୍ତ ଲିମିଟେଡ- ଆଲୁମିନିୟମ୍ ଏବଂ ପାୱାରର ସିଇଓ ତଥା କମର୍ସିଆଲ୍ ଏମ୍‌ଡ଼ି, ଅଜୟ କପୁର କହିଛନ୍ତି, 'ଗତ ବର୍ଷ ଭାରତରେ କୋଭିଡ୍-୧୯ ଆରମ୍ଭ ହେବା ପର ଠାରୁ ଆମେ ଆଲୁମିନିୟମ ଏବଂ ପାୱାର ବିଜନେସ୍ ୟୁନିଟ୍ ଗୁଡିକରେ ଆମର କର୍ମକ୍ଷେତ୍ରକୁ ସୁରକ୍ଷିତ ରଖିବା ପାଇଁ ଶ୍ରେଷ୍ଠ-ଶ୍ରେଣୀ ଡିଜିଟାଲ୍ ଟେକ୍ନୋଲୋଜି, ବୁଦ୍ଧିମାନ ସ୍ୱୟଂଚାଳିତ ଏବଂ ଇନହାଉସ୍ ଉଦ୍ଭାବନ ଦ୍ରୁତ ଗତିରେ ଗ୍ରହଣ କରିଛୁ । ଭାରତର ଆଲୁମିନିୟମର ବୃହତମ ଉତ୍ପାଦକ ଭାବରେ ଦେଶର ପ୍ରମୁଖ ଅଭିବୃଦ୍ଧି କ୍ଷେତ୍ର ପାଇଁ ଏକ ରଣନୈତିକ କଂଚାମାଲ ଭାବରେ ଆମେ ଅର୍ଥନୀତିର ଚକକୁ ବଜାୟ ରଖିବା ପାଇଁ ମାନବ ଶକ୍ତି ସହିତ ବ୍ୟବସାୟିକ ନିରନ୍ତରତା ନିଶ୍ଚିତ କରୁଛୁ । ଦେଶବ୍ୟାପୀ ଦ୍ରୁତ ଗତିରେ ବଢୁଥିବା ମହାମାରୀ ପରିସ୍ଥିତିକୁ ଦେଖିଲେ, କୋଭିଡ ଚିକିତ୍ସା ଭିତିଭୂମି ଏବଂ ସଂଗରୋଧ ସୁବିଧାକୁ ବୃଦ୍ଧି କରିବା ବ୍ୟତୀତ, ଆମେ ଟେକ୍ନୋଲୋଜିର ସମ୍ପୂର୍ଣ୍ଣ ଉପଯୋଗ କରି କାର୍ଯ୍ୟ ଜାରି ରଖିବା ଏବଂ ମାନବ ହସ୍ତକ୍ଷେପର ଆବଶ୍ୟକତାକୁ ସୀମିତ କରିବା ଉପରେ କାର୍ଯ୍ୟ କରିବା ପାଇଁ ଆମର ଉପାୟ ଅବଲମ୍ବନ କରିଛୁ।

ବ୍ୟବସାୟ ଏହାର ୭୫୦୦ ରୁ ଅଧିକ ଲୋକଙ୍କୁ ଏହାର ପ୍ଲାଂଟ ଗୁଡିକରେ ଟୀକାକରଣ କରିଛି ଏବଂ ଏହାର କୋଭିଡ କେୟାର ସେଂଟର ଏବଂ ସଂଗରୋଧ ସେଂଟର ର କ୍ଷମତା ବୃଦ୍ଧି କରିଛି, ଯାହା ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବା ପାଇଁ ମେଡିକାଲ କର୍ମଚାରୀ ଏବଂ ଭିତିଭୂମି ସହିତ ସଜ୍ଜିତ କରାଯାଇଛି। ବେଦାନ୍ତ ସ୍ଥାନୀୟ ଜିଲ୍ଲା ପ୍ରଶାସନକୁ ଏହାର କାର୍ଯ୍ୟକ୍ଷେତ୍ରରେ ସହାୟତା ପାଇଁ କିଟ୍, ଔଷଧ ଏବଂ ମେଡିକାଲ୍ ଗିଅର୍, ଏବଂ ଅମ୍ଳଜାନ ସିଲିଣ୍ଡର ଇତ୍ୟାଦି ର ଆବଶ୍ୟକତା ଅନୁସାରେ ଯୋଗାଇ ଦିଆଯାଇଛି। ଉତ୍ପାଦନକୁ ବଜାୟ ରଖିବା ଏବଂ ଏହାର କର୍ମଜୀବୀ ତଥା ସମ୍ପ୍ରଦାୟକୁ ସମର୍ଥନ କରିବା ପାଇଁ କମ୍ପାନୀ ଦ୍ୱାରା ପ୍ରଯୁକ୍ତିବିଦ୍ୟା ନିୟୋଜନ କରିବାର କିଛି ଉଦାହରଣ ଯଥା:

* ଉନ୍ନତ କାର୍ଯ୍ୟକାରିତା ସହିତ ଡିଜିଟାଲ୍ ସହଯୋଗ ପ୍ଲାଟଫର୍ମ ସବୁବେଳେ କର୍ମଚାରୀ, ସେବା ପ୍ରଦାନକାରୀ, ଗ୍ରାହକ ଏବଂ ପ୍ଲାଂଟ ସାଇଟଗୁଡିକ ମଧ୍ୟରେ ନିର'ର ସଂଯୋଗକୁ ସକ୍ଷମ କରିଥାଏ ।
* ଇ-ପରାମର୍ଶ ପାଇଁ ଲାଞ୍ଜିଗଡ (ଓଡିଶା) ଏବଂ ବାଲକୋ (ଛତିଶଗଡ) ର ବେଦାନ୍ତ ଡାକ୍ତରଖାନା ଗୁଡ଼ିକରେ ସମ୍ପ୍ରଦାୟ ପାଇଁ ଟେଲିମେଡିସିନ୍ ସୁବିଧା ଏବଂ ଔଷଧର ଘରୋଇ ବିତରଣ ସହିତ ୨୪ଘଂଟା ମେଡିକାଲ୍ ହେଲ୍ପଲାଇନ ।
* ଓଡ଼ିଶାର ଝାରସୁଗୁଡା ଠାରେ ଥିବା ଆଲୁମିନିୟମ୍ ସ୍ମେଲଟରରେ ନିୟୋଜିତ ଡିଜିଟାଲ୍ ସ୍ମେଲଟର ସଲ୍ୟୁସନ୍, ମାନବ-କମ୍ ମନିଟରିଂ ଏବଂ ପୋଟଲାଇନ୍ ନିୟନ୍ତ୍ରଣ ପାଇଁ ଡିଜିଟାଲ୍ ଟ୍ୱିନ୍ ଟେକ୍ନୋଲୋଜି ବ୍ୟବହାର କରେ । କାର୍ଯ୍ୟ, ଶକ୍ତି ଦକ୍ଷତା ବୃଦ୍ଧି କରେ, କଂଚାମାଲ ବ୍ୟବହାରକୁ ହ୍ରାସ କରେ ଏବଂ ସୁଦୂର ପରାମର୍ଶଦାତା ପ୍ରଣାଳୀ ମାଧ୍ୟମରେ ପଦାର୍ଥର ଅପଚୟକୁ ରୋକିପାରେ ।
* ପ୍ରଥମ-ଇନ୍-ଇଣ୍ଡଷ୍ଟ୍ରି ଡିପ୍ ଲର୍ନିଂ ଆଲଗୋରିଦମ ଏବଂ ବିଭିନ୍ନ ଉନ୍ନତ ମଡେଲ୍ କୌଶଳ ବେଦା'ର ସ୍ମେଲଟର ଏବଂ ପାୱାର୍ ପ୍ଲାଣ୍ଟରେ ଆଡଭାନ୍ସଡ୍ ଆସେଟ୍ ପ୍ରଦର୍ଶନ ପ୍ରଦର୍ଶନ ପରିଚାଳନାକୁ ଅନୁମତି ଦିଏ ।
* ଏହାର ପାୱାର ପ୍ଲାଂଟରେ ନିୟୋଜିତ ଉନ୍ନତ ଡାଟା ଆନାଲିଟିକ୍ସ ଅଧିକ ଦକ୍ଷତା ନିଶ୍ଚିତ କରିବା, ଡାଉନଟାଇମ୍ ଠାରୁ ଦୂରେଇ ରହିବା ଏବଂ ସର୍ବନିମ୍ନ କିମ୍ବା ଶୂନ୍ୟ ମାନବ ସ୍ପର୍ଶ ସହିତ ସୁରକ୍ଷା ବିପଦକୁ ହ୍ରାସ କରିବା ପାଇଁ ଭବିଷ୍ୟବାଣୀ ଏବଂ ପ୍ରେସକ୍ରିପଟିଭ୍ ଆନାଲିଟିକ୍ସ ପାଇଁ ଡିଜିଟାଲ୍ ଟ୍ୱିନ୍ ଟେକ୍ନୋଲୋଜି ବ୍ୟବହାର କରେ ।
* ଝାରସୁଗୁଡା ପ୍ଲାଂଟରେ କାର୍ଯ୍ୟକାରୀ ହୋଇଥିବା ପ୍ରକ୍ରିୟା ସୂଚନା ସିଷ୍ଟମ୍, ଏକ ପ୍ରକାରର ଶିଳ୍ପ ସମାଧାନ, କାର୍ଯ୍ୟକ୍ଷମତା ଏବଂ ଉତ୍ପାଦନ ବୃଦ୍ଧି ପାଇଁ ମେସିନ୍ ଲର୍ନିଂ ଏବଂ ଭବିଷ୍ୟବାଣୀ ଆନାଲିଟିକ୍ସ ବ୍ୟବହାର କରେ ।
* କୋଇଲା, ଆଲୁମିନା ଏବଂ ବକ୍ସାଇଟ୍ ପାଇଁ ଏକ ଡିଜିଟାଲ୍ ଲଜିଷ୍ଟିକ୍ କଂଟ୍ରୋଲ୍ ଟାୱାର୍ ଶାସ୍ତ୍ରୀୟ ମେସିନ୍ ଲର୍ନିଂ ଏବଂ (ଅପରେସନ୍ସ ରିସର୍ଚ୍ଚ) ଆଧାରିତ ଗାଣିତିକ ମଡେଲିଂ ବ୍ୟବହାର କରି ଖଣିଜ ପଦାର୍ଥରୁ ପ୍ଲାଂଟ ମାଧ୍ୟମରେ ଖଣିରୁ ଖଣିଜ ପଦାର୍ଥର ମୂଲ୍ୟ ହ୍ରାସ କରିଥାଏ ।
* ଏକାଧିକ ପ୍ଲାଂଟ ସାଇଟରେ ଭିଜନ ଆନାଲିଟିକ୍ସ ଏବଂ ପ୍ରସଙ୍ଗଗତ ଆନାଲିଟିକ୍ସ ବ୍ୟବହାର କରିବା ଯେପରିକି ବିଶ୍ୱସନୀୟତାକୁ ଉନ୍ନତ କରିବା ପାଇଁ ଆଇସିଟିରେ ହଟ ସ୍ପଟ୍ ଚିହ୍ନଟ (ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା) ।
* ବ୍ୟବସାୟ ନିରନ୍ତରତା ପାଇଁ ବେଦାନ୍ତର ଝାରସୁଗୁଡା ୟୁନିଟ୍ ଓଝଙ / ଓରଉ ୨୨୩୦୧: ୨୦୧୨ (ଇଉଗଝ - ଇଙ୍କସ୍ପସଭରଶ୍ପସ୍ପ ଉକ୍ଟଭ-ସ୍ପସଭଙ୍କସଙ୍ଖଢ ଗବଭବଶରଙ୍କରଭସ୍ପ ଝଙ୍ଖସ୍ପସ୍ପରଙ୍କ) ସହିତ ସାର୍ଟିଫିକେଟ୍ ହାସଲ କରିଛି, ଯାହା ପ୍ରମାଣ କରେ ଯେ କମ୍ପାନୀ କୌଣସି ବ୍ୟାଘାତକାରୀ ଘଟଣା ପାଇଁ ପ୍ରସ୍ତୁତ, ଯେତେବେଳେ

● ୩ ପୃଷ୍ଠାରେ










# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

---

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

## ବଲିଉଡକୁ ଫେରୁଛନ୍ତି ଟ୍ୱିଙ୍କଲ

ଅକ୍ଷୟ କୁମାରଙ୍କ ସହ ବିବାହ ପରେ ଫିଲ୍ମ ଦୁନିଆରୁ ଦୂରେଇ ରହିଥିଲେ ଟ୍ୱିଙ୍କଲ ଖନ୍ନା। କିନ୍ତୁ ଏବେ ପୁଣିଥରେ ସେ ଏହି ଦୁନିଆକୁ ଫେରିବାକୁ ଯାଉଛନ୍ତି। ମାତ୍ର ପୂର୍ବପରି ସେ ପରଦା ଉପରେ ଅଭିନୟ କରିବେ ନାହିଁ। ବରଂ ପରଦା ପଛରେ ରହି ଫିଲ୍ମ ନିର୍ମାଣ କରିବେ। ଆଜ୍ଞା ହଁ, ଅଭିନୟ ପରେ ଏବେ ପ୍ରଯୋଜନା ପାଇଁ ମନ ବଳାଇଛନ୍ତି ଟ୍ୱିଙ୍କଲ। ଖୁବ୍ ଶୀଘ୍ର ସେ ନିଜର ପ୍ରଡକ୍ସନ ହାଉସ୍ ମିସ୍ତ୍ରେସ୍ ଫନିବୋନସ୍ ମୁଭିଜ୍‌ରେ ପତି ଅକ୍ଷୟଙ୍କୁ ନେଇ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଶୁଣିବାକୁ ମିଳିଛି କି ଟ୍ୱିଙ୍କଲଙ୍କ ପ୍ରଯୋଜନାରେ ଫିଲ୍ମର ନିର୍ଦ୍ଦେଶନା ଦେବେ ଆର. ବାଲକୀ। ଯେଉଁଥିରେ ଅକ୍ଷୟଙ୍କ ବିପକ୍ଷରେ ସୋନମ୍ କପୁର ରହିଛନ୍ତି। ଏକ ମିଡିଆର ସୂଚନା ଅନୁଯାୟୀ, ଟ୍ୱିଙ୍କଲଙ୍କ ଚିନ୍ତାଧାରା ଅନୁଯାୟୀ ଆର.ବାଲକୀ କାହାଣୀ ଲେଖିଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ମାର୍ଚ୍ଚ ମାସରେ ମୁକ୍ତିଲାଭ କରିବ। ଦେଖାଯାଉ ଟ୍ୱିଙ୍କଲଙ୍କ ଏହି ନୂଆ ରାସ୍ତାରେ ତାଙ୍କୁ ସଫଳତା ମିଳିପାରୁଛି କି ନାହିଁ।



## ତିଆରି ହେବ ଆଉ ଏକ ୱାଘା ବର୍ଡର

ଅହମ୍ମଦାବାଦ ପାବସ୍ଥିତ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ୱାଘା ବର୍ଡର ଭଳି ଗୁଜୁରାଟ ଭାରତ-ପାକିସ୍ତାନ ସୀମାରେ ଆଉ ଏକ ୱାଘା ବର୍ଡର ତିଆରି କରି ତାକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବାର ଉଦ୍ୟମ ଆରମ୍ଭ ହୋଇଛି। ଗୁଜୁରାଟର ବନସକଣ୍ଠା ଜିଲାରେ ଏହି ୱାଘା ବର୍ଡର ଭଳି ଭବ୍ୟ ଗେଟର ନିର୍ମାଣ କରାଯିବ। ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ଏହା ଘୋଷଣା କରିବା ସହ କହିଛନ୍ତି ଯେ ଏଠାରେ ପର୍ଯ୍ୟଟକଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯିବ ଯାହା ପାବରେ ଦିଆଯାଉଛି।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍‌, ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବ୍ୟତୀତ ଅନ୍ୟ ରାଜ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ବର୍ଦ୍ଧିତ ସଂଖ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଟକଙ୍କ ପାଇଁ ବିପଦଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବନ୍ଧୁଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଟକଙ୍କ ଭିଡକୁ ଲକ୍ଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚ୍ୟୁତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

## ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# କେବେ ସରିବ ଧାମରାରେ ୬ ହଜାର କୋଟି ଟଙ୍କାର ଏଲ୍ଏନ୍ଜି ପ୍ରକଳ୍ପ, ପାଇପ୍ ଯୋଗେ ଗ୍ୟାସ୍ ପାଇବା କଣ ସ୍ୱପ୍ନରେ ରହିଯିବ କି !

ଭଦ୍ରକ:ପୂର୍ବ ଭାରତରେ ପାଇପ୍ ଯୋଗେ ଏଲ୍ଏନ୍ଜି ଯୋଗାଇଦେବାକୁ କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ୍ ବିଭାଗ ତରଫରୁ ୨୦୧୭ ମସିହା ଜୁଲାଇ ମାସରେ ଭଦ୍ରକ ଜିଲା ଧାମରା ଠାରେ ୬ ହଜାର କୋଟି ଟଙ୍କା ବ୍ୟୟରେ ବାର୍ଷିକ ୫ ମିଲିୟନ୍ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏଲ୍ଏନ୍ଜି ଟର୍ମିନାଲର ଶିଳାନ୍ୟାସ କରାଯାଇଥିଲା। ଏହି ଶିଳାନ୍ୟାସ ଉତ୍ସବ ବି ମୂଳରୁ ବିବାଦୀୟ ଥିଲା। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗକୁ ତତ୍କାଳୀନ ଭଦ୍ରକ ଜିଲାର ସମସ୍ତ ବିଧାୟକ, ସାଂସଦଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଥିଲେ। ହେଲେ ଦଳୀୟ ଭିଁରେ ଅନ୍ୟ କେତେକ ବିଜେପିର ଆଗଧାଡିର ନେତାଙ୍କୁ ଏହି ଅତିଥି ତାଲିକାରେ ଥିବାରୁ ଚିହିଁକି ଉଠିଥିଲା ବିଜେଡି। ତେଣୁ ଏହି କାର୍ଯ୍ୟକ୍ରମକୁ ବିଜେଡି ବୟକଟ୍ କରିଥିଲା। କେବଳ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମର ଶିଳାନ୍ୟାସ କରିଥିଲେ। ସେତେବେଳେ ଉକ୍ତ ଘଟଣା ରାଜ୍ୟ ରାଜନୀତିକୁ ଚଳଚ ଳ କରିଥିଲା। ଇତିମଧ୍ୟରେ ୪ ବର୍ଷ ବିତିଗଲାଣି ଏହି ବହୁ ପ୍ରତିକ୍ଷୀତ ଟର୍ମିନାଲ କାର୍ଯ୍ୟ ସରିପାରିନାହିଁ। ଫଳରେ ପାଇପ୍ ଯୋଗେ ଉନ୍ନତମାନର ଗ୍ୟାସ୍ ପାଇବାକୁ ଆଶା ରଖିଥିବା ପୂର୍ବ ଭାରତ ସାଙ୍ଗକୁ ଖୋଦ୍ ରାଜ୍ୟର ଉପଭୋକ୍ତାମାନେ ନିରାଶ ହେଉଛନ୍ତି। ତଥ୍ୟ ଅନୁଯାୟୀ ଏକବିଂଶ ଶତାବ୍ଦୀରେ କମ୍ ଅଙ୍ଗାରକାମ୍ଳ ଯୁକ୍ତ ଇନ୍ଧନ ବ୍ୟବହାର ସାଙ୍ଗକୁ ପୂର୍ବ ଭାରତରେ ଗ୍ୟାସ୍ ଶକ୍ତିକୁ ବିନିଯୋଗ କରି ଉକ୍ତ ରାଜ୍ୟ ଯଥା ଓଡ଼ିଶା, ଝାଡଖଣ୍ଡ, ବିହାର ଓ ପଶ୍ଚିମବଙ୍ଗ ଆଦି ରାଜ୍ୟର ଆର୍ଥିକ ବିକାଶକୁ କେନ୍ଦ୍ର ସରକାର ତ୍ୱରାନ୍ୱିତ କରିବାକୁ ଚାହୁଁଛନ୍ତି। ତେଣୁ ଏହି ଏଲ୍ଏନ୍ଜି ଗ୍ୟାସ୍ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ୨୦୧୫ ମସିହା ପୂର୍ବରୁ ଯେତେବେଳେ ପାରାଦୀପ ଠାରେ ଗେଲ୍ ତରଫରୁ ହେବାକୁ ଥିବା ଭାସମାନ ଏଲ୍ଏନ୍ଜି ଟର୍ମିନାଲ କାର୍ଯ୍ୟ ବାତିଲ ହେଲା, ତେଣୁ ଏପରି ଏକ ପରିକଳ୍ପନା କରାଯାଇଥିଲା। ୨୦୧୫ ମସିହା ମଇ ମାସରେ ଗେଲ୍, ଭାରତୀୟ ତୈଳ ନିଗମ, ଆଦାନୀ କଂପାନୀଙ୍କ ମାଲିକାନାରେ ଏହି ପ୍ରକଳ୍ପ ହେବାକୁ ସ୍ଥିରୀକୃତ ହୋଇଥିଲା। ଯେଉଁଥିରେ ଆଦାନୀରେ ୫୦ ଭାଗ, ଗେଲ୍‌ର ୩୯ ଭାଗ ଓ ତୈଳ ନିଗମର ୧୧ ଭାଗ ମାଲିକାନା ସତ୍ୱ ରହିବାକୁ ସ୍ଥିରୀକୃତ ହୋଇଥିଲା। ହେଲେ ଏହି ଏମ୍ଓୟୁର ଅବଧି ୨୦୧୮ ମସିହାରେ ପୂରିଯିବା ପରେ ଗେଲ୍ ସ ତୈଳ ନିଗମଙ୍କ ମାଲିକାନା ସତ୍ୱ ସରିଯାଇଥିଲା। ପୁନର୍ବାର ୨୦୧୯ ମସିହାରେ ଆଦାନୀ ଅଧା ମାଲିକାନା ଥିବାବେଳେ ଗେଲ୍ ଓ ତୈଳ ନିଗମ ମାଲିକାନା ଏକ ଫ୍ରାନ୍ସର କଂପାନୀକୁ ଦିଆଯାଇଛି। ମିଳିଥିବା ସୂତ୍ର ଅନୁଯାୟୀ ଏହି ଟର୍ମିନାଲ କାର୍ଯ୍ୟ ୭୦ ଶତକଡା ସରିଥିବା ଜଣାପଡିଛି। ଏହି ଟର୍ମିନାଲରେ ଦୁଇଟି ଟାଙ୍କି ରହିବ ବୋଲି ଜଣାପଡିଛି। ଏଲ୍ଏନ୍ଜି ଆମଦାନୀ, ମହଜୁଦ ଓ ରିଗ୍ୟାସିଫିକେସନ୍‌ର ଲକ୍ଷ୍ୟ ରଖାଯାଇଛି। ରାଜ୍ୟର ଶିଳ୍ପର ହବ୍ କୁହାଯାଉଥିବା ଭୁବନେଶ୍ୱର, କଟକ, ଅନୁଗୁଳ, ସମ୍ବଲପୁର, ଝାରସୁଗୁଡା, ରାଉରକେଲା ସାଙ୍ଗକୁ ସୁନ୍ଦରଗଡ, ଦେଓଗଡ, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଆଦି ୧୩ ଟି ଜିଲା ଏହି ପାଇପ୍ ଲାଇନ୍‌ରେ ଉପକୃତ ହେବେ ବୋଲି ଜଣାପଡିଛି। ଏହି ଟର୍ମିନାଲରୁ ନଗର ଗ୍ୟାସ୍ ବ ନ (ସିଜିଡି) ରେ ଆସୁଥିବା ପୂର୍ବ ଭାରତର ରା , ବୋକାରୋ, ଜାମସେଦପୁର, କୋଲକାତା ଆଦିକୁ ଯୋଗାଣ ପାଇ ଲକ୍ଷ୍ୟ ଥିବା କୁହାଯାଇଥିଲା। ଏହି ସିଜିଡି ନେଟ୍‌ୱାର୍କରୁ ଘରୋଇ, ଅଟୋ ମୋବାଇଲ୍‌ସ୍‌କୁ ସିଏନ୍ଜି ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ଶୁଦ୍ଧ ଜାଳେଣି ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଥିଲା। ଏହି ଏଲ୍ଏନ୍ଜି ଟର୍ମିନାଲରୁ ତୈଳ ନିଗମର ୩ଟି ରିଫାଇନାରୀ ଯଥା ବାରୁଣୀ, ହଳଦିଆ, ପାରାଦୀପ ସାଙ୍ଗକୁ ବାରୁଣୀ ସିନ୍ଦ୍ରି ଓ ଗୋରଖପୁର ଠାରେ ଥିବା ସାର କାରଖାନା ଉପକୃତ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଏଲ୍ଏନ୍ଜି ଦ୍ୱାରା ଓଡ଼ିଶା, ଝାଡଖଣ୍ଡ ଓ ପଶ୍ଚିମବଙ୍ଗରେ ଅଙ୍ଗାରକାମ୍ଳ ସ୍ତରକୁ କମେଇବାରେ ସକ୍ଷମ ହେବ ବୋଲି ଆଲୋଚନା ହୁଏ। ପୂର୍ବ ଭାରତର ରାଜ୍ୟମାନେ ପ୍ରାକୃତିକ ଗ୍ୟାସ୍‌ରୁ ଘରୋଇ, ଗମନାଗମନ ଶିଳ୍ପ ଆଦି କ୍ଷେତ୍ରରେ ସୁବିଧା ପାଉନଥିବାରୁ ଏସବୁ କ୍ଷେତ୍ର ସୁବିଧା ପାଇବାକୁ ଲକ୍ଷ୍ୟ ରଖାଯାଇଛି। ହେଲେ ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହେଉଥିଲେ ବି ଏହି କାର୍ଯ୍ୟ ସରିପାରିନାହିଁ। ଏହି ବୃହତ୍ ପ୍ରକଳ୍ପର ଶିଳାନ୍ୟାସବେଳେ ଭଦ୍ରକ ଜିଲାବାସୀ ଆଶା କରିଥିଲେ। ଏଥିରେ ନିଯୁକ୍ତି ମିଳିବ, ପାଇପ୍‌ରେ ଘରେ ଘରେ ଗ୍ୟାସ୍ ପହ ୍ବ, ହେଲେ ସେ ଆଶା କେବେ ପୂରଣ ହେଉଛି, ତାହା ଉପରେ ନଜର।

# ମାଟି ସାମଗ୍ରୀ ଓ ଟେରାକୋଟାର ଗାଁ ତ୍ରିସାଲିଆ, କରୋନା ଭାଙ୍ଗି ଦେଇଛି କାରିଗରଙ୍କ ଅଂଟା, ବିକ୍ରୀ ନହୋଇ ପଡ଼ି ରହିଛି ଉତ୍ପାଦିତ ସାମଗ୍ରୀ, ଚିନ୍ତାରେ କୁମ୍ଭକାର ପରିବାର, ସରକାରୀ ସହାୟତା ଦାବୀ

ଭଦ୍ରକ: ଆଧୁନିକ ସମାଜରେ ଲୋକମାନେ ମାଟି ସାମଗ୍ରୀ ବ୍ୟବହାରକୁ ନାପସନ୍ଦ କରି ଷ୍ଟିଲ ଓ ଫାଇବରକୁ ଆପଣାଉଛନ୍ତି। ପୁରାତନକାଳରେ ଆଦିମ ମଣିଷମାନେ ମାଟି ସାମଗ୍ରୀ ଗୁଡ଼ିକୁ ନିଜର ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିଲେ ବୋଲି ଅନେକ ପ୍ରମାଣ ରହିଛି। ଗ୍ରୀଷ୍ମ ଦିନେ ମାଟି ସୁରେଇରେ ଥିବା ପାଣିକୁ ପିଇଲେ ଫ୍ରିଜ୍‌ରେ ଥିବା ପାଣିଠାରୁ ଅଧିକ ତୃଷ୍ଣା ମେଂଟାଏ। ମାଟିହାଣ୍ଡିରେ ପ୍ରସ୍ତୁତ ଭାତ ହେଉ ବା ମାଂସ ତରକାରୀ ଏହାର ସ୍ୱାଦୁ ନିଆରା। ଏକଥା ଆଧୁନିକ ସମାଜରେ ସମସ୍ତେ ଅଙ୍ଗେଅଙ୍ଗେ ଅନୁଭବ କରୁଥିଲେ ସୁଦ୍ଧା ମାଟିପାତ୍ରକୁ ହେୟଜ୍ଞାନ କରି ଚାଲୁଛନ୍ତି। ମାତ୍ର ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ମହାନ୍ତିପଡ଼ା ପଂଚାୟତ ତ୍ରିସାଲିଆ ଗ୍ରାମବାସୀମାନେ ଆଜିବି ମାଟିରେ ପ୍ରସ୍ତୁତ ସାମଗ୍ରୀ ନିର୍ମାଣ କରି ପରିବାର ପ୍ରତିପୋଷଣ କରିବାରେ ସମର୍ଥ ହୋଇପାରିଛନ୍ତି। ଏଠାରୁ ଉତ୍ପାଦିତ ମାଟିପାତ୍ରର ଚାହିଦା କେବଳ ଏହି ଅ ଳର ନୁହେଁ ବରଂ ସମଗ୍ର ଜିଲ୍ଲାର ଅଧିକାଂଶ ଗୃହିଣୀଙ୍କ ଅଧିକ ପସନ୍ଦ। ମାଟିରେ ନିର୍ମିତ ହାଣ୍ଡି, କଳସି, ସୁରେଇ, ତାଉଆ, ପଲମ, ଘଡ଼ା, ଘରୋଇ ସାଜସଜ୍ଜା ସାମଗ୍ରୀ, ଦେବ ଉପାସନା ନିମନ୍ତେ ମାଟିଘୋଡ଼ା, ସରା, ଡ଼ିବି, ଝୁଣାଦାନୀ, ଦୀପ, ଢାଙ୍କୁଣୀ ଇତ୍ୟାଦି ଏଠାରେ ନିର୍ମିତ ହେଉଛି। ଏହି ସମାଗ୍ରୀ ଗୁଡ଼ିକ ପୂର୍ବରୁ ହାତରେ ପରିଚାଳିତ ଚକ ସାହାଯ୍ୟରେ ହେଉଥିବା ବେଳେ ବ ମାନ କେତେକ ବିଦ୍ୟୁତ ଚାଳିତ ଯନ୍ତ୍ରରେ ନିର୍ମାଣ କରାଯାଉଛି। ଏହି ଯଂନ୍ତ୍ର ବ୍ୟବହାର ଦ୍ୱାରା ପ୍ରତିଦିନ ଅଧିକ ପରିମାଣରେ ସାମଗ୍ରୀ ଉତ୍ପାଦିତ ହୋଇ ପାରୁଛି। ଯାହାକି ଲୋକମାନଙ୍କ ମାନଙ୍କ ଚାହିଦା ମେ ।ଇବାରେ ଏହି ଗ୍ରାମର କାରିଗରମାନେ ସଫଳ ହେଉଛନ୍ତି। ଗ୍ରାମରେ ପ୍ରାୟ ୮୦ ଗୋଟି କୁମ୍ଭକାର ପରିବାର ମଧ୍ୟରୁ ୫୦ଗୋଟି ପରିବାର ଅଧୁନା ଏହି କୌଳିକ ବୃ ିରେ ନିମଗ୍ନ ରହିଛନ୍ତି। ପୁରୁଷୋ ମ ମୁଦୁଲି, ଈଶ୍ୱର ମୁଦୁଲି, କୁମ ସାହୁ, ଜଳଧର ସାହୁ ପ୍ରମୁଖ ଏହି କାର୍ଯ୍ୟରେ ଅଗ୍ରଣୀ ଭୂମିକା ତୁଲାଇ ଆସୁଛନ୍ତି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରୀ ସ୍ତରରେ ବ୍ୟାଙ୍କ ମାଧ୍ୟମରେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏହାର ଫାଇଦା ମଧ୍ୟ ଏହି ଗ୍ରାମର ମହିଳାସଂଘ ମାନେ ନେବାକୁ ପଛାଉ ନାହାନ୍ତି। ଓଡ଼ିଶାରେ ପ୍ରସିଦ୍ଧ ଓ ଆକର୍ଷଣୀୟ ଟେରାକୋଟା କାର୍ଯ୍ୟ ମଧ୍ୟ ଏଠାରେ ପ୍ରସ୍ତୁତ କରାଯାଉଛି। ମହିଳାମାନେ ବିଭିନ୍ନ କାରୁକାର୍ଯ୍ୟ ସମ୍ବଳିତ ମୂ ି ତଥା ଘରୋଇ ସାଜସଜା ପଦାର୍ଥ ନିର୍ମାଣ କରି ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଗତ ୨୦୦୨ ମସିହାରେ ସ୍ଥାନୀୟ ଅଙ୍ଗନୱାଡ଼ୀ କର୍ମୀ ସୁଜଳା ରଣାଙ୍କ ପ୍ରଚେଷ୍ଟାରେ ଏହି ଟେରାକୋଟା କାର୍ଯ୍ୟ ଆରମ୍ଭ ହୋଇଥିଲା। ମା ଘ ବାସୁଳୀ ଓ ମା ଜଗଦମ୍ବା ମହିଳାସଂଘ ଏହି କାର୍ଯ୍ୟ ନିଜସ୍ୱ ଜ୍ଞାନ କୌଶଳରେ ଆରମ୍ଭ କରିଥିଲେ। ୨୦୧୪ ମସିହାରେ ଡ଼ିଆଇସି ପକ୍ଷରୁ ମହିଳାମାନଙ୍କୁ ତାଲିମ ଦିଆଯାଇ ଲୋକଙ୍କ ପସନ୍ଦ ମୁତାବକ ସାମଗ୍ରୀ ନିର୍ମାଣ କରି ଭଦ୍ରକ, ବାଲେଶ୍ୱର, ଅନୁଗୋଳ, ଭୁବନେଶ୍ୱର, କେନ୍ଦୁଝର ଆଦି ଜିଲ୍ଲାର ଆୟୋଜିତ ବିଭିନ୍ନ ମେଳାରେ ବିକ୍ରୀ କରି ବେଶ ଲାଭବାନ ହୋଇ ପାରିଛନ୍ତି। ଇତି ମଧ୍ୟରେ ବ୍ୟାଙ୍କ ଋଣ ପାଇବା ପରେ ଏହି ସଂଘ ଅଧିକରୁ ଅଧିକ ସମାଗ୍ରୀ ଉତ୍ପାଦିତ କରି ଓଡ଼ିଶାର କୋଣ ଅନୁକୋଣରେ ଯୋଗାଇ ଆସୁଛନ୍ତି। ଏହି ଗାଁର ଝିଅ ଏଲିନା ସାହୁଙ୍କ ତାଲିମ ମହିଳା ସଂଘକୁ ଆଧୁନିକ ସମାଗ୍ରୀ ପ୍ରସ୍ତୁତ କରିବାରେ ପ୍ରେରଣା ଯୋଗାଇଛି। ଏହି ଟେରାକୋଟା ସମାଗ୍ରୀ ବିଭିନ୍ନ ମେଳାରେ ପ୍ରଦର୍ଶିତ କରି ଅନେକ ପୁରସ୍କାର ପାଇଛି ଏହି ସଂଘ। ଏଠାରେ ଟେରାକୋଟା ଏକ କୁଟୀର ଶିଳ୍ପରେ ପରିଣତ ହୋଇଛି।

# କନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମଣ ଉପରମୁହାଁ:ଆଜି ୧୯୩ ପଜିଟିଭ ଏବଂ ଆକ୍ଟିଭକେଶ ୧୦୭୮ :ସଠିକ ମୃତ୍ୟୁ ସଂଖ୍ୟା ଦର୍ଶାନଯିବା ଉପରେ ଉଠିଲା ପ୍ରଶ୍ନ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ କରୋନା ଗ୍ରାଫ ଉପରମୁହାଁ ହୋଇ ଚାଲିଛି। ସଂକ୍ରମଣଙ୍କ ସଂଖ୍ୟା ବଢି ବଢି ଚାଲିଛି। ଏହାକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ଅମାନିଆଙ୍କ ସଂଖ୍ୟା ମଧ୍ୟ କମୁ ନାହିଁ। ଆଜି ଜିଲ୍ଲାରେ ୧୯୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୬୧ ଜଣ ସୁସ୍ଥ ହୋଇ ମଧ୍ୟ ଘରକୁ ଫେରିଥିବା ଜଣା ପଡିଛି। ଆଜି ଚିହ୍ନଟଙ୍କ ମଧ୍ୟରେ ପୁଣି କେନ୍ଦୁଝର ସଦର ବ୍ଲକ ଅଂଚଳରେ ୩୩ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଗଡ ମ୍ୟୁନିସପାଲଟି ଅଂଚଳରେ ୩୧ ଜଣ ରହିଛନ୍ତି। ଅନୁରୁପ ଭାବେ ବଂଶପାଳ ବ୍ଲକ ଓ ଯୋଡା ବ୍ଲକ ଅଂଚଳରେ ୧୫ ଜଣ ଲେଖାଁଏ , ବଡବିଲ ମ୍ୟୁନିସପାଲଟି ଅଂଚଳରେ ୨୮ ଜଣ , ଯୋଡା ମ୍ୟୁନିସପାଲଟି ଓ ପାଟଣା ବ୍ଲକ ଅଂଚଳରେ ୧୩ ଜଣ ଲେଖାଁଏ , ଚମ୍ପୁଆ ବ୍ଲକ ଓ ଘଷିପୁରା ବ୍ଲକ ଅଂଚଳରେ ୭ ଜଣ ଲେଖାଁଏ , ଘଷିପୁରା ବ୍ଲକ ଓ ହରିଚନ୍ଦନପୁର ବ୍ଲକ ଅଂଚଳରେ ୬ ଜଣ ଲେଖାଁଏ ,ସାହାରପଡା ବ୍ଲକ ଅଂଚଳରେ ୫ ଜଣ , ଆନନ୍ଦପୁର ବ୍ଲକ ଅଂଚଳରେ ୪ ଜଣ , ଝୁମ୍ପୁରା ବ୍ଲକ ଅଂଚଳରେ ୩ ଜଣ , ହାଟଡିହି ବ୍ଲକ , ଚମ୍ପୁଆ ବ୍ଲକ , ତେଲକୋଇ ବ୍ଲକ ଅଂଚଳରେ ୨ ଜଣ ଲେଖାଁଏ , ଆନନ୍ଦପୁର ମ୍ୟୁନିସପାଲଟି ଅଂଚଳରେ ୧ ଜଣ ଚିହ୍ନଟ ହୋଇଛନ୍ତି । ଫଳରେ କେନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଏବେ ସର୍ବମୋଟ ୧୨,୦୮୬ ରହିଥିବା ବେଳେ , ଇତି ମଧ୍ୟରେ ୧୦୯୬୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏବଂ ଆକ୍ଟିଭ କେଶ ୧୦୭୮ ରହିଛି । ଗତ୨୪ ଘଟଂା ମଧ୍ୟରେ ୧୭୦୧ ଜଣଙ୍କର କୋଭିଡ ଟେଷ୍ଟ ହୋଇଛି। ଏବଂ ଜିଲ୍ଲାରେ କରୋନା ମୃତ୍ୟୁ ୪୬ ରେ ରହିଛି। କିନ୍ତୁ ଏପଟେ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ଥିବା ରାଙ୍କି ସ୍ଥିତ କୋଭିଡ ହସପିଟାଲ ଏବଂ ଧରଣୀଧର କଲେଜସ୍ଥିତ ଦୁଇଟି କୋଭିଡ ସେଟଂରରେ ଚିକିତ୍ସା ଅବସ୍ଥାରେ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବଢୁଥିବା ସତ୍ୱେ ତାହା ସରକାରୀ ରେକର୍ଡଭୁକ୍ତ ନହେବା ତଥା ଦର୍ଶା ନ ଯିବା ଉପରେ ସଚେତନ ବରିଷ୍ଠ ନାଗରିକମାନେ ପ୍ରଶ୍ନ କରିଛନ୍ତି ଯାହା ସ୍ୱଭାବିକ । ଅନ୍ୟ ପକ୍ଷରେ କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କର ଉପଯୁକ୍ତ ଚିକିତ୍ସା ଅଭାବରୁ ସେମାନଙ୍କର ସ୍ୱାସ୍ଥବସ୍ଥା ଅଧିକ ବିଗୁଡୁଥିବା ସେମାନେ ଉନ୍ନତ ଚିକିତ୍ସା ପାଇଁ ଯାଉଥିବା ଚିକିତ୍ସାଳରେ ଜାଣିବାକୁ ପାଉଥିବା ଅଭିଯୋଗ ଆସୁଛି। ଏହାର ପ୍ରତିକାର ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକ ରହିଛି ।

## ତେଲେଙ୍ଗାନା , ଆନ୍ଧ୍ରପ୍ରଦେଶରୁ ଟ୍ରେନ୍ ଯାତ୍ରୀଙ୍କ ପାଇଁ ଏସଓପି ଜାରି କଲେ ଦିଲ୍ଲୀ ଓ ଗୋଆ ସରକାର

ଭୁବନେଶ୍ୱର: ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରୁ ଟ୍ରେନ ଯୋଗେ ଦିଲ୍ଲୀ ଯାଉଥିବା ଏବଂ ଦେଶର ଯେକୌଣସି ସ୍ଥାନରୁ ଗୋଆ ଯାଉଥିବା ଯାତ୍ରୀମାନଙ୍କ ପାଇଁ ଉଭୟ ସରକାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋଟୋକଲ୍ (ଏସଓପି) ଜାରି କରିଛନ୍ତି। ଦେଶର ଯେକୌଣସି ସ୍ଥାନରୁ ଗୋଆର ଯେକୌଣସି ଷ୍ଟେସନକୁ ଯାଉଥିବା ଯାତ୍ରୀ ଗୋଆ ରାଜ୍ୟରେ ପ୍ରବେଶ କରିବାର ୭୨ ଘଂଟା ମଧ୍ୟରେ ପରୀକ୍ଷା ହୋଇଥିବା ଆରଟିପିସିଆର ରିପୋର୍ଟ କିମ୍ବା ଦୁଇଟି ଡୋଜ୍ କୋଭିଡ୍ ୧୯ ଟୀକା ନେଇଥିବା ପ୍ରମାଣ ପତ୍ର ଦର୍ଶାଇବା ଜରୁରୀ ଅଟେ। ତେବେ ଗୋଆ ରାଜ୍ୟର ବାସିନ୍ଦା ହୋଇଥିଲେ , କାମ ପାଇଁ ଗୋଆରେ ପ୍ରବେଶ କରୁଥିବା ବ୍ୟକ୍ତି କାର୍ଯ୍ୟ ପ୍ରମାଣ ପତ୍ର / ନିଯୁକ୍ତିଦାତାଙ୍କଠାରୁ ଚିଠି କିମ୍ବା ମେଡିକାଲ ସେବାରେ ଜରୁରୀକାଳୀନ ପରିସ୍ଥିତି ପାଇଁ ବ୍ୟକ୍ତି ମାନଙ୍କୁ ଏଥିରୁ ବାଦ୍ ଦିଆଯିବ। ସେହିଭଳି ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରୁ ଦିଲ୍ଲୀ ଅଂଚଳକୁ ଯାଉଥିବା ଟ୍ରେନଗୁଡିକ ସଂପୃକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ସରକାରୀ ଅନୁଷ୍ଠାନିକ କ୍ୱାରେଂଟାଇନ/ ଦେୟଯୁକ୍ତ କ୍ୱାରେଂଟାନରେ ବାଧ୍ୟତାମୂଳକ ଭାବେ ୧୪ ଦିନ ପାଇଁ ରହିବାକୁ ପଡିବ। ଦୁଇଟି ଡୋଜ୍ କୋଭିଡ୍ ୧୯ ଟୀକା ନେଇଥିବା ପ୍ରମାଣ ପତ୍ର କିମ୍ବା ଯାତ୍ରା ପ୍ରାରମ୍ଭ ଦିନର ୭୨ ଘଂଟା ମଧ୍ୟରେ ପରୀକ୍ଷା ହୋଇଥିବା ଆରଟିପିସିଆର ନେଗେଟିଭ ରିପୋର୍ଟ ଦର୍ଶାଇବା ଜରୁରୀ ଅଟେ। ଯଦି କୌଣସି ବ୍ୟକ୍ତିଙ୍କ ସହିତ ଘର କ୍ୱାରେଂଟାଇନରେ ପାଇଁ କୌଣସି ଉପଯୁକ୍ତ ସୁବିଧା ଉପଲବ୍ଧ ନଥାଏ, ତେବେ ସେ ୭ ଦିନ ପାଇଁ ଚିହ୍ନିତ ଅନୁଷ୍ଠାନରେ / ଦେୟଯୁକ୍ତ କ୍ୱାରେଂଟାଇନ ଚୟନ କରିପାରିବେ । ଯଦି କୌଣସି ବ୍ୟକ୍ତି ପ୍ରମାଣ ପତ୍ର ଦେଖାଇ ନପାରିବେ ତେବେ ସେମାନଙ୍କୁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଗୃହ କ୍ୱାରେଂଟାଇନ ସମ୍ବନ୍ଧୀୟ ପ୍ରୋଟୋକଲ୍/ ଗାଇଡଲାଇନ / ଏସଓପି ଗୁଡ଼ିକର ଅନୁପାଳନ କ୍ଷେତ୍ରରେ ଏହିପରି ବ୍ୟକ୍ତିମାନଙ୍କୁ ୭ ଦିନ ସରକାରୀ ଅନୁଷ୍ଠାନରେ କ୍ୱାରେଂଟାଇନରେ ରଖାଯିବ ।

● ୧ମ ପୃଷ୍ଠାର ଅବଶିଷ୍ଟା ଅଂଶ

କି ତୁରନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଆରମ୍ଭ କରିବାର କ୍ଷମତା ଅଛି ।

* ଟେକ୍ନୋଲୋଜି ଦ୍ୱାରା କର୍ମଜୀବୀ ଏବଂ ସମ୍ପତିର ସୁରକ୍ଷାକୁ ବଢାଇବା ପାଇଁ, ବେଦାନ୍ତର ଆଇକନିକ୍ ସହାୟକ କମ୍ପାନୀ ବାଲକୋ ଏକ ଅତ୍ୟଧିକ ଅତ୍ୟାଧୁନିକ କେନ୍ଦ୍ରୀୟ ସୁରକ୍ଷା ଅପରେସନ୍ ସେଂଟର (ଉଝଙଉ) ବିକଶିତ କରିଛି ଯାହା ଘଟଣାର ଚିହ୍ନଟ ଏବଂ ପ୍ରଭାବଶାଳୀ ପରିଚାଳନା ପାଇଁ ପ୍ରତିକ୍ରିୟା ଭିତିକ ସୁରକ୍ଷା ଆନାଲିଟିକ୍ସ ଭଳି ଅନେକ ଅତ୍ୟାଧୁନିକ ସୁରକ୍ଷାକୁ ସମାଧାନ କରିଥାଏ । ଗୁପ୍ତ ସଂଗ୍ରହର ସାମର୍ଥ୍ୟ ବ୍ୟତୀତ ଭୂମିରେ ସୁରକ୍ଷା ଉତ୍ସ।

* ବାଲକୋ ନିକଟରେ ପରିଚୟ ପତ୍ରର ରିଅଲ୍-ଟାଇମ୍ ସ୍ଥିତି (ଆକ୍ଟିଭ୍ / ଇନ୍-ଆକ୍ଟିଭ୍) ଟ୍ରାକିଂ ପାଇଁ 'ସେଂଟିନେଲ୍' ଆବେଦନ ଆରମ୍ଭ କରିଛି, ଯାହାଦ୍ୱାରା ପ୍ଲାଂଟ ଏବଂ ଟାଉନସିପ୍ ପରିସର ମଧ୍ୟରେ କର୍ମଚାରୀଙ୍କ ଗତିବିଧି ଉପରେ କଡା ନଜର ରଖାଯିବ ।

* ଉତ୍ପାଦନ ନିର୍ବାହ ପ୍ରଣାଳୀ ସମସ୍ତ ଜଟିଳ ପ୍ଲାଂଟ କାର୍ଯ୍ୟର ଦୃଶ୍ୟତାକୁ ସୁନିଶ୍ଚିତ କରେ ଏବଂ ମୋବାଇଲ୍ ପ୍ରୟୋଗ ମାଧ୍ୟମରେ ଦୂରରୁ ନିଷ୍ପତି ନେବାକୁ ଅନୁମତି ଦେଇଥାଏ, ଯେତେବେଳେ କର୍ମଚାରୀ ମାନେ ସାମାଜିକ ଦୂରତା ବଜାୟ ରଖିପାରିବେ ଏବଂ ତଥାପି ପ୍ଲାଂଟ ଫ୍ଲୋରରେ ସେମାନଙ୍କର କାର୍ଯ୍ୟକଳାପ ପୂରଣ କରିପାରିବେ ।

* ବେଦାନ୍ତ ଆଲୁମିନିୟମ ଏବଂ ଶକ୍ତି ବ୍ୟବସାୟ ହେଉଛି ଭାରତର ପ୍ରଥମ ଧାତୁ ଏବଂ ଖଣି କମ୍ପାନୀ ଯାହାକି ଝଇଚ ୫୪ଐଇଘଇ ର ସମ୍ପୂର୍ଣ୍ଣ ପରିସର କାର୍ଯ୍ୟକାରୀ କରିଛି ଯାହା ଏହାର ସମସ୍ତ କାର୍ଯ୍ୟକଳାପକୁ ସ୍ୱୟଂଚାଳିତ କରିଛି ।

* ଦ୍ରବ୍ୟ, ସାମଗ୍ରୀ ଏବଂ ସେବାଗୁଡିକର ଜଟିଳ ଏବଂ ବିବିଧ କ୍ରୟ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଏବଂ ଆନାଲିଟିକ୍ସ ସହିତ ସମର୍ଥିତ ଅଟେ ଯାହାଦ୍ୱାରା ବହୁ ମୂଲ୍ୟ ହ୍ରାସ, ତୀବ୍ର ଙ୨ଉ ଚକ୍ର ଏବଂ ବ୍ୟବସାୟ ହୃଦୟଙ୍ଗମ ହୁଏ ।

* ପୁନରାବୃତି ପ୍ରକ୍ରିୟାଗୁଡ଼ିକୁ ଅପ୍ଟିମାଇଜ୍ କରିବା ବେଳେ ଦକ୍ଷତା ବୃଦ୍ଧି ପାଇଁ ରୋବୋଟିକ୍ସ ପ୍ରୋସେସ୍ ଅଟୋମେସନ୍ ପରୀକ୍ଷା କରାଯାଉଛି ।

* ପ୍ଲାଂଟ ମଧ୍ୟରେ, ଜିପିଏସ୍, ଆରଏଫଆଇଡି ସେନ୍ସର, କିମ୍ବା (ଅପରେସନ୍ସ ରିସର୍ଚ୍ଚ) ଆଧାରିତ କାର୍ଯ୍ୟସୂଚୀ ମଡେଲିଂ ପ୍ରତ୍ୟେକ ଅପରେସନ୍ ପଏଂଟରେ ସ୍ୱୟଂଚାଳିତ କାର୍ଯ୍ୟକ୍ଷମ ପାରାମିଟର କ୍ୟାପଚର କରିଥାଏ, ଯାହା ଦ୍ୱାରା ସର୍ବନିମ୍ନ ଶାରୀରିକ ନିକଟତରତା ସୁନିଶ୍ଚିତ ହୋଇଥାଏ ।

* କମ୍ପାନୀର ପ୍ରତିଯୋଗିତାମୂଳକ ଧାରକୁ ତ୍ୱରାନ୍ୱିତ କରିବା ପାଇଁ ଆଲୁମିନିୟମରେ ପରବର୍ତୀ ନୂତନ ଉଦ୍ଭାବନ କରିବା ପାଇଁ ଏକ 'ସେଂଟର ଅଫ୍ ଇନୋଭେସନ୍ ଏକ୍ସଲେନ୍ସ' ପ୍ରତିଷ୍ଠା କରାଯାଇଛି । ଗବେଷଣା ଏବଂ ବିକାଶ, ବୈଷୟିକ, ଅପରେସନ୍ ଏବଂ ମାର୍କେଟିଂ ପରି ପ୍ରମୁଖ ଭୂଲମ୍ବରୁ ଚିନ୍ତାଧାରାର ଚରମ ସୀମା କେନ୍ଦ୍ର ଦେଖେ ।

* ବେଦାନ୍ତର 'ସେଂଟର ଅଫ୍ କ୍ୱାଲିଟି ଏକ୍ସଲେନ୍ସ' ଏହାର ମୂଲ୍ୟ ଶୃଙ୍ଖଳା ମଧ୍ୟରେ କ୍ରୟଠାରୁ ଆରମ୍ଭ କରି ବିକ୍ରୟ ପର୍ଯ୍ୟନ୍ତ ସର୍ବଭାରତୀୟ ଶ୍ରେଷ୍ଠ ମାନର ସୁନିଶ୍ଚିତ କରେ ।

* ବେଦାନ୍ତ ସ୍ପାର୍କ, ଏକ ଷ୍ଟାର୍ଟ ଅପ୍ ଇନକ୍ୟୁବେଟର, ଧାରଣାକୁ ଉତ୍ସାହିତ କରେ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟାକୁ ତ୍ୱରାନ୍ୱିତ କରେ । କମ୍ପାନୀ ଶିଳ୍ପ ପାଇଁ ବିଭିନ୍ନ ବ୍ୟବସାୟ ସମାଧାନ ଉପରେ ୨୦ ରୁ ଅଧିକ ଷ୍ଟାର୍ଟ ଅପ୍ ସହିତ କାର୍ଯ୍ୟ କରିସାରିଛି ।

* ବେଦାନ୍ତ ସାଥୀ, ଭାରତୀୟ ଏମ୍ଏସ୍ଏମ୍ଇ ପାଇଁ କମ୍ପାନୀର ନିକଟରେ ଆରମ୍ଭ ହୋଇଥିବା ଫ୍ଲାଗସିପ୍ ପଦକ୍ଷେପ, ବେଦାନ୍ତ ସହଭାଗିତାରେ ସେମାନଙ୍କ ବ୍ୟବସାୟକୁ ବଢାଇବା ତଥା ବିକଶିତ କରିବା ପାଇଁ ଏମଏସଏମଇ ପାଇଁ ଇ-କମର୍ସ ଭଳି ଟେକ୍ନୋଲୋଜି ବୃଦ୍ଧି ଏବଂ ଡିଜିଟାଲ ସମାଧାନ ପ୍ରଦାନ କରିଥାଏ।

ବେଦାନ୍ତ ଲିମିଟେଡର ଏକ ବିଭାଗ ବେଦାନ୍ତ ଆଲୁମିନିୟମ ଏବଂ ଶକ୍ତି ବ୍ୟବସାୟ , ଆଲୁମିନିୟମର ଭାରତର ସର୍ବବୃହତ ଉତ୍ପାଦକ ଅଟେ, ଯାହା ଋଣ୨୦ ରେ ଭାରତର ଆଲୁମିନିୟମର ପ୍ରାୟ ଅଧା ବା ବାର୍ଷିକ ୧.୯ ମିଲିୟନ ଟନ୍ ଉତ୍ପାଦନ କରିଥାଏ ଏବଂ ଏହା ମଧ୍ୟ ଦେଶର ବୃହତମ ଘରୋଇ ଶକ୍ତି ଉତ୍ପାଦନକାରୀ ମାନଙ୍କ ମଧ୍ୟରୁ ଅନ୍ୟତମ । ବାଲକୋ ବେଦାନ୍ତର ଆଲୁମିନିୟମ ଏବଂ ଶକ୍ତି ବ୍ୟବସାୟର ଏକ ଅଂଶ । ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦଗୁଡ଼ିକରେ ବେଦାଂ ଏକ ଅଗ୍ରଣୀ ଅଟେ ଯାହା ମୂଳ ଶିଳ୍ପରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ଖୋଜେ । ଏହାର ବିଶ୍ୱ ସ୍ତରୀୟ ସ୍ମେଲଟର, ପାୱାର ପ୍ଲାଂଟ ଏବଂ ଆଲୁମିନା ରିଫାଇନାରୀ ସମଗ୍ର ଭାରତରେ ବ୍ୟାପିବା ସହିତ କମ୍ପାନୀ ଆସନ୍ତାକାଲି ସବୁଜ ପାଇଁ ଆଲୁମିନିୟମର ଉଦୀୟମାନ ପ୍ରୟୋଗକୁ 'ଭବିଷ୍ୟତର ଧାତୁ' ଭାବରେ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ପୂରଣ କରିଛି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


## ଟିକା ଆସିଲେ ଘରୋଇ ହସ୍ପିଟାଲକୁ ଦିଆଯିବ

ଭୁବନେଶ୍ୱର: ଆଉ ଟିକା ଆସିଲେ ଘରୋଇ ହସ୍ପିଟାଲ ଗୁଡିକୁ ଦିଆଯିବ ବୋଲି କହିଛନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର ପ୍ରେମ୍ ଚନ୍ଦ୍ର ଚୌଧୁରୀ। ଟିକାକରଣ ପାଇଁ ଭୁବନେଶ୍ୱରରେ ୩୧ ଟି ଘରୋଇ ହସ୍ପିଟାଲ ଚିହ୍ନଟ କରାଯାଇଥିଲା। ଏପର୍ଯ୍ୟନ୍ତ କୌଣସି ଘରୋଇ ହସ୍ପିଟାଲକୁ ଟିକା ଦିଆଯାଇନାହିଁ। ଆମ ପାଖକୁ ୧.୫ ଲକ୍ଷ ଟିକା ଆସିଥିଲା ଏବଂ ସେଥିପାଇଁ ସ୍ଲଟ୍ ବୁକିଂ ହୋଇସାରିଛି।୧୯ ପର୍ଯ୍ୟନ୍ତ ସ୍ଲଟ୍ ବୁକିଂ ହୋଇସାରିଥିବାରୁ ତାକୁ କ୍ୟାନସେଲ କରାଯାଇପାରିବନି। ଆଉ ଅଧିକ ଟିକା ଆସିଲେ ଘରୋଇ ହସ୍ପିଟାଲକୁ ଦିଆଯିବା ବ୍ୟବସ୍ଥା କରାଯିବ।ଅପରପକ୍ଷରେ ଏସପ୍ଲାନେଡ୍ ମଲ୍ ପରି ଆଉ ୩ଟି ସ୍ଥାନ ବିଏମସି ନିର୍ଦ୍ଧାରଣ କରିଛି। ସେଠାରେ ଲୋକେ ଯାଇ ଭ୍ୟାକ୍ସିନ ନେଇପାରିବେ ବୋଲି ସେ କହିଛନ୍ତି।

# ମୋରଡା ବିଧାନସଭା ଅଞ୍ଚଳରେ ୧୦୦ ଏକର ସରକାରୀ ଜମି ଇଡକୋକୁ ଆବଣ୍ଟନ କରିବାକୁ ସଚେତନ ନାଗରିକ ମଞ୍ଚ ସଭାପତି କିଶୋର ଦାଶଙ୍କ ଦାବୀ

ବାରିପଦା: ଅତୀତରେ ବାରିପଦା ମ୍ୟୁନସିପାଲିଟି ଏବଂ ବାରିପଦା ବ୍ଲକ ଅଧିନରେ ଯେତିକି ସରକାରୀ ଜମି ଇଡକୋକୁ ଶିଳ୍ପ ସ୍ଥାପନ ନିମନ୍ତେ ଆବଣ୍ଟନ କରାଯାଇଛି, ତାହାକୁ ଆଜି ପର୍ଯ୍ୟନ୍ତ ଇଡକୋ ସୁବିନିଯୋଗ କରିପାରି ନାହିଁ । ବାରିପଦାସ୍ଥ ତକତପୁର, ଛାଞ୍ଚଠାରେ ବିଭିନ୍ନ ଶିଳ୍ପ ସଂସ୍ଥା ନିମନ୍ତେ ଯେଉଁ ଘର ଆବଣ୍ଟନ କରାଯାଇଥିଲା, ତାହା କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି, ସେଥି ମଧ୍ୟରୁ କେତେକ ଘର ଭାଙ୍ଗିବାକୁ ବସିଲାଣି କିନ୍ତୁ ଇଡକୋ ତା ଉପରେ ଧ୍ୟାନ ଦେଉ ନାହିଁ ବା ସଂପୃକ୍ତ ଶିଳ୍ପାଞ୍ଚଳ ସେଉ କିପରି କାର୍ଯ୍ୟକ୍ଷମ ହେବ ଡି.ଆଇ.ସି. ଏବଂ ଇଡକୋ ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳୁଛି। ସେହିପରି ବଡଜୁଡ ନିକଟରେ ଯେଉଁ ଜମି ଇଡକୋକୁ ଆବଣ୍ଟନ କରାଯାଇଛି ତାହା ମଧ୍ୟ ବହୁ ବର୍ଷ ଧରି କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ବର୍ତ୍ତମାନ ଇଡକୋ ପ୍ରାୟ ୧୦୦ ଏକର ସରକାରୀ ଜମି ବାରିପଦା ପାଖାପାଖି ନେବା ପାଇଁ ଚାହୁଁଛି ଏବଂ ଜିଲ୍ଲା ପ୍ରଶାସନ ବର୍ତ୍ତମାନ ବାରିପଦା ପାଖାପାଖି ସରକାରୀ ଜମି ଇଡକୋକୁ ଆବଣ୍ଟନ କରିବାକୁ ପ୍ରସ୍ତୁତି ଚଲାଇଛି, ଯାହା କୌଣସି ଦୃଷ୍ଟିରୁ ଯୁକ୍ତି ଯୁକ୍ତ ନୁହେଁ। ଅନ୍ୟ ପକ୍ଷରେ ମୋରଡା ନିର୍ବାଚନ ମଣ୍ଡଳୀରେ ରାସ୍ତା, ଘାଟ, ବିଦ୍ୟୁତ ଯୋଗାଣ ଓ ଅନୁସଙ୍ଗିକ ସୁବିଧା ସୁଯୋଗ ଅଛି । ଶୁଳିଆପଦାରେ ଏକ କାଗଜ କଳ ନିମନ୍ତେ ବହୁ ଦିନର ଦାବୀ ହୋଇ ଆସୁଛି । ତେଣୁ ଜିଲ୍ଲା ପ୍ରଶାସନ ଇଡକୋକୁ ମୋରଡା ନିର୍ବାଚନ ମଣ୍ଡଳୀରେ ୧୦୦ ଏକର ସରକାରୀ ଜମି ଆବଣ୍ଟନ କରିବାକୁ ମୟୂରଭ ସଚେତନ ନାଗରିକ ମଞ୍ଚ ସଭାପତି ତଥା ବାରିପଦା ପୂର୍ବତନ ବିଧାୟକ କିଶୋର ଦାବୀ କରିଛନ୍ତି । ଶ୍ରୀ ଦାଶ ଦର୍ଶାଇଛନ୍ତି ଯେ ମୋରଡା ନିର୍ବାଚନ ମଣ୍ଡଳୀରେ ଇଡକୋ ଶିଳ୍ପ ସ୍ଥାପନ ନିମନ୍ତେ ୧୦୦ ଏକର ସରକାରୀ ଜମି ନେଲେ ନୂତନ ଶିଳ୍ପ ସହିତ ଯୁବକମାନେ ଆତ୍ମନିର୍ଭର ହେବେ ଏବଂ ଅଧିକ ନିଯୁକ୍ତି ପାଇବେ, କିନ୍ତୁ ବାରିପଦା ନିକଟରେ ସରକାରୀ ଜମି ଇଡକୋକୁ ଯୋଗାଇ ଦେଲେ ଧନୀ ଲୋକ ଶିଳ୍ପ ସ୍ଥାପନ ନିମନ୍ତେ ଜମି ନେଇ ତାହାକୁ ଅନ୍ୟ ଲାଭଜନକ କାର୍ଯ୍ୟରେ ଲଗାଇବେ। ଯାହା ବର୍ତ୍ତମାନ ତକତପୁର ଶିଳ୍ପାଞ୍ଚଳରେ ଦେଖିବାକୁ ମିଳୁଛି। ତେଣୁ ଜିଲ୍ଲାପାଳ ମୋରଡା ନିର୍ବାଚନ ମଣ୍ଡଳୀରେ ଇଡକୋକୁ ୧୦୦ ଏକର ଜମି ଆବଣ୍ଟନ କରିବାକୁ ଦାବୀ କରିଛନ୍ତି । ମୋରଡା ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ ଏକାନ୍ତ ଜରୁରୀ ବୋଲି ପୂର୍ବତନ ବିଧାୟକ ଶ୍ରୀଯୁକ୍ତ କିଶୋର ଦାଶ କହିଛନ୍ତି ।

## ଜଣେ ଅମ୍ଳାନ ପ୍ରତିଭା - ପ୍ରୋଫେସର ନିତ୍ୟାନନ୍ଦ ମିଶ୍ର

ଅନୀଲ କୁମାର ପାଢୀ

ମାତ୍ର କତିପୟ ପ୍ରତିଭା ଧରାପୃଷ୍ଠରେ ପ୍ରତିଭାତ ହୁଅନ୍ତି ପ୍ରୋଫେସର ନିତ୍ୟାନଂଦ ମିଶ୍ରଙ୍କ ପରି ଯିଏ ଏକାଧାରରେ ଜଣେ ପ୍ରଶାସକ, ଅଧ୍ୟାପକ, ସଂଗଠକ, ସମାଜସେବୀ ଏବଂ ସାହିତ୍ୟିକ ହେବା ସତ୍ତ୍ୱ ନିରାଡାମ୍ବର ଜୀବନଯାପନ କରିଥା’ନ୍ତି । କେନ୍ଦ୍ରାପଡାରେ ଜନ୍ମିତ ପ୍ରୋଫେସର ମିଶ୍ର ନିଜ ଜନ୍ମମାଟିର ମମତ୍ୱର ମର୍ମବ୍ୟାଖ୍ୟା ଯେପରି କରନ୍ତି, ନିଜର କର୍ମକ୍ଷେତ୍ର ଢେଙ୍କାନାଳର ଇତିହାସ, ସଂସ୍କୃତି, ଅନୁଷ୍ଠାନ ଓ ସାହିତ୍ୟ ବିଷୟରେ ତତୋଧିକ ସମ୍ବେଦନଶୀଳ ହୋଇ ଜୀବନର ଦୀର୍ଘ ପଚସ୍ତରୀ ବର୍ଷର ସଂଘର୍ଷ, ସଂଘାତ, ଉତ୍ଥାନ, ପତନ, ଉକ୍ରମଣର ଅନାବିଳ ଗାଥାକୁ ପ୍ରକାଶକରନ୍ତି ତାଙ୍କର ଉପନ୍ୟାସ ‘ପରିବ୍ରାଜକର ଡାଏରୀ‘ ରେ । ‘ପରିବ୍ରାଜକର ଡାଏରୀ ସ୍ଥୁଳତଃ ଏକ ଉପନ୍ୟାସ ଭାବରେ ଓଡିଆ ବାଣୀଭଣ୍ଡାରର ଏକ ରତ୍ନ ହେଲେହେଁ ବୈକଳ୍ପିକ ଐତିହାସିକ, ରାଜନୀତିକ ଓ ସାଂସ୍କୃତିକ ସମସାମୟିକତାର ଏକ ନିଟୋଳ ଜ୍ୟାମିତି । ମାଟି ସଂଲଗ୍ନ ହେବା, ମାଟିମନସ୍କତାରୁ ଅତିନ୍ଦ୍ରିୟତା ଭିତରକୁ ଉତ୍ଥାପିତ ହେବା ଏବଂ ପରିଶେଷରେ ଜଣେ ସେବକଭାବରେ ଲବ୍ଧ ଜ୍ଞାନକୁ ବିକିରୀତ କରିବାର ଅନନ୍ୟ ବ୍ୟକ୍ତିତ୍ୱ ପ୍ରୋଫେସର ନିତ୍ୟାନନ୍ଦ ମିଶ୍ର ! ଏହାହିଁ ସ୍ୱତଃ ମନରେ ତାଙ୍କ ପ୍ରତି ଜିଜ୍ଞାସା ଜାତକରାଏ । ଅନୁସନ୍ଧିତ୍ସାର ଝୁଂକ ଜାଗେ । ପୂଜ୍ୟପୂଜାର ପରଂପରା ଭିତରେ ଗଢିଉଠିଥିବା ଉତ୍କଳୀୟ ସଂସ୍କୃତି କେବେ ବି ଏହାର ସୁପୁତ୍ରମାନଙ୍କୁ ଅବହେଳିତ କରିନାହିଁ । ସେହି ଦୃଷ୍ଟିରୁ ପ୍ରୋଫେସର ମିଶ୍ରଙ୍କ ଅଲୌକିକ ଜୀବନଯାତ୍ରା ଉପରେ ଏକ ବିହଙ୍ଗାବଲୋକନର ଆବଶ୍ୟକତା ଅଛି । ଓଡିଶା ପ୍ରଶାସନିକ ସେବାରେ ଯୋଗଦାନ ପରେ ହଠାତ୍ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମିଶ୍ରଙ୍କର ହୃଦବୋଧ ହୁଏଯେ ସେ ହୁଏତ ଐନ୍ଦ୍ରିଜାଲିକ ଏକ ରଂଗୀନ ଦୁନିଆରେ ପଦାର୍ପଣ କରିଛନ୍ତି ଯେଉଁଠି ଆଭିଜାତ୍ୟ ଅଛି, ଅର୍ଥ ଅଛି, ପ୍ରତିଷ୍ଠା ଅଛି, ହେଲେ, ସେୟା ନାହିଁ ଯାହା ସେ କରିବାକୁ ଚାହିଁଥିଲେ । ଓଏଏସ୍ ଚାକିରୀକୁ ଆଡେଇଦେଇ ପୁନଶ୍ଚ ଓଇଏସ୍ ଚାକିରୀରେ କୃତକାର୍ଯ୍ୟ ହେଲାପରେ ସେ ସରକାରୀ ଅଧ୍ୟାପକ ଭାବେ ଯୋଗଦିଅନ୍ତି ଢେଙ୍କାନାଳ ସରକାରୀ ମହାବିଦ୍ୟାଳୟରେ । ଏଇଠି ସେ ଜୀବନକୁ ବୁଝନ୍ତି ଓ ବୁଝାନ୍ତି ! ଛାତ୍ରବତ୍ସଳ ଓ ଧୀମାନ ଅଧ୍ୟାପକ ହିସାବରେ ବେଳକୁବେଳ ପ୍ରସାରିତ ହେଲାବେଳେ ତାଙ୍କର ପୁନଶ୍ଚ ଅନୁଭବ ହୁଏ ଯେ ଜ୍ଞାନ ବିତରଣ ତ ଠିକ୍, ହେଲେ, ଜୀବନର ବିଶାଳ ପଥ ଏପରି ଏକଦିଗବର୍ତ୍ତୀ ହେବା ପୁନଃପୌନିକତାରେ ପୂର୍ଣ୍ଣ ଏବଂ ଏହି ଚେତନାର ଅଭ୍ୟୁଦୟ ଧୀରେଧୀରେ ତାଙ୍କୁ ଜଣେ ସମାଜସେବୀ, ସଂଗଠକ ଓ ସାହିତ୍ୟିକରେ ରୂପାନ୍ତରିତ କରେ ।

**ସଂଗଠକ ପ୍ରୋଫେସର ନିତ୍ୟାନନ୍ଦ ମିଶ୍ର :** ଜଣେ ଦୂରଦୃଷ୍ଟିସମ୍ପନ୍ନ ସଂଗଠକ ହିସାବରେ ସେ ମୁଖ୍ୟତଃ ଢେଙ୍କାନାଳକୁ ତାଂକର କର୍ମକ୍ଷେତ୍ରରୂପେ ବାଛିନେଇଥିଲେ ହେଁ ଇତିହାସର ଅଧ୍ୟାପକ ହିସାବରେ ଢେଙ୍କାନାଳର ଗଡଜାତ ଅଂଚଳର ବିଭୂତିମାନଙ୍କୁ ସଜେଇ ସେ ବହୁ ଚରିତ ଉପନ୍ୟାସମାନ ରଚନା କରିଛନ୍ତି । ସେ ଜାଣିଥିଲେ ଯେ ବାଲିରେ ପୋତିପଡିଥିବା ଶ୍ରୀମନ୍ଦିରର ଉଦ୍ଧାର ପରି ଢେଙ୍କାନାଳର ଗୌରବମୟ ଇତିହାସ ଯାହା ଅବଲୁପ୍ତ ହେବାକୁ ବସିଛି, ତାକୁ ପୁଣିଥରେ ଉଠେଇଆଣିବାକୁ ପଡିବ । ଐତିହାସିକ ତଥ୍ୟର ପୁନରୁତ୍ଥାନ ବିନା ସାହିତ୍ୟ - ସାଂସ୍କୃତିକ ଚେତନାର ଅଭ୍ୟୁତ୍ଥାନ ଅସମ୍ଭବ । ଏଣୁ, ଢେଙ୍କାନାଳର ବିଭିନ୍ନ ଅନୁଷ୍ଠାନର ସଭାପତି ଅବା ସଦସ୍ୟ ଭାବେ ସେ ସାଧାରଣ ଲୋକଟିର ମନରେ ନିଜର ମାତୃଭୂମି ପ୍ରତି ସମ୍ମାନ ଜଗେଇବାରେ ସମର୍ଥ ହୋଇଥିଲେ । ସେ ବହୁ ଅନୁଷ୍ଠାନ ସହିତ ଜଡିତ ଥିଲେ ହେଁ ନିମ୍ନରେ କେତୋଟି ଅତିସମ୍ପନ୍ନ ଅନୁଷ୍ଠାନର ବିବରଣୀ ଓ ପ୍ରୋଫେସର ନିତ୍ୟାନନ୍ଦ ମିଶ୍ରଙ୍କର ତହିଁରେ ଯୋଗଦାନ ଓ କର୍ତ୍ତବ୍ୟ ନିର୍ବାହର ସୂଚନା ଦିଆଗଲା :-

୧. ସଭାପତି, ଢେଙ୍କାନାଳ ସାହିତ୍ୟ ଓ ସଂସ୍କୃତି ପ୍ରତିଷ୍ଠାନ, ୧୯୭୪ - ୭୯
୨. ସଂସ୍ଥାପକ - ସଭାପତି, ଢେଙ୍କାନାଳ ଲାୟନ୍ସ କ୍ଲବ୍, ୧୯୭୬
୩. ସଭାପତି, ରଚନାତ୍ମକ କାର୍ଯ୍ୟକ୍ରମ ସମିତି, ୧୯୮୫
୪.ସଭାପତି, ଶ୍ୟାମାଚରଣପୁର ବିକାଶ ସମିତି, ୨୦୦୬ - ୧୨
୫. ସଭାପତି, ଜାତୀୟ ଜନକ୍ରାନ୍ତି ପରିଷଦ, ୨୦୦୮ - ୧୬
୬. ଅଧ୍ୟକ୍ଷ, ଫେସବୁକ ସାହିତ୍ୟ ସଂଗମ ଓ ସାହିତ୍ୟ ଉତ୍ସବ, ୨୦୧୬
୭. ସିନେଟ୍ ସଭ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୭୬
୮. ସଭ୍ୟ, ଓଡିଶା ଇତିହାସ କଂଗ୍ରେସ

**ସାହିତ୍ୟିକ ପ୍ରୋଫେସର ନିତ୍ୟାନନ୍ଦ ମିଶ୍ର :** ଜଣେ କର୍ତ୍ତବ୍ୟନିଷ୍ଠ ଅଧ୍ୟାପକ ଓ ନିଷ୍ଠାପର ସଂଗଠକ ଭାବରେ କର୍ତ୍ତବ୍ୟ ସଂପାଦନ କରିଥିବା ଶ୍ରୀଯୁକ୍ତ ମିଶ୍ର ନିଜର ପ୍ରାରମ୍ଭିକ ଜୀବନରୁ ସାହିତ୍ୟ ପ୍ରତି ପ୍ରେରିତଥିଲେ । ସେହି ଅତିନ୍ଦ୍ରିୟତା ତାଙ୍କୁ ମାତ୍ର ସାତବର୍ଷରେ ସାତଟି ଶ୍ରେଷ୍ଠ ସାହିତ୍ୟକୃତି ସୃଷ୍ଟିକରେଇବାରେ ସହାୟକ ହୋଇଥିଲା । ଓଡିଆ ବାଣୀଭଣ୍ଡାରକୁ ଏକ ଅମୂଲ୍ୟ ଦାନ ହିସାବରେ ‘ପରିବ୍ରାଜକର ଡାଉରୀ‘ କୁ ପରିଗଣିତ କରାଗଲେହେଁ ‘ଗୋପଦାଣ୍ଡର ଧୁଳି‘ ତାଙ୍କର ସବୁଠୁ ଚର୍ଚ୍ଚିତ ଉପନ୍ୟାସ । କେବଳ ଉପନ୍ୟାସ କହିଦେଲେ ଏହା ଏକ ସିମୀତ ବ୍ୟାଖ୍ୟା ଭିତରେ ଆବଦ୍ଧ ହୋଇଯିବ ! ଏସବୁ ଥିଲେ ଚରିତ ଉପନ୍ୟାସ । ଉପନ୍ୟାସର ବହୁଳ କାଳ୍ପନିକତା, ବିକ୍ଷିପ୍ତତା, ଅବାସ୍ତବତା ଇତ୍ୟାଦି ଏସବୁ ଉପନ୍ୟାସରେ ନାହିଁ । ସମ୍ଭବତଃ ଚରିତ ଉପନ୍ୟାସ ଲେଖିବା ସାହିତ୍ୟର ସବୁଠାରୁ କ୍ଳିଷ୍ଟ କାମ । ଔପନ୍ୟାସିକ ଏଥିରେ ଜଣେ ବାସ୍ତବ ଚରିତ୍ରକୁ ବା ନିଜକୁ ଗ୍ରହଣକରି ଉପନ୍ୟାସ ଶୈଳୀରେ ଇତିହାସର ଘଟପରିବର୍ତ୍ତନ ରୂପକ ଉପସ୍ଥାପିତ କରେଇବ । ଚାରୋଟି ଚରିତ ଉପନ୍ୟାସର ଜନକ ପ୍ରୋଫେସର ନିତ୍ୟାନନ୍ଦ ମିଶ୍ରଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ ! ଏପରି ଉପନ୍ୟାସ କ୍ଷେତ୍ରରେ ଔପନ୍ୟାସିକର ମୁକ୍ତହସ୍ତ ନଥାଏ ବା ସେ ନିଜର ଖିଆଲ ମୁତାବକ ନା ଚରିତ୍ରମାନଙ୍କୁ ପରିଚାଳିତ କରିପାରିବ ନା ଘଟଣାକ୍ରମକୁ ! ତଥାପି, କାଳେ ଉପନ୍ୟାସଟି ଏକ ଐତିହାସିକ ଦସ୍ତାବିଜ ପାଲଟିଯିବ, ଏହି ଭୟ ବି ଥିବ ! ବାସ୍ତବତା, ଅଧିକନ୍ତୁ ଏକ ଅଞ୍ଚଳର ଐତିହାସିକ-ସାଂସ୍କୃତିକ ବିଷୟବସ୍ତୁକୁ ଉପନ୍ୟାସରେ ନେବା ଏବଂ ଏଥିସହିତ ପ୍ରକୃତ ଘଟଣା ଓ ଚରିତ୍ରମାନଙ୍କୁ ସଂଶ୍ଳିଷ୍ଟ କରେଇବା ସତ୍ତ୍ୱ ଏହାକୁ ଇତିହାସ ନୁହେଁ ଉପନ୍ୟାସ ଭାବରେ ପରିଚିତ କରେଇବା ନିଶ୍ଚିତଭାବରେ ଏକ କଷ୍ଟସାଧ କାର୍ଯ୍ୟ ।

‘ପରିବ୍ରାଜକର ଡାଏରୀ‘ ଚରିତ ଉପନ୍ୟାସରେ ସେ କେନ୍ଦ୍ରାପଡାରେ ତାଙ୍କର ଜନ୍ମ ଓ ରହଣି ସମେତ ଗଡଜାତ ଢେଙ୍କାନାଳର ଦୀର୍ଘ ୪୫ ବର୍ଷର ସାଂସ୍କୃତିକ ଇତିହାସକୁ ଲିପିବଦ୍ଧ କରିଛନ୍ତି । ଏହାର ମୁଖ୍ୟ ଚରିତ୍ର ଔପନ୍ୟାସିକ ନିଜେ, ଏଣୁ, ଏହି ଚରିତ ଉପନ୍ୟାସରେ ପ୍ରୋଫେସର ନିତ୍ୟାନନ୍ଦ ମିଶ୍ରଙ୍କର ନିଜସ୍ୱ ଦୃଷ୍ଟିକୋଣ ଓ ଅନୁଶୀଳନକୁ ପରଖିବାର ଏକ ବିରଳ ସୁଯୋଗ ପାଠକେ ପାଇବେ ନିଶ୍ଚୟ । ବହୁ ସମାଲୋଚକ ଏହାକୁ ପ୍ରୋଫେସର ମିଶ୍ରଙ୍କର ଶ୍ରେଷ୍ଠତମ ସୃଷ୍ଟି ହିସାବରେ ଗ୍ରହଣ କରୁଥିଲେ ହେଁ ତାଙ୍କର ଚରିତ ଉପନ୍ୟାସ ‘ଗୋପଦାଣ୍ଡର ଧୁଳି ‘ ଚରିତ ଉପନ୍ୟାସ ଅଧିକ ଚର୍ଚ୍ଚିତ ଓ ପାଠକାଦୃତ । ‘ଗୋପଦାଣ୍ଡର ଧୁଳି‘ ଉପନ୍ୟାସଟି ଚର୍ଚ୍ଚିତ ହେବାର ମହାନ କାରଣଟି ହେଲା ଏହାର ମୁଖ୍ୟ ଚରିତ୍ର ହେଉଛନ୍ତି ଶ୍ରୀ ଗୋପବନ୍ଧୁ ଦାସ । ଗୋପବନ୍ଧୁଙ୍କ କଥା ମନକୁ ଆସିବା ମାତ୍ରେ ସ୍ୱତଃ ନିଜର ଦେଶ, ଜାତି, ମାତୃଭାଷା ଓ ଦରିଦ୍ରମାନଙ୍କ ପ୍ରତି ଭଲପାଇବା ଓ ସମ୍ମାନବୋଧ ଜାତହୁଏ । ଗୋପବନ୍ଧୁଙ୍କ ଉପରେ ନା କମ୍ ଆଲୋଚନା ହୋଇଛି ନା କମ୍ ବହି ଲେଖାଯାଇଛି ! ଓଡିଶାର ପୁରପଲ୍ଲୀରେ ଉତ୍କଳମଣି ଅଗ୍ରନମସ୍ୟ ! ଉତ୍କଳମଣିଙ୍କର କଥା ଓ କାର୍ଯ୍ୟ ଅକ୍ଷେବହୁତେ ସଭିଙ୍କୁ ଜଣା । ଏପରି ଜଣେ ବିଖ୍ୟାତ ମହାପୁରୁଷଙ୍କୁ ନେଇ ଚରିତ ଉପନ୍ୟାସଟିଏର କଳ୍ପନା କରିବା ଏବଂ ତାକୁ ଏତେ ଲୋକପ୍ରିୟ କରେଇପାରିବା, ନିଶ୍ଚିତଭାବରେ ପ୍ରୋଫେସର ନିତ୍ୟାନନ୍ଦ ମିଶ୍ରଙ୍କର ସୃଜନକର୍ମର ଦକ୍ଷତାକୁ ପ୍ରତିପାଦିତ କରାଏ । ଏହି ଚରିତ ଉପନ୍ୟାସରେ ରହିଛି ଉତ୍କଳମଣିଙ୍କ ବିଷୟରେ ବହୁ ଅନାଲୋଚିତ ପ୍ରସଙ୍ଗ !

ପ୍ରୋଫେସର ନିତ୍ୟାନନ୍ଦ ମିଶ୍ର କେବଳ ଚରିତ ଉପନ୍ୟାସ ନୁହଁନ୍ତି, ଏକପଦୀ, ଗୀତିକବିତା ଓ ସମାଲୋଚନା ସାହିତ୍ୟରେ ବି ଧୁରୀଣ । ତାଙ୍କ କବିତାର ଭାବ, ଭାଷା ଓ ଶୈଳୀ ଅନନ୍ୟ, ଯେମିତି ପ୍ରତ୍ୟେକଟି କବିତା ପାଠକ ହୃଦୟରେ ଏକ ତାଳମୟ ଧ୍ୱନି ବା କଂପନ ସୃଷ୍ଟି କରିପାରିବ ! ତାଙ୍କ କବିତା ସଂଲଗ୍ନ ହେଲେ, ପାଠକଟିଏ ଆପଣାଛାଏଁ ବାନ୍ଧି ହୋଇଯିବ, ଟାଣି ହୋଇଯିବ । ପ୍ରୋଫେସର ନିତ୍ୟାନନ୍ଦ ମିଶ୍ରଙ୍କର ସାହିତ୍ୟକୃତି ସଂପର୍କରେ କ୍ଷୁଦ୍ର ବିବରଣୀଟିଏ ନିମ୍ନରେ ପ୍ରଦତ୍ତ କରାଗଲା । ପ୍ରୋଫେସର ମିଶ୍ରଙ୍କର ସାହିତ୍ୟ ଉପରେ ନିଶ୍ଚିତଭାବରେ ବ୍ୟାପକ ଆଲୋଚନା ହେବା ଦରକାର ।

୧. ହରମୋହନଙ୍କ କବିତା - କଳା, ସାହିତ୍ୟ ସମୀକ୍ଷା, ୨୦୧୫, ପୃଷ୍ଠା - ୧୮୫
୨. ପର୍ଯ୍ୟଟକର ଡାଏରୀ, ଚରିତ ଉପନ୍ୟାସ, ୨୦୧୬, ପୃଷ୍ଠା - ୩୧୪
୩. ଗଡଜାତ ଗାନ୍ଧୀ, ଚରିତ ଉପନ୍ୟାସ, ୨୦୧୬, ପୃଷ୍ଠା - ୪୧୭
୪. ଜନ୍ମଦିନ, ଆଲୋଚନା, ୨୦୧୫, ପୃଷ୍ଠା - ୧୨୦
୫. ଅସ୍ତ ସୂର୍ଯ୍ୟର ସ୍ତବ, କବିତା ସଂକଳନ, ୨୦୧୮, ପୃଷ୍ଠା - ୧୭୬
୬. ଗୋପଦାଣ୍ଡର ଧୁଳି, ଚରିତ ଉପନ୍ୟାସ, ୨୦୧୯, ପୃଷ୍ଠା - ୩୪୧
୭. ବିପ୍ଳବୀ ପବିତ୍ର ମୋହନ, ଚରିତ ଉପନ୍ୟାସ, ୨୦୨୦, ପୃଷ୍ଠା - ୨୪୨

**ପ୍ରୋଫେସର ନିତ୍ୟାନନ୍ଦ ମିଶ୍ର ଓ ବିନ୍ଦୁ ସାହିତ୍ୟ ଅନୁଷ୍ଠାନ :** ଆଜି ଫେସବୁକର ସାହିତ୍ୟକୁ କିଛିଟା ମାନ୍ୟତା ମିଳିସାରିଲାଣି । ଏକଦା ଫେସବୁକ ସାହିତ୍ୟ ଏକ ନିମ୍ନମାନର ସାହିତ୍ୟ ହିସାବରେ ପରିଗଣିତ ହେଉଥିଲା । ହେଲେ ବହୁ ଲେଖକଲେଖିକା ଏବଂ ପ୍ରାୟତଃ ନବ ଯୁବପ୍ରତିଭାମାନ ଯେଉଁମାନେ ପତ୍ରପତ୍ରିକାରେ ପ୍ରକାଶିତ ହେବାର ସୁଯୋଗରୁ ବଞ୍ଚିତ ଥିଲେ, ସେମାନେ ସେମାନଙ୍କ ଭିତରେ ପୁଞ୍ଜିଭୂତ ଥିବା ଦୁଃଖ, ଭାବପ୍ରବଣତାକୁ କବିତା, ଗଳ୍ପ ଓ ନିବନ୍ଧ ଆକାରରେ ଲେଖି ଫେସବୁକରେ ପୋଷ୍ଟକରିବା ଆରମ୍ଭକଲେ । ସେତେବେଳେ ଏହି ଲେଖକଲେଖିକାମାନଙ୍କର ଭବିଷ୍ୟତ ଅନ୍ଧକାରମୟ ଥିଲା । ଏମାନଙ୍କ ପଛରେ କେହିଜଣେ ଅନୁପ୍ରେରକ କି ସଂଗଠକ ନଥିଲେ । ଫେସବୁକ ସାହିତ୍ୟର ଏହି ଦୁରାବସ୍ଥା ସମୟରେ ଏହି ଲେଖକଲେଖିକାମାନଙ୍କ ପାଇଁ ପ୍ରେରଣାର ଉତ୍ସହୋଇ ଠିଆହୋଇଥିଲେ ପ୍ରୋଫେସର ନିତ୍ୟାନନ୍ଦ ମିଶ୍ର । ଲୋକମାନଙ୍କ ନିନ୍ଦା ଓ ଉପହାସକୁ ପରବାୟ ନକରି ସେ ଏହି ଫେସବୁକ ସାହିତ୍ୟିକମାନଙ୍କ ପାଇଁ ଗଢିଥିଲେ ବିନ୍ଦୁ ସାହିତ୍ୟ ମଞ୍ଚ । ବିନ୍ଦୁ ସାହିତ୍ୟମଞ୍ଚ କେବଳ ଫେସବୁକର କବିମାନଙ୍କୁ ପ୍ରୋତ୍ସାହିତ କରିନଥିଲା, ପ୍ରୋଫେସର ନିତ୍ୟାନନ୍ଦ ମିଶ୍ରଙ୍କ ସଂପାଦନାରେ ଫେସବୁକର କବିତାକୁ ନେଇ ବିନ୍ଦୁ ସାହିତ୍ୟ ପତ୍ରିକା ପ୍ରକାଶଲାଭ କରିଥିଲା ଯାହା ଆଜିଯାଏ ଅବ୍ୟାହତ ଅଛି । ପ୍ରୋଫେସର ନିତ୍ୟାନନ୍ଦ ମିଶ୍ରଙ୍କର ନିରବଚ୍ଛିନ୍ନ ପ୍ରଚେଷ୍ଟାରୁ ଆଜି ଫେସବୁକରେ ଲେଖୁଥିବା ସାହିତ୍ୟିକମାନେ ସମ୍ମାନର ଅଧିକାରୀ ହୋଇପାରିଛନ୍ତି । ତେବେ, ପ୍ରୋଫେସର ମିଶ୍ରଙ୍କର ବିନ୍ଦୁ ସାହିତ୍ୟ ଅନୁଷ୍ଠାନ ଏବେ ଏକ ମହାଦ୍ରୁମରେ ପରିଣତ ହୋଇସାରିଛି, ଯାହାର ଶାଖାପ୍ରଶାଖା ସମଗ୍ର ଓଡିଶାରେ କେବଳନୁହେଁ ଭାରତର ଯେଉଁ ଅଞ୍ଚଳରେ ଓଡିଆମାନେ ରୁହନ୍ତି ସେଇ ଅଞ୍ଚଳକୁ ପ୍ରସାରିତ ହୋଇସାରିଛି । ପ୍ରତିବର୍ଷ ନିତ୍ୟାନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିନ୍ଦୁ ସାହିତ୍ୟ ସଂଗଠନ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ହାତକୁ ନେଲାବେଳେ, ଏହାର ବାର୍ଷିକ ଉତ୍ସବରେ ଦେଶପ୍ରଦେଶର ବହୁ ସାହିତ୍ୟ ବିଭୁତିଙ୍କୁ ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନପୂର୍ବକ ସମ୍ମାନୀତ କରୁଛି । ବିନ୍ଦୁ ଏହାର ପରିବର୍ଦ୍ଧିତ କାର୍ଯ୍ୟକ୍ରମରେ ବହୁ ସାମାଜିକ ଜାଗରଣର କାର୍ଯ୍ୟ ହାତକୁ ନେବାସହିତ ଲେଖକମାନଙ୍କୁ ଆର୍ଥୀକ ଦୃଷ୍ଟିରୁ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉଛି । ପ୍ରୋଫେସର ନିତ୍ୟାନନ୍ଦ ମିଶ୍ର ସାହିତ୍ୟର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରୁନଥିବା ସୃଜନଶୀଳ ସାହିତ୍ୟିକମାନଙ୍କୁ ବଣମଲ୍ଲୀ ରୂପେ ଝଡିଯିବାକୁ ନଦେଇ ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଏହି ଉତ୍ତର ବୟସରେ ମଧ୍ୟ ସଦା ସକ୍ରିୟ ଅଛନ୍ତି । ବିନ୍ଦୁ ଅନୁଷ୍ଠାନକୁ ବହୁ ଜ୍ଞାନୀ ଓ ଗୁଣୀ ସାହିତ୍ୟିକ ସମର୍ଥନ କରିବା ସଂଗେସଂଗେ ଏହାର ସଦସ୍ୟତା ନେଇ ପ୍ରୋଫେସର ମିଶ୍ରଙ୍କ ସହିତ ହାତ ମିଳେଇଛନ୍ତି ।

**ପ୍ରୋଫେସର ନିତ୍ୟାନନ୍ଦ ମିଶ୍ର ଓଡିଆ ଭାଷା :** ସାହିତ୍ୟର ଜଣେ ନିରହଂକାରୀ ସେବକ । ମିତଭାଷୀ, ମିଷ୍ଟଭାଷୀ ଓ ପରୋପକାରୀ ଏହି ବ୍ୟକ୍ତିତ୍ୱ ଓଡିଆଜାତି ଓ ସାହିତ୍ୟର ତାଙ୍କର ନିସ୍ୱାର୍ଥପର ସେବାପାଇଁ ସବୁବେଳେ ମନେରହିବେ । ଈଶ୍ୱର ତାଙ୍କୁ ଦୀର୍ଘ, ନିରାମୟ ଜୀବନ ପ୍ରଦାନକରନ୍ତୁ ।

ପ୍ରାଧ୍ୟାପକ, ଇଂରାଜୀ ବିଭାଗ
କୁଞ୍ଜବିହାରୀ ମହାବିଦ୍ୟାଳୟ, ବାରଙ୍ଗ, ଖୋର୍ଦ୍ଧା ।

## ପ୍ରଫେସର ନିତ୍ୟାନନ୍ଦ ମିଶ୍ର : କିର୍ତ୍ତିତ ଚର୍ଚ୍ଚା

**ଡ଼ଃ ଶଶୀ ଭୂଷଣ ମହାପାତ୍ର**

କର୍ମ ହେଉଛି ଉପାସନା । ପୁଣି କର୍ମ ହିଁ ଜୀବନ । ବଞ୍ଚିରହିବା ପାଇଁ ମଣିଷ କର୍ମ କରିବାକୁ ବାଧ୍ୟ ।ମାତ୍ର ଏହି କର୍ମ ଯେତେବେଳେ ସୁକର୍ମ ଭାବରେ ସମାଜରେ ପ୍ରତିପାଦନ ହୋଇ ସମାଜ କଲ୍ୟାଣରେ ଆସେ ସେତେବେଳେ ସେ ବ୍ୟକ୍ତି ମହାନ ମଣିଷ ରୂପେ ଗଣ୍ୟ ହୁଅନ୍ତି । ଏଭଳି ଏକ କର୍ମବୀର ସମ୍ମାନସ୍ପଦ ବ୍ୟକ୍ତି ହେଉଛନ୍ତି ପ୍ରଫେସର ନିତ୍ୟାନନ୍ଦ ମିଶ୍ର ।

ଜଣେ ଉତ୍କୃଷ୍ଟ ଶିକ୍ଷାବିତ ଭାବେ ପରିଚୟ ସୃଷ୍ଟି କରିଥିବା ପ୍ର.ମିଶ୍ର ଏକାଧାରରେ ଜଣେ ସାହିତ୍ୟକ, ପ୍ରାବନ୍ଧିକ, ସ୍ତମ୍ଭକାର, ଐତିହାସିକ ,ସୁସଂଗଠକ ଏବଂ ସର୍ବପରି ଜଣେ ସହୃଦ ମଣିଷ । ସେ ସଫଳତାର ପାହାଚ ଚଢ଼ି ଚଢ଼ି ନିଜର ପାଣ୍ଡିତ୍ୟ ଏବଂ ଅଧ୍ୟବସାୟ ବଳରେ ଆଜି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ପ୍ର.ମିଶ୍ରଙ୍କୁ ଅନୁଧ୍ୟାନକଲେ ଗୋଟିଏ ସତ୍ୟ ମନକୁ ଆସେ ସେ ସତ୍ୟଟି ହେଉଛି ସେ ଜଣେ ସାଧନାରତ ସାଧକ । ଅର୍ଦ୍ଧଶତାବ୍ଦୀ ଧରି ସେ କେବଳ ସାଧନା କରିଚାଲିଛନ୍ତି ତା ନୁହେଁ ସେ ମଧ୍ୟ ଦୀର୍ଘ ସମୟଧରି ନାନା ସାମାଜିକ, ସାହିତ୍ୟିକ, ସାଂସ୍କୃତିକ ଏବଂ ସାଙ୍ଗଠନିକ ଆନ୍ଦୋଳନରେ ପ୍ରମୁଖ ସ୍ଥାନ ଗ୍ରହଣ କରିଛନ୍ତି । ଅଧ୍ୟାପନା,ସାହିତ୍ୟ, ଦର୍ଶନ,ଇତିହାସ ସମାଜ ସେବାଭଳି ପ୍ରତିଟି କ୍ଷେତ୍ରରେ ସେ ତାଙ୍କର ପଦଚିହ୍ନ ଦୃଢ ଭାବରେ ରଖିଛନ୍ତି ।ତାଙ୍କର ନିଜସ୍ୱ ଚିନ୍ତାଧାରା ,ବୌଦ୍ଧିକ ପ୍ରସ୍ତୁତି ,ଅଧ୍ୟାପନା ଏବଂ ସାହିତ୍ୟ ସାଧନାର ସମସ୍ତ କ୍ଷେତ୍ରକୁ ବିଚାର କଲେ ଏହା ଜଣାଯାଏ ଯେ ସେ ପ୍ରତିଟି କ୍ଷେତ୍ରକୁ ସମୃଦ୍ଧ ଏବଂ ଋଦ୍ଧିମନ୍ତ କରିଛନ୍ତି । ସମଗ୍ର ଜୀବନକୁ ସାମଗ୍ରିକ ଭାବେ ଆଲୋକପାତ କଲେ ଜଣାପଡେ ଯେ ତାଙ୍କର ଜୀବନ ଯାତ୍ରା ଏବଂ ସାଧନାର ମୂଳ ମନ୍ତ୍ର ସମୂହ ଦୃଷ୍ଟି ଏବଂ ସୃଷ୍ଟି ।ଏଠି ତାଙ୍କର ଗୋଟିଏ ଅନ୍ତର୍ଦୃଷ୍ଟିର ଉଦାହରଣ ରୂପେ ନିଆଯାଇପାରେ । ଜୀବନ ପାଇଁ ଜୀବିକା ନିଶ୍ଚୟ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ହେଉଛି କେଉଁ ଜୀବିକା ଜୀବନକୁ ଠିକ ପରିଚାଳନା କରିପାରିବ ଏବଂ ଅନ୍ତର୍ଦୃଷ୍ଟି ଦେଇପାରିବ ତାହା ବଡ଼ କଥା ।ସେଥିଲାଗି ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣ ପଦକ ବିଜେତା ଛାତ୍ର ପ୍ରଶାସନିକ ଚାକିରୀ ଛାଡ଼ି ଅଧ୍ୟାପନାକୁ ଗ୍ରହଣ କରିନେଇଥିଲେ ।

ଶିକ୍ଷା ଗ୍ରହଣ ଏବଂ ଶିକ୍ଷା ଦାନ ମହତ କାର୍ଯ୍ୟ । ଏ କ୍ଷେତ୍ରରେ ଶିକ୍ଷକଙ୍କର ଭୂମିକା ଗୁରୁତ୍ୱ ପୂର୍ଣ୍ଣ ।ଶିକ୍ଷାର ଅଧୋଗତି ଓ ମାନହ୍ରାସ ବିଶେଷ ଚିନ୍ତାର ବିଷୟ । ବିଶେଷତଃ ଆମ ଦେଶରେ ଉଚ୍ଚଶିକ୍ଷା ଅବହେଳିତ ଏବଂ ନିମ୍ନମାନର । ପ୍ରତ୍ୟେକ ଦୃଷ୍ଟି କୋଣରୁ ଉଚ୍ଚଶିକ୍ଷାର ଗୁରୁତ୍ୱ ଯଥେଷ୍ଟ ବେଶୀ, ଏହାକୁ ହୃଦୟଙ୍ଗମ କରି ପ୍ର.ମିଶ୍ର ଶିକ୍ଷକତାକୁ ଆପଣେଇ ନେଇଥିଲେ । ଜୀବନସାରା ସେ ଉଚ୍ଚଶିକ୍ଷା ସହିତ ନୈତିକ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ସାର୍ବଜନୀନ କ୍ଷେତ୍ରରେ କିଭଳି ଏହା ସମସ୍ତଙ୍କୁ ଭଲ ମଣିଷଟିଏ କରି ଗଢିତୋଳିବ ସେଥିପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ସିନେଟ ସଭ୍ୟ ଭାବେ ବିଭିନ୍ନ ଗଠନ ମୂଳକ କାର୍ଯ୍ୟରେ ସେ ତାଙ୍କର ସୁଚିନ୍ତିତ ମନ୍ତବ୍ୟ ଏବଂ ଉଚିତ ପରାମର୍ଶ ରଖିଛନ୍ତି । ପରିବ୍ରାଜକଙ୍କ ପରି ବିଭିନ୍ନ ସରକାରୀ ମହାବିଦ୍ୟାଳୟ ବୁଲିଛନ୍ତି ଏବଂ ସେଠି ଶିକ୍ଷା ସହ ନୈତିକ ଶିକ୍ଷାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି ।ଐତିହାସିକଙ୍କ ଭଳି ସବୁକୁ ନିରୀକ୍ଷଣ କରି ଜୀବନଲବ୍ଧ ସମସ୍ତ ଗବେଷଣାକୁ ସେ ତାଙ୍କର ପରିବ୍ରାଜକ ଡାଏରୀରେ ଉଲ୍ଲେଖ କରିଛନ୍ତି ।

ଜଣେ ଉତ୍କୃଷ୍ଟ ଶିକ୍ଷାବିତ ପରିଚୟ ସୃଷ୍ଟି କରିପାରିଥିବା ପ୍ର.ମିଶ୍ରଙ୍କର ପ୍ରତିଭାର ଅନ୍ୟ ଏକ ଦିଗ ହେଉଛି ଉପନ୍ୟାସ ରଚନା, ବିଶେଷକରି ଚରିତ ଉପନ୍ୟାସ ସୃଷ୍ଟି । ଏବେ ସାହିତ୍ୟରେ ଚରିତ ଉପନ୍ୟାସର ଘୋର ଅଭାବବୋଧକୁ ଦୃଷ୍ଟିରେ ରଖି ଅନେକ ଚରିତ ଉପନ୍ୟାସ ସୃଷ୍ଟି କରିଛନ୍ତି । ଯେଉଁଥିରେ ସେ ଐତିହାସିକ ଚରିତ୍ର ମାନଙ୍କୁ ଆଣି ଉପନ୍ୟାସର ରୁପଦେଇ ପାଠକଙ୍କ ଆଗରେ ଥୋଇଛି । ତାଙ୍କର ଏହି ସାହିତ୍ୟ ରଚନା ଏକ ଅନନ୍ୟ ସୃଷ୍ଟି । ଇତିହାସକୁ ସାର୍ବଜନୀନ କରିବାପାଇଁ ଏହାଠୁ ବଳିଷ୍ଠ ପଦକ୍ଷେପ ଆଉ କ’ଣ ଥାଇପାରେ ।ତାଙ୍କର ଐତିହାସିକ ପୃଷ୍ଠଭୂମି ତାଙ୍କୁ ଜଣେ ସଫଳ ସ୍ରଷ୍ଟାର ସ୍ୱୀକୃତି ଦେଇଛି ।ଚରିତ୍ର ଉପନ୍ୟାସ ଲେଖିବାକୁଯାଇ ସେ ଗୋପଦାଣ୍ଡର ଧୂଳି ,ଗଡଜାତ ଗାନ୍ଧୀ, ବିପ୍ଳବୀ ପବିତ୍ର ମୋହନ ଭଳି ଯେଉଁ କେତୋଟି ବୃହତ ଉପନ୍ୟାସ ପ୍ରସ୍ତୁତ କରିଛନ୍ତି ସେଥିରେ ସେ ଗୋପବନ୍ଧୁ ,ସାରଙ୍ଗଧର ଏବଂ ପବିତ୍ର ମୋହନଙ୍କର ଅନେକ ଅନାଲୋଚିତ ଐତିହାସିକ ତଥ୍ୟକୁ ସ୍ୱଷ୍ଟଭାବେ ଉଲ୍ଲେଖ କରିଛନ୍ତି । ଏହି ଉପନ୍ୟାସ ଗୁଡ଼ିକ ଇତିହାସ ଏବଂ ସାହିତ୍ୟ ଦୁଇଟି କ୍ଷେତ୍ରକୁ ସମୃଦ୍ଧ କରିଛି କାରଣ ଜଣେ ଉଚ୍ଚକୋଟୀର ଐତିହାସିକ ଏବଂ ଔପନ୍ୟାସିକଭାବେ ସେ ସମସ୍ତ ତଥ୍ୟକୁ ସହଜରେ ସୁଖପାଠ୍ୟ ହବାଭଳି ଶବ୍ଦ ଚୟନକରି ସେଥିରେ ସ୍ଥାନିତ କରିଛନ୍ତି । ଏହି ଉପନ୍ୟାସଗୁଡ଼ିକ ଓଡ଼ିଶା ଏବଂ ଭାରତୀୟ ଜୀବନୀ ସାହିତ୍ୟରେ ବିଶେଷ ଭାବେ ସ୍ମରଣୀୟ ହୋଇ ରହିବ ।

ଜଣେ ଉପନ୍ୟାସର ସ୍ରଷ୍ଟା ହୋଇ ସେ ଅଟକି ଯାଇନାହାନ୍ତି । ସେ ମଧ୍ୟ କବିର ଚେତନାରେ ଭାବମଗ୍ନ ହୋଇ ଅନେକ କବିତା ରଚନା କରିଛନ୍ତି ।ତାଙ୍କ କବିତାର ବିଶେଷ୍ୟତ୍ୱ ହେଲା ଭାଷା ଏବଂ ଭାବର ସମନ୍ୱୟ । ଏମିତି ଅନେକ କବିତାକୁ ନେଇ ସେ ଭେଟି ଦେଇଛନ୍ତି ଏକ କବିତା ସଂକଳନ ‘ସେ କେଉଁ ବଇଁଶୀର ସ୍ୱର‘ । ପ୍ରଫେସର ମିଶ୍ରଙ୍କର ଅମୃତମୟ ଲେଖନୀ ସ୍ୱର୍ଶରେ ଅନେକ ପତ୍ରିକା ପ୍ରକାଶ ପାଇ ପତ୍ରିକା ମହଲରେ ଉଚ୍ଚା ପ୍ରଶଂସା ଲାଭ କରିଛି ।ପତ୍ରିକାର ସମ୍ପାଦକ ହେବା ଛଡ଼ା ବିଭିନ୍ନ ପତ୍ର ପତ୍ରିକାରେ ସୃଜନଶୀଳ ପ୍ରବନ୍ଧମାନ ରଚନାକରି ପତ୍ରିକା ଗୁଡିକର ମାନ ବୃଦ୍ଧି କରିଛନ୍ତି ।

ଶିକ୍ଷା ଦାନ ଏବଂ ସାହିତ୍ୟ ସାଧନା ଏକମାତ୍ର କର୍ତ୍ତବ୍ୟ ନୁହେଁ । ସାମାଜିକ କର୍ତ୍ତବ୍ୟ ମଧ୍ୟ ରହିଛି । ସାମାଜିକ କର୍ତ୍ତବ୍ୟ ପାଳନ କରିବାକୁ ଯାଇ ଅନେକ ସାମାଜିକ ସଂସ୍ଥା ସହିତ ଜଡ଼ିତ ରହି, ତା’ର ନେତୃତ୍ୱ ନେଇ ସାମାଜିକ ବ୍ୟବସ୍ଥାକୁ ଏକ ନୂଆ ଦିଗ ଦେଖାଇବାର ପ୍ରଚେଷ୍ଟା ଜାରି ରଖିଛନ୍ତି । ଅନେକ ଅନୁଷ୍ଠାନ ନିଜେ ଗଢ଼ି ତାର ସଭାପତି ଏବଂ ଉପଦେଷ୍ଟା ରହିଛନ୍ତି ।ଢେଙ୍କାନାଳ ଲାୟନସ କ୍ଲବ, ଢେଙ୍କାନାଳ ରଚନାତ୍ମକ ସମିତି ,ଶ୍ୟାମ ଚରଣପୁର ବିକାଶ ସମିତି ,ଫେସ ବୁକ ସାହିତ୍ୟ ସଙ୍ଗମ ଏବଂ ବିନ୍ଦୁ ସାହିତ୍ୟ ସମାଜର ସଂସ୍ଥାପକ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କର ଏହି କାର୍ଯ୍ୟ ଏବଂ ଅବଦାନ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ଆଗକୁ ଯିବାର ବାଟ ଦେଖାଉଛି । ଜଣେ ଗାନ୍ଧିବାଦୀ ସମାଜସେବୀ ଭାବରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି ।ସାହିତ୍ୟ ମାଧ୍ୟମରେ ସେ ଗାନ୍ଧୀ ବିଚାରଧାରାକୁ ପ୍ରୟୋଗ କରି ସାହିତ୍ୟ ଏବଂ ସମାଜକୁ ଏକ ନୂଆ ରାସ୍ତା ଦେଖାଇବାରେ ଚେଷ୍ଟାଜାରି ରଖିଛନ୍ତି ।ବିନ୍ଦୁ ସାହିତ୍ୟ ସମାଜର ସମସ୍ତ ସଭ୍ୟମାନଙ୍କୁ ଗାନ୍ଧୀ ଦର୍ଶନରେ ଅନୁପ୍ରାଣିତକରି ସାହିତ୍ୟ ଚର୍ଚ୍ଚା ସହ ମାନବଧର୍ମୀ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିଛନ୍ତି । ମାତୃଭାଷାର ପ୍ରଚାର,ପ୍ରସାର ଏବଂ ନବୋଦିତ ଲେଖକ ଏବଂ ଲେଖିକା ମାନଙ୍କୁ ଆଗକୁ ଆଣିବା ତାଙ୍କର ଏକ ମୂଲ୍ୟବୋଧ କାର୍ଯ୍ୟର ଉଦାହରଣ । ଏହା ତାଙ୍କର ଉଦାରଚେତା ଏବଂ ମାନବବାଦୀ ଚେତନାର ଏକ ଜ୍ୱଳନ୍ତ ଉଦାହରଣ ନିଶ୍ଚିନ୍ତ ।

ଆଦର୍ଶମୟ ଜୀବନକୁ ଆପଣେଇ ସେ ଅଠସ୍ତରୀଟି ବସନ୍ତ ଅତିକ୍ରମ କରିସାରିଲେଣି । ଏହା ଭିତରେ ଅନେକ ଅଭିଜ୍ଞାତା ହାସଲ କରିଛନ୍ତି । ସଂସାରର ଅକ୍ଷାଂଶ ଦ୍ରାଘିମାକୁ ଅତିକ୍ରମ କରିବାରେ ଲାଗିଛନ୍ତି ।ଏହା ହିଁ ତ ସଫଳ ଜୀବନ ଯାତ୍ରା । ଜୀବନର ଅର୍ଥକୁ ଠିକ ଭାବରେ ସମୀକ୍ଷା କରିପାରିଥିବା ପ୍ର.ମିଶ୍ର ଏବେ ଜୀବନ ଦର୍ଶନରେ ନିମଗ୍ନ । ଏବେ ସମାଜ ତାଙ୍କର ସମସ୍ତ କାର୍ଯ୍ୟଧାରାର ଏକ ସଠିକ ଆକଳନ ଅପେକ୍ଷା ରଖେ ।ତାହା ହୋଇପାରିଲେ ତାହା ତାଙ୍କପ୍ରତି ଉଚିତ ସମ୍ମାନ ହେବ ।ତେବେ ଏ ସମାଜ କ’ଣ ଦେବ ତାକୁ ଅପେକ୍ଷା ନକରି ସେ କ’ଣ ଦେଇପାରିବେ ସେଥିରେ ବିଶ୍ୱାସ ରଖି ଆଗକୁ ମାଡ଼ି ଚାଲିଛନ୍ତି । ତାଙ୍କର ସାହିତ୍ୟ ସାଧନା ଉପରେ ଆଲୋକପାତ କଲେ ଜଣାଯାଏ ଯେ ସେ ସାହିତ୍ୟ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ପାଇବାର ହକଦାର । ସେ ସେହି ସ୍ଥାନ ଅଧିକାର କରନ୍ତୁ ଏବଂ ତାଙ୍କର ପ୍ରତିଭା ଫୁଲର ସୁଗନ୍ଧ ପରି ଚାରିଆଡ଼ ଖେଳିଯାଉ ।

*ସି.ଡ଼ି.ଏ., କଟକ*



# ଅନନ୍ୟ ପରିବ୍ରାଜକ : ପ୍ରଫେସର ନିତ୍ୟାନନ୍ଦ ମିଶ୍ର

## ଅନନ୍ୟ ପରିବ୍ରାଜକ

**ଅରୁଣ କୁମାର ବିଶ୍ୱାଳ**

ପ୍ରଫେସର ନିତ୍ୟାନନ୍ଦ ମିଶ୍ର, ଆମ ସମୟର ଜଣେ ସ୍ୱର୍ଦ୍ଧିତ ବ୍ୟକ୍ତିତ୍ୱ, ଏକ ଅନନ୍ୟ ପରିବ୍ରାଜକ । ଜୀବନର ଚଲାପଥ ତାଙ୍କର ଦୁର୍ଗମ, ବନ୍ଧୁର ଓ କଂକରିତ । ଆଗକୁ ବଢିବାର ଅଦମିତ ଉଦ୍ୟମ ତାଙ୍କୁ ବହୁବାର ଲହୁଲୁହାଣ କରିଛି ସତ ହେଲେ କେବେ ବି ଲକ୍ଷ୍ୟ ପଥରୁ ବିଚ୍ୟୁତ କରିପାରିନି । ପିଲାବେଳେ କୁଶାଙ୍ଗୀ ନଈର କୂଳରେ ବସି ସେ ନିରେଖିଛନ୍ତି ତା' ଧାରକୁ ।

'ନଦୀର ଗତିପଥ ସରଳ ରେଖା ପରି ନୁହେଁ, ବାରବାଙ୍କ ଦେଇ ସେ ଗତି କରେ । ଗତିପଥରେ ଟାଣ କଙ୍କରିଳ ପାଷାଣକୁ ଭେଟି କୁଶାଙ୍ଗୀ ନଈ କେବେ ଅଟକି ଯାଇନି ଓ ଗତିପଥ ବଦଳାଇନି ।' ଏଇକଥା ନଈଠୁ ଶିଖିଛନ୍ତି ସେ । ଆଗକୁ ଯିବାର ପ୍ରବଣତାହିଁ ତାଙ୍କ ଜୀବନ ନଈର ସ୍ୱାଭାବିକ ଆବେଗ ହୋଇ ବାହି ନେଉଛି ତାଙ୍କୁ ବହୁ ଆଗକୁ ।

ଏକ ରକ୍ଷଣଶୀଳ, ବହୁକୁଟୁମ୍ବୀ ପରିବାରରେ ଜନ୍ମହୋଇଥିବାରୁ ଶୈଶବରୁ ହିଁ ଜୀବନକୁ ସଂଗ୍ରାମ ଓ ସଂସାରକୁ ଏକ ଯୁଦ୍ଧକ୍ଷେତ୍ର ବୋଲି ଗ୍ରହଣ କରି ନେଇଛନ୍ତି ଦୃଢମନା ପ୍ରଫେସର ଶ୍ରୀଯୁକ୍ତ ମିଶ୍ର । ଶୈଶବରୁ ଶିଖିଛନ୍ତି ଜୀବନ ଯୁଦ୍ଧକୁ କିପରି ଲଢିବାକୁ ହୁଏ ।

ଭାରତ ସ୍ୱାଧୀନ ହେବାର ଠିକ ପାଂଚ ବର୍ଷ ପୂର୍ବରୁ ତାଙ୍କର ଜନ୍ମ । ଅସହଯୋଗ ଆନ୍ଦୋଳନର ଅବ୍ୟବହିତ ପୂର୍ବରୁ ଭୂମିଷ୍ଠ ହୋଇଥିବା ଏହି ଯୋଗଜନ୍ମା ସାରସ୍ୱତ ସାଧକଙ୍କ ମନ ଓ ପ୍ରାଣର ପ୍ରତିଟି ତନ୍ତ୍ରୀରେ ଜାତୀୟତାବୋଧ ଜନ୍ମଗତ । ଏଇଥିପାଇଁ ବୋଧହୁଏ ପରବ□ୀ ସମୟରେ ଗାନ୍ଧୀ ଓ ଗୋପବନ୍ଧୁଙ୍କୁ ଜୀବନର ଆଦର୍ଶରୂପେ ବାଛି ନେଇଥିଲେ ସେ ସ୍ୱତଃସ୍ଫୁ□ ଭାବରେ ପିଲାବେଳର ସ୍କୁଲ, ଯୌଥ ପରିବାର, ପିତା ପଣ୍ଡିତ ଗଣନାଥ ମିଶ୍ରଙ୍କ ଆଦର୍ଶ ତଥା ମାଆଙ୍କ ଅପାର ଭଲପାଇବା ତାଙ୍କୁ ଆତ୍ମନିର୍ଭରଶୀଳ, ସ୍ୱାଭିମାନୀ ଓ ଜୀତେନ୍ଦ୍ରୀୟ କରି ଗଢିବାରେ ଖୁବ ସହାୟକ ହୋଇପାରିଛି । ଜୀବନର ଅମଡା ବାଟରେ ଚାଲିଲାବେଳେ ସେ ନିଜ ଜୀବନକୁ ବିଭିନ୍ନରୂପରେ ଭୋଗିଛନ୍ତି । ତେଣୁ ତାଙ୍କ ଲେଖନୀରୁ ଝରିଛି,

'ମନଥିଲା ଦିନେ ମେଣ୍ଢାଛୁଆଭଳି
ଭୟାଳୁ ଓ ଥତମତ,
ମନହେଲା ଦିନେ ସିଂହର ଶାବକ
କଲା ବହୁ କସରତ
ଏବେ ମନ....ନିର୍ମଳ ଆକାଶ ଜହ୍ନ,
ପିନ୍ଧେ ସପନ ସେ ଭିନ୍ନ ଭିନ୍ନ ।'

ପିଲାବେଳୁ ଇତିହାସ, ଭୁଗୋଳ ଉଭୟ ବିଷୟରେ ପ୍ରବଳ ରୁଚି ଥିଲା ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କର । କିନ୍ତୁ ଭୁଗୋଳର ଅକ୍ଷାଂଶ ଓ ଦ୍ରାଘିମାକୁ ନେଇ ଅଙ୍କ କଷ୍ଟକଷ୍ଟ କେଜାଣି କେତେବେଳେ ସେ ଇତିହାସକୁ ଭଲପାଇ ବସିଥିଲେ ଓ ଶେଷରେ ଇତିହାସକୁ ହିଁ ନିଜ ପେଶା ଭାବେ ବାଛିଥିଲେ । ରାଜନୀତି ବିଜ୍ଞାନକୁ ଛାଡି ଇତିହାସକୁ ବାଛିଲାବେଳେ ମୃଦୁ ଲାଂଛନା ମିଳିଛି ତାଙ୍କୁ କିନ୍ତୁ ପଛକୁ ଫେରି ଚାହିଁବାର ସବୁ ରାସ୍ତା ବନ୍ଦ କରି ସେ କେବଳ ଆଗକୁ ଓ ଆଗକୁ ହିଁ ବଢିଯାଇଛନ୍ତି । ନିଜ ଭିତରୁ ନିଜେ ପ୍ରେରଣା ସାଉଁ□ଛନ୍ତି । ନିତି ଲଢୁଥିବା ଜୀବନ ଯୁଦ୍ଧ ମଧ୍ୟରେ ସୁଦ୍ଧା ଆନନ୍ଦ ପ୍ରାପ୍ତିର କଳା ତାଙ୍କୁ ବେଶ ମାଲୁମ ଥିଲା । ଏଣୁ ଜୀବନ ସଂଗ୍ରାମରେ ସାମାନ୍ୟ ଆହତ ହେଲେ, ଆପେ ଆପେ ତାଙ୍କ ମୁଖରୁ ବାହାରି ଆସିଛି,

'ସୁନୀଳ ଗଗନ ହାତଠାରି ଡାକେ
ଧୂଳୀର ଧାମରେ କାହିଁକି ପଡିଛୁ
ଉପରକୁ ଆ ଆ,
ଶୀତଳ ପବନ ସୁଲୁସୁଲୁ ବହି
କାନେ କହେ ମନ ଉଣା କରୁ କିଆଁ
ଆନନ୍ଦରେ ଗୀତ ଗାଆ ।'

ପ୍ରଫେସର ମିଶ୍ରଙ୍କ ଭିତରେ ସଦା ସର୍ବଦା ଏକ ସଂଗ୍ରାମୀର ମନଟିଏ ଲୁଚି ରହିଛି । ପ୍ରଧାନ ଶିକ୍ଷକଙ୍କ ଅନ୍ୟାୟ ଦଣ୍ଡାଦେଶ ବିରୁଦ୍ଧରେ ସ୍ୱରୋ□ଳନ ହେଉ ବା ଚାର୍ଜ ଅଫିସରଙ୍କ ଇଛା ବିରୋଧରେ ରଜାଘରର ସିକିମ ପ୍ରଜାଙ୍କ ସପକ୍ଷରେ ରାୟ ପ୍ରଦାନ ଓ ଲୋଭନୀୟ ଓ.ଏ.ସ ଚାକିରୀ ଛାଡିଦେବା, ପ୍ରତିଟି କର୍ମରେ ତାଙ୍କ ସଂଗ୍ରାମୀମନର ପରିଚୟ ସୁସ୍ପଷ୍ଟ ।

ପ୍ରଫେସର ମିଶ୍ର ଜଣେ ସ୍ୱାଧୀନଚେତା, ନିର୍ଭିକ ବ୍ୟକ୍ତିତ୍ୱ । ଅନ୍ୟାୟ,ଅସତ୍ୟ ଓ ଅନାବଶ୍ୟକ ପରମ୍ପରା ବିରୁଦ୍ଧରେ ନିଜର ସ୍ୱଷ୍ଟ ଓ ମୁକ୍ତ ଚିନ୍ତନ ପାଇଁ ସେ ବେଶ ଚର୍ଚ୍ଚିତ ।

ବାପା ପଣ୍ଡିତ ଗଣନାଥ ମିଶ୍ର ଜଣେ କର୍ମବାଦୀ ଥିଲେ । ବାପାଙ୍କ ଭଳି ପ୍ରଫେସର ମିଶ୍ର ମଧ୍ୟ ଜଣେ କର୍ମଯୋଗୀ ଓ କର୍ମକୁ ହିଁ ସଦାବେଳେ ସେ ପ୍ରାଥମିକତା ତଥା ପ୍ରାଧାନ୍ୟ ଦିଅନ୍ତି । ସୀମିତ ସମୟ ମଧ୍ୟରେ ଖାନାପୁରି କ୍ୟାମ୍ପ କାମ ସାରିବାର ଝୁଙ୍କ ହେଉ ବା ଅଧ୍ୟାପନା ସମୟରେ କଲେଜ ଜାତୀୟ ସଂସ୍ଥାର ମୁଖ୍ୟ ଭାବରେ ଢେଙ୍କାନାଳର ବିଭିନ୍ନ ଗ୍ରାମକୁ ଯାଇ ବିଭିନ୍ନ ସମସ୍ୟାର ସମାଧାନ କରାଇବା, ଏସବୁ ତାଙ୍କ କର୍ମ ନିପୁଣତାର ନିଦର୍ଶନ ମାତ୍ର । ତାଙ୍କ ପ୍ରତିଟି କର୍ମ ବାକ୍ୟମୟ, ଶବ୍ଦମୟ ।

ସେ ଜଣେ ସଫଳ ସଂଗଠକ । ଜନ୍ମଭୂମୀ କେନ୍ଦ୍ରାପଡାର ଅଖ୍ୟାତପଲ୍ଲୀ ସଂସିଧା, ମଙ୍ଗରାଜପୁରରୁ ଢେଙ୍କାନାଳର ଶ୍ୟାମାଚରଣପୁର, ଏକ ସୁଦୀର୍ଘ ପଥ । ବାଟରେ ଅନେକ ମୋଡ଼ । ସାଲେପୁର, କଟକ, ହୀରାକୁଦ, ସୁନ୍ଦରଗଡ,ସମ୍ବଲପୁର, ଭୁବନେଶ୍ୱର ଇତ୍ୟାଦି ଇତ୍ୟାଦି । ସବୁଠି ତାଙ୍କର ସଫଳତାର ଛାପ । ଅନେକ ଗୁଡିଏ ଅନୁଷ୍ଠାନର ସଫଳ ପ୍ରତିଷ୍ଠାତା, ମାର୍ଗଦର୍ଶକ, ଉପଦେଷ୍ଟା ଓ ଆହୁରି ଅନେକ । ସେଥିମଧ୍ୟରୁ ଢେଙ୍କାନାଳର ଲାୟନ୍ସ କ୍ଲବ, ରଚନା କ୍ଲବ, ପଣ୍ଡିତ ଗଣନାଥ ମିଶ୍ର ସ୍ମୃତି ପାଠାଗାର, ଶ୍ୟାମାଚରଣପୁର ବିକାଶ ସମିତି, ଜନକ୍ରାନ୍ତି ପରିଷଦ, ଫେସବୁକ ସାହିତ୍ୟ ସଂଗମ, ବିନ୍ଦୁ ସାହିତ୍ୟ ସମାଜ ଆଦି, ଇତ୍ୟାଦି ଅନେକ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଓ ମାର୍ଗଦର୍ଶକ ପ୍ରଫେସର ନିତ୍ୟାନନ୍ଦ ମିଶ୍ର ।

ପେଶାଗତ ଜୀବନର ଆରମ୍ଭରେ ପ୍ରଥମେ ଅଧ୍ୟାପକ ଭାବେ ଯୋଗଦେଇଥିଲେ ଗଙ୍ଗାଧର ମେହେର କଲେଜ ଭଳି ଏକ ପବିତ୍ରପୀଠରେ । ଏହି ପବିତ୍ର ଅନୁଷ୍ଠାନ ହିଁ ତାଙ୍କ ମନରେ ସୃଜନୀର ଅଫୁରନ୍ତ ପ୍ରାଣ ଶକ୍ତି ଭରିଥିଲା ।

ଏହାପରେ ଢେଙ୍କାନାଳ କଲେଜରେ ଯୋଗଦେଲାପରେ ଢେଙ୍କାନାଳର ଇତିହାସ ଓ ଗଡଜାତ ଆନ୍ଦୋଳନ ବିଷୟକରେ ସେ ଅନେକ ରଚନା ସୃଷ୍ଟିକରିଥିଲେ ।

ତାଙ୍କ ସମ୍ପାଦକୀୟରେ ନୀଳଦର୍ପଣ, ସବୁଜ କଲମ, ମୁଖ ଦର୍ପଣ ଓ ବିନ୍ଦୁ ପରି ଅନନ୍ୟ ସାହିତ୍ୟ ସମ୍ଭାର ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ତାଙ୍କ ଜୀବନ ସଂଘର୍ଷମୟ । ପାଠ ପଢିବାବେଳୁ ବିଭାଗୀୟ ମୁଖ୍ୟଙ୍କ ନିରୁତ୍ସାହ ଉକ୍ତି ହେଉ ବା ପ୍ରଥମ ଚାକିରୀରେ ଉପରିସ୍ଥ ଅଫିସରଙ୍କ ଅହଂକାରୀ ମନୋଭାବ, ସେସବୁ କେବେ ବି ତାଙ୍କ କର୍ମ ପଥରେ ବାଧକ ସାଜିନି । ବରଂ ନିଜର ଉତ୍କୃଷ୍ଟ ଧରଣର କାର୍ଯ୍ୟପଦ୍ଧତି ଓ ଅଧ୍ୟବସାୟ ଫଳରେ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜି ପାରିଛନ୍ତି । ଜୀବନର ଏହି ଦୀର୍ଘ, ସଂଘର୍ଷମୟ ଯାତ୍ରା ସମ୍ବନ୍ଧରେ ସେ ଲେଖିଛନ୍ତି,

'ଜୀବନ ସହିତ ସଘନେ ଲଢିଛି,
ଲଢିଛି ସଂସାର ଜଞ୍ଜାଳ ସାଥେ,
ଡରିଯିବି ନାହିଁ, ହାରିଯିବି ନାହିଁ,
ଲଢୁଥିବି ପ୍ରାଣ ରହିବ ଯେତେ ।'

ଏହି ଦୃଢମନା, କର୍ମଯୋଗୀ ଆଜିର ନବୋଦିତ ଓ ଉଦୟୋନ୍ମୁଖୀ ସାହିତ୍ୟାନୁରାଗୀ ପ୍ରତିଭା ମାନଙ୍କ ପାଇଁ ଆଦର୍ଶ ଓ ପ୍ରେରଣାର ଗନ୍ତାଘର ।

ତାଙ୍କ ସଂସ୍ପର୍ଶରେ ଆସି, ତାଙ୍କର ଆର୍ଶିବାଦ ଲାଭକରି ମୁଁ ନିଜକୁ ଭାଗ୍ୟବାନ ମନେକରେ ।

ଆଜି ତାଙ୍କର ୭୯ତମ ଜନ୍ମ ଜୟନ୍ତୀରେ ମୁଁ ତାଙ୍କର ସୁସ୍ଥ, ନିରାମୟ ତଥା ଦୀର୍ଘ ଜୀବନ କାମନା କରୁଛି ।

*ପି-୭, ନେତାଜୀ ସୁବାଷ ଏନକ୍ଲେଭ, ଗାଢକଣ, ମଂଚେଶ୍ୱର,*
*ଭୁବନେଶ୍ୱର--୭୫୧୦୧୭, ଦୁରଭାଷା : ୭୭୪୯୦୮୯୯୭୭*

### ତାଙ୍କ ସମ୍ପର୍କରେ ପଦେ.....

ଅବସର ପର ଜୀବନ: ସମାଜସେବା ଓ ସାହିତ୍ୟ ରଚନା ।

ନିମ୍ନ ଅନୁଷ୍ଠାନ ସମୂହର ଗଠନ ଓ ପରିଚାଳନା :

୧. ପଣ୍ଡିତ ଗଣନାଥ ମିଶ୍ର ପାଠାଗାର
୨. ରଚନାତ୍ମକ କାର୍ଯ୍ୟକ୍ରମ ସମିତି,
୩. ଲାୟନ୍ସ କ୍ଲବ, ଢେଙ୍କାନାଳ
୪. ଢେଂକାନାଳ ଜିଲ୍ଲା ଲେଖକ ସଂସଦ
୫. ଶ୍ୟାମାଚରଣପୁର ବିକାଶ ସମିତି
୬. ଜାତୀୟ ଜନକ୍ରାନ୍ତି ପରିଷଦ
୭. ସାହିତ୍ୟ ସଂଗମ
୮. ବିନ୍ଦୁ ସାହିତ୍ୟ ସମାଜ ଓ
୯. ଢେଙ୍କାନାଳ ଜନ ସାମୂଖ୍ୟ

### -: ପୁସ୍ତକ ରଚନା :-

୧. ପ୍ରଜା ମଣ୍ଡଳର ଗୀତ
୨. ସେ କେଉଁ ବଂଶୀର ସ୍ୱର
୩. A short Encyclopedia : History & Culture of Odisha
୪. ଢେଙ୍କାନାଳର କିମ୍ବଦନ୍ତୀ
୫. ଗଣନାଥ / ହରମୋହନଙ୍କ କବିତା କଳା
୬. ଗଡଜାତ ଗାନ୍ଧୀ
୭. ଗୋପଦାଣ୍ଡର ଧୂଳି
୮. ବିପ୍ଳବୀ ପବିତ୍ର ମୋହନ
୯. ମୁଁ ରାଣୀ ଲକ୍ଷ୍ମୀବାଈ କହୁଛି
୧୦. ଷାଠିଏଟି କବିତାରେ ଗୋପବନ୍ଧୁ
୧୧. ଢେଂକାନାଳ ସାହିତ୍ୟ : ବାରଟି ଚିତ୍ରପଟ
୧୨) ପରିବ୍ରାଜକର ଡାଏରୀ

## ଅନୁଭୂତିରୁ

**ପାରମିତା ଷଡଙ୍ଗୀ**

ଆମେରିକାରୁ ପ୍ରକାଶିତ ପତ୍ରିକା 'ପ୍ରତିଶ୍ରୁତି' (୨୦୧୫)ରେ ପ୍ରକାଶିତ 'ନବ କଳେବର' ଶୀର୍ଷକ ପଢିଲା ବେଳେ, ପ୍ରଥମ ଥର ପାଇଁ ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କୁ ଭେଟିଲି । ବହୁତ ଭଲ ଲାଗିଲା 'ନବ କଳେବର' ଶୀର୍ଷକ ପ୍ରବନ୍ଧଟି ପଢି । ନନା (ବଂଶୀଧର ଷଡ଼ଙ୍ଗୀ)ଙ୍କୁ ପଚାରିଲି । ସେ କେତେ ଗୁଡିଏ ଭ୍ରମଣ କାହାଣୀର ଫୋଟୋ ୱାଟସ ଆପରେ ପଠାଇ ଥିଲେ । ପରିଚୟ ମୋ ତରଫରୁ ବଢ଼ି ଥିଲା । ହଠାତ୍ ଫେସବୁକରେ ଦେଖା ହେଲା । ସେଇଠୁ ଜାଣିଲି ସେ ମୋର ବାଣୀ ବିହାରର ବାନ୍ଧବୀଙ୍କ ବାପା ବୋଲି । ସାର୍ ବୋଲି ଭାବି ଥିଲି ହେଲେ ମୋ ଡାକ କେତେ ବେଳେ କେଜାଣି ମଉସା ଆଉ ସଂପର୍କ ବାପଝିଅରେ ବଦଳି ଗଲା ନିଜେ ବି ଜାଣିପାରିଲିନି । ଇତିହାସର ପ୍ରଫେସର ଓ ଓଡ଼ିଆ ସାହିତ୍ୟରେ ଦକ୍ଷ । ସାହିତ୍ୟ ଓ କାହାଣୀକୁ ନେଇ ଶବ୍ଦ ସହ ଖେଳିବାରେ ତାଙ୍କ କଲମ ସିଦ୍ଧହସ୍ତ । ଜ୍ଞାନର ଗନ୍ତାଘର ମଉସା । ସହଜ, ସରଳ ବ୍ୟକ୍ତିତ୍ୱର ଅଧିକାରୀ । ଅନ୍ୟ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ।ବୟସ ଯାହାର କାର୍ଯ୍ୟରେ କେବେ ବି ବାଧା ଆଣିପାରିନି । 'ବିନ୍ଦୁ' ନାମକ ସଂସ୍ଥାକୁ ପ୍ରତିଷ୍ଠା କରି ଅନେକ ନୂଆ ସାହିତ୍ୟିକଙ୍କୁ ଏକ ମ□ ପ୍ରଦାନ କରିଛନ୍ତି ସେ । ଯାହାକି ସାହିତ୍ୟ ସାଧକଙ୍କ ପାଇଁ ସର୍ବଦା କାର୍ଯ୍ୟରତ ।

ଦିନେ 'ବିନ୍ଦୁ' ର ଅନଲାଇନ କ ବି ତା ଆସରରେ ଯୋଗ ଦେବାକୁ ମଉସା କହିଲେ । ତାଙ୍କ ଆଦେଶ ପାଇ ଖୁବ୍ ଖୁସି ହେଲି । ସେଦିନ ସେଇ କବିତା ଆସରରେ ବିନ୍ଦୁ ସହ ଜଡ଼ିତ ଅନ୍ୟ କବି ଓ ଲେଖକଙ୍କ ସହ ମଧ୍ୟ ପରିଚୟ ହେଲା । ସମସ୍ତେ ଯେମିତି ଗୋଟିଏ ପରିବାରର । ପରସ୍ପର ଭିତରେ ସ୍ନେହ, ଶ୍ରଦ୍ଧା ଓ ସମ୍ମାନକୁ ନେଇ ସମସ୍ତେ ଜଣେ ଜଣେ ସାହିତ୍ୟାନୁରାଗୀ । 'ଫଳନ୍ତି ଗଛ ଯେ ନଇଁ ରହିଥାଏ' ଏଇଟି କେତେ ସତ୍ୟ ଜାଣିବାକୁ ହେଲେ, ବିନ୍ଦୁର ସଦସ୍ୟ ମାନଙ୍କୁ ଦେଖିବାକୁ ପଡିବ । ମୋତେ ଲାଗି ନ ଥିଲା ଯେ ମୁଁ ପ୍ରଥମ ଥର ପାଇଁ ସେମାନଙ୍କ ସହ ଯୋଡ଼ି ହୋଇଛି ।

ଏବେ ବିନ୍ଦୁ ସଂସ୍ଥା, କବିତା, ଗଳ୍ପର ଆସର କରିବାରେ, ପତ୍ରିକା ପ୍ରକାଶନରେ ସାହିତ୍ୟ ଜଗତରେ ନିଜର କାୟା ବିସ୍ତାର କରି ଚାଲିଛି । ବିନ୍ଦୁ ବୃ□ଟିଏ ରୁ ଆରମ୍ଭ ହେଇଥିଲା ଏବଂ ଖୁବ ଶୀଘ୍ର ଏକ ବ୍ରହ୍ମାଣ୍ଡରେ ପରିଣତ ହୋଇ ତାର ଆଲୋକରେ ଓଡ଼ିଆ ସାହିତ୍ୟକୁ ଆଲୋକିତ କରିବ ଏଥିରେ ସନ୍ଦେହ ନାହିଁ । ବିନ୍ଦୁ ସହିତ ଜଡିତ ହେବା ମୋର ସୌଭାଗ୍ୟ ଓ ସବୁବେଳେ ଜଡ଼ିତ ରହିବା ମୋର ଉଦ୍ଦେଶ୍ୟ ମଧ୍ୟ ।

*ମୁମ୍ବାଇ*





## ଗୋପଦାଣ୍ଡର ଧୂଳି: ଏକ ପାଠକୀୟ ଅନୁଶୀଳନ

**ସୁଜାତା ମହାପାତ୍ର**

କବି, ଗାଳ୍ପିକ, ଔପନ୍ୟାସିକ ନିତ୍ୟାନନ୍ଦ ମିଶ୍ର । ଜଣେ ସାହିତ୍ୟିକ ଭାବରେ ଯେତିକି ପରିଚିତ, ଜଣେ ଛାତ୍ର ବତ୍ସଳ ଅଧ୍ୟାପକ ଓ ଜଣେ ଦୃଢ଼ ସଂଗଠକ ଭାବରେ ସେ ସେତିକି ଆଦୃତ ।।

ଗତ ୧୯. ୦୫. ୨୦୧୯ ରେ ତାଙ୍କ ଦ୍ୱାରା ଲିଖିତ ଏକ ଚରିତ ଉପନ୍ୟାସ 'ଗୋପ ଦାଣ୍ଡର ଧୂଳି' ଉନ୍ମୋଚିତ ହେବା ପରେ ସେଥିରୁ ଗୋଟେ ତତ୍କ୍ଷଣାତ କିଣି ନେଇଥିଲି କାରଣ ମୁଁ ଜାଣେ ଥରେ ହାତରୁ ଖସିଲେ ସାର୍ ଙ୍କ ବହି ପାଇବା ଆଉ ସହଜ ହୁଏନି । ସେହି ବହି ସମ୍ବନ୍ଧରେ କିଛି ଲେଖିବାକୁ ଚାହିଁବି । ତାଙ୍କ ପରି ଲେଖକଙ୍କର ପୁସ୍ତକର ସମୀକ୍ଷା କରିବା ବା ସେ ବାବଦକୁ କିଛି ମତାମତ ଦେବାର ଯୋଗ୍ୟତା କି ଧୃଷ୍ଟତା ମୋର ନାହିଁ । ତଥାପି ମନ ର ଆବେଗ ଓ ପୁସ୍ତକ ଟି ପ୍ରତି ମୋର ପ୍ରାକୃତିକ ଭାବାବେଗ କୁ ମୁଁ ଶବ୍ଦ ଦେଉଛି କେବଳ । ପ୍ରଥମରୁ ମୋର ଏ ଧୃଷ୍ଟତା ପାଇଁ ମୁଁ ଆପଣଙ୍କ ନିକଟରେ କ୍ଷମା ପ୍ରାର୍ଥୀ ।

ପ୍ରଥମରୁ କହିରଖେ ଏ ବହିଟିକୁ ପଢିବା ପୂର୍ବରୁ ଚରିତ ଉପନ୍ୟାସ ର ସଂଜ୍ଞା ପ୍ରତି ମୁଁ ସନ୍ଧିହାନ ଥିଲି । ଆଉ ମଧ୍ୟ ବିଜ୍ଞାନ ର ଛାତ୍ରୀ ହିସାବ ରେ ଇତିହାସ ରେ ବି ଶେଷ ରୁଚି ବି ନ ଥିଲା । ଏଇ ଦୁଇଟି ସନ୍ଦେହ କୁ ଦୂର କରିବା ପାଇଁ ହିଁ ଉତ୍କଣ୍ଠା ବଶତଃ ମୁଁ ଏ ବହିଟିକୁ କିଣିଥିଲି । ତା' ଛଡା ଉତ୍କଳମଣିଙ୍କ ସମ୍ବନ୍ଧରେ ଜାଣିବାର ଲାଳସାକୁ ବି ଏଡେଇ ହେଲାନି ।

କିନ୍ତୁ ମୋର ସବୁ ନିରାଶାର ଠିକ ଓଲଟା ପ୍ରତିଫଳନ ମୁଁ ପାଇଲି ବହିଟିର ପ୍ରଥମ ପୃଷ୍ଠାରୁ ହିଁ । ପଲ୍ଲୀ ଭାଷାରେ ଲିଖିତ ଶବ୍ଦ ସବୁ ଚରିତ୍ର ମାନଙ୍କୁ ସତେ ଯେପରି ଜୀବନ୍ତ କରି ଗଢି ଦେଇଛନ୍ତି ଉପନ୍ୟାସ ଟିରେ । ପାଠକ ହିସାବରେ ମୁଁ ମଧ୍ୟ ଅତୀତର ସେହି ସମୟକୁ ଚାଲିଗଲି ଆଉ ସମୟ ସ୍ରୋତରେ ଅତିନିକଟରୁ ଚରିତ୍ର ମାନଙ୍କୁ ଅନୁଭବ କରୁଥିଲି ଲେଖା ମାଧ୍ୟମରେ । ସରଳ ସାବଲୀଳ ଲେଖା, ସୁଆଣ୍ଡୋ ଗ୍ରାମର ଭାଷା, ସେ କାଳର ସାମାଜିକ ଓ ଆର୍ଥିକ ଚଳଣୀ ମଧ୍ୟରେ ଲେଖକ ଖୁବ ଯତ୍ନର ସହ ପାଠକର ହାତ ଧରି ଇତିହାସକୁ ଦେଖାଉଛନ୍ତି ନିଜ ଅନୁଭବି ଅଧ୍ୟାପକୀୟ ଆଖି ଓ ଭାଷାରେ ।

ଇତିହାସ ର ତଥ୍ୟ ସମ୍ବଳିତ ଘଟଣା ମାନଙ୍କୁ କାହାଣୀର ରୂପ ଦେଇ, ଚରିତ୍ର ମାନଙ୍କ ସ୍ୱଭାବ ସୁଲଭ ଭାବାବେଗ ସହ ପରଷା ଯାଇଛି ପ୍ରତିଟି ଅନୁଚ୍ଛେଦ । ଏଥିରେ କେଉଁଠିବି ଅନୁଭବ ହୋଇନାହିଁ ଯେ ଏହା କେବଳ ଏକ ଐତିହାସିକ ତଥ୍ୟ ସମ୍ବଳିତ ପୁସ୍ତକ ବୋଲି ବରଂ ଗୋଟିଏ ମାତୃ ହରା ଶିଶୁର ବିକଳ, ନିଜ ପ୍ରଥମ ସନ୍ତାନକୁ ହରାଇ ନିରବରେ ବିଳାପ କରୁଥିବା ଅସହାୟ ବାପାଟିର ଅସହାୟତା, ସ୍ତ୍ରୀର ବିରହରେ ନିଜକୁ ହଜାଇଥିବା ପ୍ରେମିକ ସ୍ୱାମୀ ଓ ସର୍ବୋପରି ନିଜ ଜାତି ପାଇଁ, ତା' ଜନତା ପାଇଁ ସର୍ବଦା ପ୍ରସ୍ତୁତ ରହିଥିବା ଜଣେ ଦେଶଭକ୍ତର ମାନବୀୟ ଗୁଣ ମାନଙ୍କୁ ଜାଗ୍ରତ କରିଛନ୍ତି ଲେଖକ ପୁସ୍ତକଟି ମାଧ୍ୟମରେ ।

ଏଥିରେ କେବଳ ଦେଶଭକ୍ତ, କବି ଗୋପବନ୍ଧୁ ନୁହନ୍ତି ବରଂ ଜଣେ ସାଧାରଣ ମାନବ ପରି କଷ୍ଟ ଭୋଗୁଥିବା ଗୋପବନ୍ଧୁଙ୍କୁ ମୁଁ ପାଇଲି । ନିଜ ବଡ ଭାଇଙ୍କୁ ଭକ୍ତି କରୁଥିବା ଓ ବଡ ଭାଇଙ୍କ ଦ୍ୱାରା ବାପାଙ୍କର ସ୍ନେହ ପାଇଥିବା ଗୋପବନ୍ଧୁ, ନିଜ ଗୁରୁପତ୍ନୀ ଙ୍କ ପାଖରେ ମମତା ଖୋଜିଥିବା ଆଉ ତାଙ୍କୁ ବାତ୍ସଲ୍ୟ ପ୍ରେମର ଅନୁଭୂତି ଦେଇଥିବା ଗୋପବନ୍ଧୁ, କେବଳ ପର ଲୋକ ନୁହଁନ୍ତି ବରଂ ନିଜ ପ୍ରାଣପ୍ରିୟାର ଦୁଃଖରେ ମଧ୍ୟ ଭିଜିଥିବା ଗୋପବନ୍ଧୁ, ଅନ୍ୟ ଆଗରେ ମୁଣ୍ଡ ନୁଆଁଇବାକୁ ଅରାଜି ହୋଇଥିବା ଗୋପବନ୍ଧୁ... ଏଭଳି ଅନେକ ଚାରିତ୍ରିକଦିଗ ମାନଙ୍କର ସଂଦର୍ଶନ ହୋଇପାରିଲା ଏହି ପୁସ୍ତକଟି ମାଧ୍ୟମରେ ଗୋପବନ୍ଧୁଙ୍କର ।

ଶେଷରେ ଏତିକି କହିବି ଥରେ ପଢିବା ଆରମ୍ଭ କଲେ ଚରିତ୍ର ମାନେ ଆପେ ଆପେ ପାଠକକୁ ନିଜ ଆଡକୁ ଟାଣି ନେଉଥିଲେ, ମୋ ଅଜ୍ଞାତସାରରେ, ମୋ ଜ୍ଞାତସାରରେ । ମୁଁ ଭୁଲିଯାଇଥିଲି ବ□ମାନର ତାରିଖ, ସମୟ ଓ ମସିହା । କେବଳ ଅନୁଭବ କରୁଥିଲି ସେ କାଳର ଚଳଣୀ, ସମୟ ଓ ମାନସିକତାକୁ । ନିଜକୁ ବି ମଣିସାରିଥିଲି ସେ ସମୟର ଚରିତ୍ର ମାନଙ୍କ ମଧ୍ୟରୁ ଜଣେ ।

ଇତିହାସ ବି ଏତେ ମୁଗ୍ଧକର ହୋଇପାରେ ! ଆଜି ହିଁ ଅନୁଭବ କଲି । କାରଣ ଇତିହାସକୁ ସାହିତ୍ୟର ଆଖିରେ ପଢ଼ିବାର ସୁଯୋଗ ମୁଁ ପ୍ରଥମ ଥର ପାଇଁ ପାଇଲି ।

ଏତେ ସୁନ୍ଦର ପୁସ୍ତକଟି ପାଇଁ ପାଠକଙ୍କୁ ଉପହାର ଦେଇଥିବାରୁ ଅଶେଷ ଧନ୍ୟବାଦ ଦେବି ପ୍ରଫେସର ମିଶ୍ର ସାରଙ୍କୁ ।

*ଶିବାନୀ ଏଂକ୍ଲେଭ, ବମୀଖାଲ କେନାଲ ରୋଡ*
*ଭୁବନେଶ୍ୱର, ୭୫୧୦୧୯*

## କର୍ମଭୂମିର କର୍ମବୀର

**ବାଉରିବନ୍ଧୁ ଲେଙ୍କା**

ମଣିଷ ଜନ୍ମନିଏ ଗୋଟିଏ ସ୍ଥାନରେ ହେଲେ ସେହି ଜନ୍ମସ୍ଥାନ ଯେ ତା'ର କର୍ମଭୂମି ହେବ ଏହା ସମସ୍ତଙ୍କ ଭାଗ୍ୟରେ ସମ୍ଭବ ହୋଇନଥାଏ । ମୁଁ ଯେଉଁ କର୍ମବୀରଙ୍କ ସମ୍ପର୍କରେ କହିବାକୁ ଯାଉଛି ସେ ଜନ୍ମ ନେଇଥିଲେ କେନ୍ଦ୍ରାପଡା ଜିଲ୍ଲାର ସଂସିଧା- ମଙ୍ଗରାଜପୁର ଗ୍ରାମରେ ୧୯୪୨ ମସିହାରେ । ଦୁଇ ବର୍ଷ ଓଡିଶା ପ୍ରଶାସନିକ ସେବାରେ କାର୍ଯ୍ୟରତ ରହିବା ପରେ ସେ ତାକୁ ଛାଡିଦେଇ ତାଙ୍କର ପ୍ରିୟ ଅଧ୍ୟାପନା ବୃ□କୁ ଆଦରି ନେଇଥିଲେ । ଦୀର୍ଘ ୩୨ ବର୍ଷକାଳ ସେ ଓଡିଶାର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା ବୃ□ରେ ସେବାରତ ଥିଲେ । ଏକ ପରିବ୍ରାଜକ ପରି ସେ ଓଡିଶାର ବିଭିନ୍ନ ପ୍ରାନ୍ତରେ ଅଧ୍ୟାପନା କାର୍ଯ୍ୟକରି ଶେଷରେ ଢେଙ୍କାନାଳ ସହରକୁ ନିଜର ଅବଶେଷ ଜୀବନର କର୍ମଭୂମି ରୂପେ ବାଛିନେଇ ସେହି ସହରର ସ୍ଥାୟୀ ନିବାସୀ ଭାବେ ରହିଛନ୍ତି । ଅଧ୍ୟାପନା ବୃ□ ସହିତ ନିଜକୁ ସାହିତ୍ୟ ସାଧନା କରିବାରେ ନିୟୋଜିତ କରିଆସିଛନ୍ତି । ଢେଙ୍କାନାଳର ବହୁ ସଂସ୍ଥା ଯଥା ଲାୟନ୍ସ କ୍ଲବ୍ , ରଚନାତ୍ମକ କାର୍ଯ୍ୟକାରୀ ସମିତି , ଶ୍ୟାମାଚରଣପୁର ବିକାଶ ସମିତି, ପଣ୍ଡିତ ଗଣନାଥ ମିଶ୍ର ପାଠାଗାର ଓ ଜନକ୍ରାନ୍ତି ପରିଷଦ ସହ ଜଡିତ ହୋଇ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ସଂପାଦନ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣ ପଦକ ବିଜେତା ଏହି ଛାତ୍ର ଜଣକ ବ□ମାନର ପ୍ରଫେସର ନିତ୍ୟାନନ୍ଦ ମିଶ୍ର ବ୍ୟତୀତ ଆଉ କେହି ନୁହନ୍ତି । ଏବେ ୭୯ ବର୍ଷ ବୟସରେ ପଦାର୍ପଣ କରିଛନ୍ତି । ପରିଣତ ବୟସରେ ମଧ୍ୟ ବେଶ୍ ଚଳଚ□ଳ । ଢେଙ୍କାନାଳ ସହରର ବିଭିନ୍ନ କାର୍ଯ୍ୟକ୍ରମରେ ସେ ଆଜି ଖୋଜା ପଡୁଛନ୍ତି । ଏକାଧାରରେ ଜଣେ ଶିକ୍ଷାବିତ୍ , ଐତିହାସିକ, ସାହିତ୍ୟିକ, ସ୍ତମ୍ଭକାର ଓ ପ୍ରାବନ୍ଧିକ ଭାବେ ତାଙ୍କର ସମସ୍ତ କୃତି ଓଡିଶା ବାଣୀ ଭଣ୍ଡାରକୁ ଅମୂଲ୍ୟ ଦାନ କହିଲେ ଅତ୍ୟୁକ୍ତି ହେବନାହିଁ । ଏକ ସମାଜସେବୀ ଭାବରେ ତାଙ୍କର କାର୍ଯ୍ୟ ମଧ୍ୟ ପ୍ରଶଂସନୀୟ । ସେ ହିଁ କହିଛନ୍ତି—

' ମଣିଷ କେତେବେଳେ କଣ ନାହିଁ କଣ ବୋଲି ଭାବେ । ନିଜେ ନିଜର ଭାଗ୍ୟ ନିୟନ୍ତା ବୋଲି ବିବେଚନା କରେ । ଆପଣା ସ୍ୱାର୍ଥ ପୂରଣ ପାଇଁ ଅପରକୁ ଦୁଃଖ ଦିଏ, ଶୋଷଣ କରେ । ଉପରେ କେହି ଜଣେ ଅଛି ବୋଲି ଭାବି ପାରେନାହିଁ । ମାତ୍ର ବେଳ ଆସେ, ଯେତେବେଳେ ତା'ର ସକଳ ଉଦ୍ୟମ, ସକଳ ସାମର୍ଥ୍ୟ ବ୍ୟର୍ଥ ହୋଇଯାଏ....... ଚାରିଆଡ ତାକୁ ଅନ୍ଧାର ଦିଶେ । ଠୋକର ଖାଇ ଝୁ□ପଡି ଲହୁ ଲୁହାଣ ହୁଏ । ତା ଭିତରେ ଗୋଟିଏ ଶୁଦ୍ଧ ସ୍ୱର ଶୁଣାଯାଏ । ସେ କାନପାତି ଶୁଣେ ସେ ସ୍ୱରକୁ । ତା ଭିତରେ ଅନ୍ଧକାର ଧୀରେ ଧୀରେ ଦୂରହୁଏ , ଆଲୋକିତ ହୋଇଉଠେ ମନର ଅଭ୍ୟନ୍ତର ।'

ଏହି ଶୁଦ୍ଧ ସ୍ୱରକୁ ଶୁଣିଥିବା କର୍ମବୀର ପ୍ରଫେସର ନିତ୍ୟାନନ୍ଦ ମିଶ୍ର ନିଜ ଜୀବନର ଅଙ୍କା ବଙ୍କା ଚଲାପଥରେ ଲହୁ ଲୁହାଣ ହୋଇ ଚାଲିଥିଲେ ମଧ୍ୟ ନିଜର ଲକ୍ଷ୍ୟ ହାସଲ କରିବା ପାଇଁ କେବେହେଲେ ପଛକୁ ଫେରି ଚାହିଁ ନାହାଁନ୍ତି ।

ନିଜ ଆତ୍ମଜୀବନୀ ଲେଖିବାକୁ ଯାଇ ସେ କହିଛନ୍ତି —

'ଇଏ ଏକ ପରିବ୍ରାଜକର ଜୀବନ । ସେ ଚାଲିଚି ...... ଚାଲିଚି, ଅଟକି ରହିନାହିଁ, ଝୁ□ପଡିନାହିଁ । କାନ୍ଦିଛି କିନ୍ତୁ କାନ୍ଦ ତା'ର ପ୍ରେରଣା, ତା'ର ଶକ୍ତି ଓ ତା'ର ଅଭିଳାଷ । ଦୁଃଖ ଅବସାଦ ତା'ର ବାଟ ଓଗାଳି ଠିଆ ହୋଇନାହିଁ ବରଂ ବିଧାବିଘ୍ନ ଓ ସୁବିଧା ଅସୁବିଧା ତା'ର ସାମର୍ଥ୍ୟକୁ ବୃଦ୍ଧି କରିଛି ।'

ତାଙ୍କର ଏଇ କେତେ ପଦ କଥା ଯିଏ ପଢିବ ନିଶ୍ଚିତ ଭାବେ ପ୍ରଭାବିତ ହେବ ।

ଏହି ମହାନ୍ ବ୍ୟକ୍ତିଙ୍କର ଓଡିଆ ସାରସ୍ୱତ ଜଗତକୁ ଦାନ ଅନେକ । ସେ ଭେଟି ଦେଇଥିବା କୃତି ମାନଙ୍କ ମଧ୍ୟରେ ରହିଛି—

୧) ପ୍ରଜାମଣ୍ଡଳ ଗୀତ, ସେ କେଉଁ ବଂଶୀର ସ୍ୱର, ଅସ୍ତ ସୂର୍ଯ୍ୟର ସ୍ତବ ( ସବୁ ଗୁଡିକ କବିତା)

୨) ବୀର ବୈଷ୍ଣବ ଗାଥା, ଗଡଜାତ ଗାନ୍ଧୀ, ପରିବ୍ରାଜକର ଡାଏରୀ, ଗୋପଦାଣ୍ଡର ଧୂଳି ଓ ସଂଗ୍ରାମୀ ପବିତ୍ର ମୋହନ( ସବୁ ଗୁଡିକ ଚରିତ ଉପନ୍ୟାସ)

ଏତଦ୍ ବ୍ୟତୀତ ତାଙ୍କର ଅନ୍ୟାନ୍ୟ ରଚନା ମାନଙ୍କ ମଧ୍ୟରେ ରହିଚି ଇଂରାଜୀରେ ଲିଖିତ ଏନ୍-ସାଇକେଲ୍ ପେଡିଆ ଓଡିଶା ହିଷ୍ଟ୍ରୀ ଆଣ୍ଡ୍ କଲ୍ଚର ଓଡିଶାର ଐତିହ୍ୟ- ଢେଙ୍କାନାଳ କିମ୍ବଦନ୍ତୀ, ହରମୋହନ କବିତା କଳା (ସାହିତ୍ୟ ସମୀକ୍ଷା) ଓ ପଣ୍ଡିତ ଗଣନାଥ ( ଜୀବନୀ) ।

ପତ୍ରିକା ସଂପାଦନା କ୍ଷେତ୍ରରେ ମଧ୍ୟ ପ୍ରଫେସର ମିଶ୍ର ପଛରେ ପଡି ନାହାନ୍ତି । ସବୁଜ କଲମ , ମୁଖ ଦର୍ପଣ, ନୀଳ ଦର୍ପଣ ଓ ବିନ୍ଦୁ ପତ୍ରିକାର ସଫଳ ସଂପାଦନା ସେ କରିଛନ୍ତି ।

ଫେସ୍ ବୁକ୍ ରେ ଲେଖୁଥିବା ନବୋଦିତ କବି ଓ କଥାଶିଳ୍ପୀ ମାନଙ୍କୁ ଲେଖିବା ପାଇଁ ଉତ୍ସାହିତ କରିବାରେ ସେ ଆଗ ଧାଡିରେ ରହିଛନ୍ତି । ଏଥିପାଇଁ ବିନ୍ଦୁ ସାହିତ୍ୟ ସମାଜ ଅନୁଷ୍ଠାନ ପ୍ରତିଷ୍ଠା କରି ସେ ଫେସ୍ ବୁକ୍ ଜଗତରେ ଲୋକପ୍ରିୟ ହୋଇ ପାରିଛନ୍ତି । ମୁଁ ମଧ୍ୟ ଏହି ଫେସ୍ ବୁକ୍ ମାଧ୍ୟମରେ ତାଙ୍କ ସଂସ୍ପର୍ଶରେ ଆସିଛି । ଅତି କମ୍ ସମୟରେ ଜଣକୁ ନିଜର କରି ପାରିବାର କଳା ତାଙ୍କ ନିକଟରେ ଅଛି ।

ଏପରି ଜଣେ ବିଶେଷ ବ୍ୟକ୍ତିଙ୍କ ଉପରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗର ଦୃଷ୍ଟି ପଡି ନଥିବାରୁ ସେ ସେହି ବିଭାଗ ଦ୍ୱାରା ଆଜି ପର୍ଯ୍ୟନ୍ତ ସମ୍ବର୍ଦ୍ଧିତ ହୋଇ ପାରିନାହାନ୍ତି । ଏହି ମହାନ୍ ବ୍ୟକ୍ତିଙ୍କୁ ମୁଁ ପ୍ରଣାମ କରୁଛି ଓ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରୁଛି ।

*ସଭାପତି*
*ବିନ୍ଦୁ ସାହିତ୍ୟ ସମାଜ, ଭୁବନେଶ୍ୱର*

### ଅନନ୍ୟ ପ୍ରତିଭାଧାରୀ- ପ୍ରଫେସର ନିତ୍ୟାନନ୍ଦ ମିଶ୍ର

**ମନୋଜ ଆଚାର୍ଯ୍ୟ**

ଜୀବନ ଯାତ୍ରାରେ ତୁମ କଥାମୃତ
ଲଗାଏ ମମତା ଡୋରି,
ନିତି ଆନନ୍ଦର ପ୍ରତୀକ ଗୋ ତୁମେ
ଅନନ୍ୟ ପ୍ରତିଭାଧାରୀ ।।

କିଏ ଯୋଡ଼ିଦେଲା ତୁମ ସାଥେ ଭାବ
କାହିଁକି କେଜାଣି ସତେ,
ଏତିକି ଜାଣିଛି ତୁମେ ମୋ ଆଦର୍ଶ
ଏ ଜୀବନ ଚଲାପଥେ ।।

ଋଣୀ ମୁଁ ଜୀବନେ ତୁମପାଇଁ ପଦେ
ଲେଖୁଛି ଜୀବନ ଗୀତି,
ଏଇ ମୋର ଅର୍ଘ୍ୟ ଭକତି ଅଞ୍ଜଳି
ସେବା ପ୍ରେମ ଶ୍ରଦ୍ଧା ପ୍ରୀତି ।।

ତୁଳସୀ କ୍ଷେତ୍ରରେ ଜନମ ଲଭିଛ
ବିତାଇଛ ପିଲାଦିନ,
ଢେଙ୍କାନାଳ ଶ୍ୟାମାଚରଣପୁରରେ
ଗଢିଛ କର୍ମ ସଂସ୍ଥାନ ।।

ମେଧାବୀ ଛାତ୍ର ଗୋ ବିଶ୍ୱ ବିଦ୍ୟାଳୟେ
ମିଳିଛି ସ୍ୱର୍ଣ୍ଣ ପଦକ,
ଇତିହାସ ପଢ଼ା ଆକର୍ଷି ଯେମିତି
ଲୁହାକୁ ଟାଣେ ଚୁମ୍ବକ ।।

ଦୁଇବର୍ଷ ତୁମ ପ୍ରଶାସନ ସେବା
ଯିଏ ଜାଣେ ସିଏ କହେ,
ଦରଦୀ ମଣିଷ ସମାଜ ସେବୀ ହେ
ଦେଉଛି ଶହେକୁ ଶହେ ।।


ଅଧ୍ୟାପନା ପରେ ଲେଖନୀ ଚାଳନା
ତୁମେ କବି ସ୍ତମ୍ଭକାର,
କବିତା ଗୁଚ୍ଛରେ ପ୍ରଜାମେଳି ଗୀତ
ସେ କେଉଁ ବଂଶୀର ସ୍ୱର ।।

ପରିବ୍ରାଜକର ଆତ୍ମ ଚରିତ୍ରରେ
ପଢ଼ିଲି ତୁମରି କଥା,
ଗଡଜାତ ଗାନ୍ଧୀ ଅସ୍ତ ସୂର୍ଯ୍ୟ ସ୍ତବ
ଲେଖିଛ ଜୀବନ ଗାଥା ।।

ଲାୟନ୍ସ କ୍ଲବ ଗଣନାଥ ସ୍ମୃତି
ଜନକ୍ରାନ୍ତି ପରିଷଦ,
ବିକାଶ ସମିତି ସାହିତ୍ୟ ସଙ୍ଗମ
ଗଢିଛ ସାହିତ୍ୟ ସଂସଦ ।।

ନିଆରା ପତ୍ରିକା ସବୁଜ କଲମ
ବିନ୍ଦୁରୁ ମୁଖ ଦର୍ପଣ,
ନୀଳ ଦର୍ପଣରେ ଦୁନିଆକୁ ତୁମେ
କରିଛ ପ୍ରତିଭା ଅର୍ପଣ ।

*ଜଗତସିଂହପୁର*




# ଦିବ୍ୟ ଆତ୍ମା ପ୍ରଫେସର ମନୋଜ ଦାସଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଳୀ



କଟକ, ଆଜି ସଂଧ୍ୟା ୭ଘଟିକା ସମୟରେ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ପଟଣା ତରଫରୁ ସାରସ୍ୱତ ସାଧକ ମନୋଜ ଦାସଙ୍କୁ ଶ୍ରଦ୍ଧାଳୀ ସଭା ଅବସରରେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଶଙ୍କର୍ଷଣ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ବୋର୍ଡ ଅଫ୍ ରେଭିନ୍ୟୁର ସେକ୍ସନ ଅଫିସର୍ ଉର୍ମିଳା ମହାଁ ଯୋଗଦାନ କରି ସ୍ୱର୍ଗତଃ ଦାସଙ୍କର ବାଲ୍ୟ ଜୀବନି ଓ ସାରସ୍ୱତ ସାଧନା ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ୪୨ମୌଜା ଯାଦବ ମହାସଭାର ସଭାପତି ବୁଲେଇ ବେହେରା ମତବ୍ୟକ୍ତ କରିଥିଲେ ଯେ ସାହିତ୍ୟ ଜଗତର ମଉଡମଣୀ ସର୍ବ ନମସ୍ୟ ପ୍ରଫେସର୍ ମନୋଜ ଦାସ ପୂଜ୍ୟ ଆମ୍ଭମାନଙ୍କ ମଧ୍ୟରେ ଆଜି ନାହାଁ ମାତ୍ର ତାଙ୍କର ସାହିତ୍ୟ ସଦାସର୍ବଦା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଶିବ ପ୍ରସାଦ ପଣ୍ଡା ସ୍ୱର୍ଗତଃ ଦାସଙ୍କ ସାହିତ୍ୟ କୃତିକୁ ଅନୁସରଣ କରିପାରିଲେ ତାଙ୍କ ପ୍ରତି ଆମ୍ଭର ଶ୍ରେଷ୍ଠ ଶ୍ରଦ୍ଧାଳି ହୋଇପାରିବ ବୋଲି ମତ ଦେଇଥିଲେ । ସଭାପତି ସଂକର୍ଷଣ ସେନାପତି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ପ୍ରଫେସର ମନୋଜ ଦାସଙ୍କର ଯୁଗାଂକାରୀ ସୃଷ୍ଟ ଦିବ୍ୟ ଜନନୀ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଚେତନାର ଏକ ନିର୍ଝର । ତାଙ୍କ ପ୍ରତିଟି ସୃଷ୍ଟିରେ ଆଧାତ୍ମିକତା ପରିପୂର୍ଣ୍ଣ ଥିଲା । ସେ ଜେଣ ଅସ୍ପୃହାଶୀଳ ଭଗବତ ଚେତନାର ଦିପ୍ତୀମଂ ଜ୍ୟୋତି ଶିଖାଟିଏ । ଅନ୍ୟମାନଙ୍କ ମଧ୍ୟରେ ପିତବାସ ସାହୁ, ବାସଂୀ ସାହୁ, ତ୍ରିଲୋଚନ ବାରିକ, ଜୟଂ କୁମାର ଦାସ, ଜ୍ୟୋତିରଂଜନ ଦାସ, ଯଚିନ୍ଦ୍ରନାଥ ବେହେରା, ଆଭାରାଣୀ ପରିଡା, ଶ୍ରାର୍ବିକା ମହାଁ, ପ୍ରିୟଦର୍ଶନୀ ମିଶ୍ର ପ୍ରମୁଖ ଉପସ୍ଥିତ ସ୍ୱର୍ଗତଃ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଶେଷରେ ଅନୁଷ୍ଠାନର ବରିଷ୍ଠ ସମ୍ପାଦକ ନାରାୟଣ ଚନ୍ଦ୍ର ମହାଁ ପୂର୍ଣ୍ଣଯୋଗର ସାଧକ, ଆର୍ନ୍ତଜାତିକ ଖ୍ୟାତି ସମ୍ପର୍ଣ୍ଣ କଥାକାର, ଗାଳ୍ପିକ, ପଦ୍ମଶ୍ରୀ , ପଦ୍ମଭୂଷଣ ଡଃ ମନୋରଂଜନ ଦାସଙ୍କ ସ୍ମୃତି ଅଗଣିତ ପାଠକଙ୍କ ମନରେ ଚିର ସ୍ମରଣୀୟ ହୋଇ ରହିଥିବ । ଆମ୍ଭେମାନେ ତାଙ୍କ ପଦାଙ୍କ ଅନୁସରଣ କରି ପାରିଲେ ତାଙ୍କ ପ୍ରତି ଆମ୍ଭର ଶ୍ରେଷ୍ଠ ଶ୍ରଦ୍ଧାଳୀ ହେବ ବୋଲି କହି ସେହି ଦିବ୍ୟ ଆତ୍ମାକୁ ସଶ୍ରଦ୍ଧ ପ୍ରଣାମ କରିଥିଲେ । ପରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

# ରଘୁନାଥ ମହାପାତ୍ରଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର: ରାଜ୍ୟ ସଭା ସାଂସଦ ତଥା ଆନ୍ତର୍ଜାତୀୟ ପ୍ରସିଦ୍ଧ ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି । କରୋନା ମହାମାରୀରେ ସଂକ୍ରମିତ ହୋଇ ରଘୁନାଥ ବାବୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବା ବେଳେ ଆଜି ତାଙ୍କ ବିୟୋଗ ଖବର ଶୁଣି ମୁଁ ମର୍ମାହତ ଓ ଦୁଃଖିତ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ସ୍ୱର୍ଗତଃ ରଘୁନାଥ ବାବୁ ଜଣେ ପ୍ରତିଷ୍ଠିତ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଭାବେ ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ । ପୁରୀ ଶ୍ରୀମନ୍ଦିର ଭଳି ଅବିକଳ ମନ୍ଦିର ବାଲେଶ୍ୱରରେ ନିର୍ମାଣ କରି ପ୍ରଶଂସା ଓ ସମ୍ମାନ ସାଉଁଟି ଥିବା ସ୍ୱର୍ଗତ ମହାପାତ୍ର ଅବିକଳ କୋଣାର୍କର ସୂର୍ଯ୍ୟ ମନ୍ଦିର ତିଆରି କରିବାର କଳ୍ପନା କରିଥିଲେ । ସମଗ୍ର ବିଶ୍ୱ ଜଣେ ସୁନାମ ଅର୍ଜନ କରିଥିବା ଏଭଳି ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ହରାଇଲା, ଯାହା ଅପୂରଣୀୟ କ୍ଷତି । ଓଡ଼ିଶାରେ କଳା ଓ ଐତିହ୍ୟକୁ ସମୃଦ୍ଧ କରିବା ଦିଗରେ ସ୍ୱର୍ଗତଃ ମହାପାତ୍ରଙ୍କ ଅତୁଳନୀୟ ଅବଦାନ ପାଇଁ ସେ ପଦ୍ମଶ୍ରୀ, ପଦ୍ମଭୂଷଣ ଓ ପଦ୍ମ ବିଭୁଷଣ ସମ୍ମାନରେ ସମ୍ମାନିତ ହୋଇଛନ୍ତି ଯାହା ସବୁଦିନ ପାଇଁ ତାଙ୍କୁ ସ୍ମରଣୀୟ କରି ରଖିବ । ସ୍ୱର୍ଗତଃ ରଘୁନାଥ ବାବୁଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ।

# ଭଦ୍ରକରୁ ୨ ଦିନରେ ଚିହ୍ନଟ ହେଲେ ୩୪୬, ଜଣେ ମୃତ : ସକ୍ରିୟ ଆକ୍ରାନ୍ତ ୯୮୩

ଭଦ୍ରକ: ଗତ ୨ ଦିନରେ ଭଦ୍ରକ ଜିଲ୍ଲାରେ ମୋଟ ୩୪୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇ ୯ ହଜାର ୧୫୨ । ସେମାନଙ୍କ ମଧ୍ୟରୁ ସୁସ୍ଥ ହୋଇଛନ୍ତି ୮ହଜାର ୧୪୦ । ଏବେ ସକ୍ରିୟ ଅଛନ୍ତି ୯୮୩ ଜଣ । ୨ ଦିନରେ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ କିମ୍ସ ହସ୍ପିଟାଲରେ ୨ଜଣ, ଏସ୍ସିବିରେ ୫ଜଣ ଏବଂ ଆପୋଲୋରେ ଜଣେ ଚିହ୍ନଟ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବ୍ଲକର ଅର୍ଣ୍ଣପାଳ, ବନ୍ଧଗାଁ, କୋଡବରୁଆଁ, ବହୁଦରଡ଼ା, ବିଷ୍ଣୁପୁରବିନ୍ଧା, ଡଗରାସାହି, ଗେଲପୁର, ଏରେଇଁ, ଗୁଜିଦରଡା, କାଉପୁର, ରାହାଞ୍ଜ, ରାନ୍ଦିଆ, ସାହାଡ଼ା, କୋରକୋରା, ହରିପୁର, କଳେଇ, ଓଲଙ୍ଗ, ସାବରଙ୍ଗ ଗ୍ରାମରୁ ମୋଟ ୫୫ଜଣ । ଧାମନଗର ବ୍ଲକର ଅର୍ଜୁନପୁର, ବିନ୍ଧା, ଧୁଷୁରୀ, କଳେଇପଦା, ନଦୀଗାଁ, ନାରାୟଣପୁର, ଭଗବାନପୁର, ଦୋବଲ, କଟସାହି, ଦକ୍ଷିଣ କୋରୁଅ, କାଠମୁଣ୍ଡା, ପିତେଇପୁର ଗ୍ରାମରୁ ୧୭ଜଣ । ବାସୁଦେବପୁର ପୌରପାଳିକାର ୪ନଂ, ୧୧ନଂ, ୧୫ନଂ ଓ ୭ନଂ ୱାର୍ଡରୁ ୭ଜଣ, ଭଦ୍ରକ ପୌରପାଳିକାର ୧୭, ୯,୧୦, ୧୫, ୧୧, ୭, ୬,୧, ୩, ୫, ୧୨, ୧୩, ୧୫, ୨୬, ୩୦ ନଂ ୱାର୍ଡରୁ ୪୩ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ଚାନ୍ଦବାଲି ଏନ୍ଏସିର ୧୦ ନଂ ଓ ୧୧ ନଂ ଓ ୪ ନଂ ୱାର୍ଡରୁ ୫ଜଣ, ବାସୁଦେବପୁର ବ୍ଲକର ବିଦେଇପୁର, ଗୋବିନ୍ଦପୁର, ବିନାୟକପୁର, ବ୍ରାହ୍ମଣୀଗାଁ, ରାଜଘରପୋଖରୀ, ଚୁଡାମଣି, ଇରମ. ଏଡତାଳ, ଗୁଆଗଡ଼ିଆ, କିସ୍ମତକୃଷ୍ଣପୁର, ଉହାଡ଼, ନରସିଂହପୁର, ପଦ୍ମୁଆଁ, ଗୁଆଗାଁ, ସୁଦର୍ଶନପୁର, ସୁଗୋ, କ□ସାହି,କୁମାରପୁର, ଲୁଙ୍ଗା, ନରସିଂହପୁର, ପଦ୍ମପୁର, ଅନ୍ଧୁଆଁରୁ ୫୯ଜଣ । ଚାନ୍ଦବାଲି ବ୍ଲକର ଭୁଇଁବୃ□, ଘ□ଶ୍ୱର, ହେଙ୍ଗୁପତି, ଧାମରା, ବାଲିପାଟଣା, ମତୋ, ମଉସୁଧା, ଜନ୍ତୁଆଳି, ବିରିଆଡିଆ, ଚଡଦିଆ, ମଧୁପୁର, ବାଂଶଡା ଗ୍ରାମରୁ ୨୦ଜଣ, ଭଣ୍ଡାରିପୋଖରୀ ବ୍ଲକର ବାଲିପୋଖରୀ, ଦକ୍ଷିଣବାଡ, କୁରିଗାଁ, ସାତଶୋଳା, ନିର୍ଗୁଣ୍ଡି, ବେଲଗଡ଼ିଆ, ରାଜେନ୍ଦ୍ରପୁର, ସୁନି, ଓଲା, ସରସଦା, ମହୁଲିସାହି, ଗୁଣୁପୁରୁ, ନୂଆଗାଁ, ମିଟୁଆଣି, ଛତାବର, ପୁରୁଷୋ□ମପୁର, ବଡ଼ବନସ୍ତା ଗ୍ରାମରୁ ୩୯ଜଣ । ବନ୍ତ ବ୍ଲକର ଅଣିଜୋ, ଆଡିଆ, ଆପତୀରା, ହରିପୁର, ଚାରିଗାଁ, ଗୋପିନାଥପୁର, କାଦବରାଙ୍ଗ, ଆମ୍ଭୋର, ରାମପୁର, ତୁଣ୍ଡା, ଏରେଣ୍ଡି, ଟିଲୋ, ବି.ଟି.ପୁର, ଚକ୍ରାପାଡି, ଗୋବିନ୍ଦପୁର, କେନ୍ଦୁଆପଦା, ନୂଆପୋଖରୀ, ରାମଚନ୍ଦ୍ରପୁର, ରାମକୃଷ୍ଣପୁର, ତୋଡଗାଁ ଗ୍ରାମର ମୋଟ ୩୮ଜଣ ଚିହ୍ନଟ ହୋଇଛନ୍ତି ।

# ରକ୍ଷଣାବେକ୍ଷଣ ଅଭାବରୁ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ଗଛ ନଷ୍ଟ ପଥରେ

କେନ୍ଦୁଝର: କେନ୍ଦୁଝରଗଡ ପୌରା□ଳର ରାସ୍ତା ପ୍ରଶସ୍ତିକରଣ ପରେ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ଗଛ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି । ୨୦୧୭ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଡ ଏନ ତିରୁମାଲ୍ଲା ନାୟକଙ୍କ ପ୍ରଚେଷ୍ଟାରେ ସିରାଜୁଦ୍ଦିନ ଖଣି କମ୍ପାନୀ ସହାୟତାରେ ଗାନ୍ଧୀ ଛକଠାରୁ ଜଗନ୍ନାଥପୁର ଛକ ପର୍ଯ୍ୟଂ ରାସ୍ତାରେ ମଝିରେ ଥିବା ଡିଭାଇଡର ମଝିରେ ତାର ଜାଲି ମଧ୍ୟରେ ୧୭୦ ଟି ମୂଲ୍ୟବାନ ରୟାଲ ପାମ ଗଛ ଲଗାଯିବା ସହ ମିନି ଟଗର,କାମିନୀ,ଏକଜରା ଗଛ ଲଗାଯାଇଥିଲା । କମ୍ପାନୀର ସିଏସ୍ଆର ରେ ୬୦ ଲକ୍ଷ ଟଙ୍କା ବ୍ୟୟରେ ୨୦୧୭ ଆରମ୍ଭ ହୋଇଥିବା ବୃକ୍ଷରୋପଣ ୨୦୧୮ ମସିହାରେ ଶେଷ ହୋଇଥିଲା । ବୃକ୍ଷରୋପଣ ପରେ ଖଣି କମ୍ପାନୀ ପକ୍ଷରୁ ଟ୍ୟାଙ୍କର ସହାୟତାରେ ୨ ବର୍ଷ ଧରି ପାଣି ଦିଆଯାଇଥିଲା । ପରେ ପୌରପାଳିକା ପକ୍ଷରୁ ପାଣି ଦିଆଯାଉଥିଲା । ଚଳତ ବର୍ଷ ଖରା ଦିନରେ ନିୟମିତ ପାଣି ଦିଆନଯିବା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ବହୁ ମୂଲ୍ୟବାନ ରୟାଲ ପାମ ଗଛ ଶୁଖି ନଷ୍ଟ ହୋଇ ରାସ୍ତା ଆଡକୁ ଢଳିଗଲାଣି । ଗଛ ଗୁଡିକ ଭାଙ୍ଗି ରାସ୍ତାର ଉଭୟ ପାର୍ଶ୍ୱରେ ଢଳି ରହିଥିଲେ ହେଁ ପୌର ପ୍ରଶାସନର ନଜର ନପଡିବା ଦୂର୍ଭାଗ୍ୟଜନକ । ସହରର ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ରୟାଲ ପାମ ଗଛ ଗୋଟିଏ ପରେ ଗୋଟିଏ ନଷ୍ଟ ହେଉଥିବାବେଳେ ପୌରାପଳିକା ପକ୍ଷରୁ ନିୟମିତ ପାଣି ଦିଆଯିବା, ଗଛ ମୂଳକୁ ସଫା କରିବା ଆଦି କାର୍ଯ୍ୟ କରା ନଗଲେ ଆଗାମି ଦିନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ହୋଇଥିବା ଯୋଜନା ପାଣିରେ ପଡିବ ।

# ଆନନ୍ଦପୁରରେ କୋଭିଡ୍ କେୟାର ସେ□ର ଖୋଲିଲା

ଆନନ୍ଦପୁର (ପିଏନ୍): ଆନନ୍ଦପୁର ମ୍ୟୁନିସିପାଲଟି କଲ୍ୟାଣମଣ୍ଡପରେ ୬୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେ□ରେ ଶୁଭାରମ୍ଭ ହୋଇଛି । ଆନନ୍ଦପୁର ଉପଜିଲ୍ଲାପାଳ ସରୋଜ କୁମାର ଦ□ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ସେ□ରରେ ମୋଟ୍ ୬୦ଟି ଶଯ୍ୟା ଥିବାବେଳେ ୨୦ଟି ଅକ୍ସିଜେନ୍ ବେଡ୍ ରହିଛି । କରୋନା ଲକ୍ଷଣ ଥିବା ରୋଗୀମାନେ ଏଠାରେ ଚିକିତ୍ସିତ ହୋଇ ପାରିବେ । ଆନନ୍ଦପୁରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଆନନ୍ଦପୁର ଡାକ୍ତରଖାନା ଅଧିକ୍ଷକ ଡାକ୍ତର ଧନେଶ୍ୱର ସେଠୀ, ତହସିଲଦାର ତପନ କୁମାର ନାୟକ, ପୌରନିର୍ବାହୀ ଅଧିକାରୀ ବିପିନ ପ୍ରଧାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

# ମେ ୪ ଯାଏଁ କାଳବୈଶାଖୀ ସମ୍ଭାବନା , ୨୪ ଘଂଟା ପାଇଁ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର : ରାଜ୍ୟର ଦକ୍ଷିଣ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ଆସନ୍ତା ୨୪ ଘଂଟା ମଧ୍ୟରେ କାଳବୈଶାଖୀ ଜନିତ ବର୍ଷା ଓ ଘୂର୍ଣ୍ଣିଝଡ଼ର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି । ଗୁରୁବାର ଅପରାହ୍ନ ୧ଟା ୩୦ଘଂଟାରୁ ଆସନ୍ତାକାଲି (ଶୁକ୍ରବାର) ସକାଳ ୮ଟା୩୦ ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ପ୍ରଭୃତି ୮ଟି ଜିଲ୍ଲାର ଅନେକ ସ୍ଥାନରେ ବଜ୍ରପାତ ଏବଂ କୁଆପଥର ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ସହ କାଳବୈଶାଖୀ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ୮ଜିଲ୍ଲାକ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ଏହି ସମୟ ମଧ୍ୟରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର, ଭଦ୍ରକ, ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଧିକ ରହିଛି ବୋଲି ଜାରି ସତର୍କ ସୂଚନାରେ କହିଛି ପାଣିପାଗ କେନ୍ଦ୍ର । କିଛି ସ୍ଥାନରେ କୁଆପଥର ବର୍ଷା ମଧ୍ୟ ହୋଇପାରେ । ସେହିପରି ୩୦ରୁ ୧ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲା କୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ମେ ୧ ତାରିଖରୁ ୨ ତାରିଖ ମଧ୍ୟରେ ଦେବଗଡ, କେନ୍ଦୁଝର, ମୟୁରଭଂଜ, ମାଲକାନଗିରି, କୋରାପୁଟ ,ରାୟଗଡା, ଗଜପତି ଓ କନ୍ଧମାଳ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଥିବାରୁ ୟେଲେଶ ୱାର୍ଣ୍ଣ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ମଧ୍ୟ ବହିପାରେ । ଏହା ବ୍ୟତୀତ ୨ ରୁ ୩ ତାରିଖ ମଧ୍ୟରେ କେନ୍ଦୁଝର, ମୟୁରଭଂଜ, ଯାଜପୁର , କନ୍ଧମାଳ , ଗଜପତି . ମାଲକାନଗିରି, କୋରାପୁଟ, ରାୟଗଡା, ନୟାଗଡ, ଦେବଗଡ, ବାଲେଶ୍ୱର , ଭଦ୍ରକ, ଅନୁଗୁଳ , ଢେଙ୍କାନାଳ ଓ କେନ୍ଦ୍ରାପଡା ଜିଲ୍ଲାରେ ପ୍ରବଳ ବେଗରେ ପବନ ବହିବା ସହ ବଜ୍ରପାତ ସମ୍ଭାବନା ରହିଛି । ୩ରୁ ୪ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଗଜପତି, ଗଂଜାମ, ଖୋର୍ଦ୍ଧା , ପୁରୀ, ନୟାଗଡ, କେନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ, କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ବଜ୍ରପାତ ସହ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିପାରେ । ଏହି ସମୟ ମଧ୍ୟରେ କୋରାପୁଟ , ନବରଙ୍ଗପୁର, ମାଲକାନଗିରି ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# ମୟୂରଭଞ୍ଜ ଜିଲ୍ଲାରୁ ନୂଆ ୧୯୯ କରୋନା ପଜିଟିଭ ଚିହ୍ନଟ

ବାରିପଦା: ମୟୂରଭଞ୍ଜ ଜିଲ୍ଲାରେ କୋଭିଡ଼-୧୯ର ଦ୍ୱିତୀୟ ଲହର ଜିଲ୍ଲାରେ ଉପର ମୁହାଁ ହେବାରେ ଲାଗିଛି । ଆଜି ଓଡ଼ିଶାରୁ ଚିହ୍ନଟ ହୋଇଥିବା ୮,୦୧୫ କରୋନା ପଜିଟିଭ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ୧୯୯ ଜଣ କୋଭିଡ଼-୧୯ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି ଏବଂ ଜିଲ୍ଲାରେ ଆକ୍ରାନ୍ତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୭,୪୮୫ରେ ପହଂଚିଛି । ସେହିପରି ମଇ ୧ ପର୍ଯ୍ୟନ୍ତ ଜିଲ୍ଲାରୁ ୧୫,୫୨୮ ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ଆଜି ସୁଦ୍ଧା ୧,୮୬୪ ଜଣ ସକ୍ରିୟ ଥାଇ ହୋମ ଆଇସୋଲେସନ, କୋଭିଡ଼ କେୟାର ସେଂଟର, କୋଭିଡ଼ ହସପିଟାଲ, ଟିଏମସି ସେଂଟର, ବାରିପଦା ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ୱାର୍ଡ଼ ଓ କଟକ-ଭୁବନେଶ୍ୱର ଆଦିରେ ଚିକିତ୍ସିତ ହେଉଛନ୍ତି ଏବଂ ଅଦ୍ୟାବଧି କୋଭିଡ଼-୧୯ ଭୂତାଣୁରେ ଆକ୍ରାନ୍ତ ଥାଇ ଚିକିତ୍ସାଧୀନ ଅବସ୍ଥାରେ ମୋଟ୍ ୯୩ ଜଣଙ୍କର ମୃତ୍ୟୁ ହୋଇଥିବାର ଜଣାପଡ଼ିଛି ।

ପ୍ରକାଶ ଥାଉକି, ଗତ ୨୦୨୦ ସେପ୍ଟେମ୍ବର ମାସରେ ଜିଲ୍ଲାରୁ ସର୍ବାଧିକ ୪,୬୧୫ ଜଣ ପଜିଟିଭ ଓ ଅକ୍ଟୋବର ମାସରେ ଦ୍ୱିତୀୟ ସର୍ବାଧିକ ଭାବେ ୩,୨୭୫ ପଜିଟିଭ ଚିହ୍ନଟ ହେବା ପରେ ୨୦୨୧ ଏପ୍ରିଲ ମାସରେ ତୃତୀୟ ସର୍ବାଧିକ ଭାବେ ୨୬୧୧ ପଜିଟିଭ ଚିହ୍ନଟ ହୋଇଛନ୍ତି ।

# ଭୁବନେଶ୍ୱରରେ ୨୪ ଘଂଟାରେ ୧୦୮୪ ପଜିଟିଭ୍

ଭୁବନେଶ୍ୱର: ରାଜଧାନୀ ଭୁବନେଶ୍ୱରରେ କରୋନାର ହଜାରେ ଟ୍ରେଣ୍ଡ ଜାରି ରହିଛି । ରବିବାର ଦିନ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ଆଉ ୧୦୮୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୩୬୧୪ କୁ ବୃଦ୍ଧି ପାଇଛି । ଆଜି ୨୧୩ ଜଣ କ୍ୱାରେଂଟାଇନ୍ ମାମଲା ରହିଥିବା ବେଳେ ୮୭୧ ଲୋକାଲ୍ କେସ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୯୦୬ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରାଯାଇଛି ।

ଆଜି ଚିହ୍ନଟ ହୋଇଥିବା ୮୭୧ ଲୋକାଲ୍ କେସ ଭିତରୁ ସର୍ବାଧିକ ନୟାପଲ୍ଲୀରୁ ୫୩ ଜଣ , ପଟିଆରୁ ୫୨ ଜଣ ରହିଥିବା ବେଳେ ଖଣ୍ଡଗିରିରୁ ୪୪ ଜଣ, ଓଲ୍ଡଟାଉନ୍ ରୁ ୪୧ ଜଣ ,ରସୁଲଗଡରୁ ୪୦, ଡୁମଡୁମାରୁ ୩୩ , ବରମୁଣ୍ଡାରୁ ୩୨ , ଝାରପଡାରୁ ୩୧ ଜଣ ଆକ୍ରାନ୍ତ ରହିଛନ୍ତି ।

ସେହିପରି ଓଲ୍ଡ ଟାଉନ୍ ଓ ନୟାପଲ୍ଲୀରୁ ୧୬ ଲେଖାଏଁ ,ଶୈଳଶ୍ରୀବିହାରରୁ ୧୩, ବଡଗଡରୁ ୧୦, ଖଣ୍ଡଗିରିରୁ ୯ ଜଣ ଲେଖାଏଁ ଲୋକାଲ୍ କେସ ଚିହ୍ନଟ ହୋଇଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୨୫୩୦ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୪୨୧୫୫ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୧୦୦୭୫ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୭୯ ରହିଛି ।

## ବାତିଲ ରହିବ ପୁରୀ-ପାରାଦୀପ, ଭୁବନେଶ୍ୱର-ନୟାଗଡ଼ ଟାଉନ ସ୍ପେଶାଲ ଟ୍ରେନ୍

ଭୁବନେଶ୍ୱର: ଯାତ୍ରୀ ଉପଲବ୍ଧ ନହେବାରୁ ପୁରୀ-ପାରାଦୀପ ଏବଂ ଭୁବନେଶ୍ୱର-ନୟାଗଡ଼ ଟାଉନ ବିଶେଷ ଟ୍ରେନ ବାତିଲ ରଖିବାକୁ ନିଷ୍ପତି ନେଇଛି ପୂର୍ବତଟ ରେଳବାଇ । ୦୮୪୨୩/୦୮୪୨୪ ଭୁବନେଶ୍ୱର-ନୟାଗଡ଼ ଟାଉନ୍-ଭୁବନେଶ୍ୱର ବିଶେଷ ଟ୍ରେନ ଭୁବନେଶ୍ୱରରୁ ୨୭ ଏପ୍ରିଲ୍ ଏବଂ ନୟାଗଡ଼ ଟାଉନ୍ ରୁ ୨୮ ଏପ୍ରିଲ ଠାରୁ ବାତିଲ କରାଯିବାକୁ ନିଷ୍ପତି ନିଆଯାଇଅଛି । ଭୁବନେଶ୍ୱର-ନୟାଗଡ଼ ଟାଉନ୍-ଭୁବନେଶ୍ୱର ବିଶେଷ ଟ୍ରେନ ଦ୍ୱାରା ମାତ୍ର ୨ ଶତକଡାରୁ କମ ଯାତ୍ରୀ ଏହାର ଚଳାଚଳ ଠାରୁ ଉପଲବ୍ଧ ହୋଇଛନ୍ତି । ସେହିଭଳି, ୦୮୪୧୩/୦୮୪୧୪ ପାରାଦୀପ-ପୁରୀ-ପାରାଦୀପ ବିଶେଷ ଟ୍ରେନ ଉଭୟ ଦିଗରୁ ୨୭ ଏପ୍ରିଲ, ଠାରୁ ବାତିଲ କରାଯିବାକୁ ନିଷ୍ପତି ନିଆଯାଇଛି । ଏହି ଟ୍ରେନ ଦ୍ୱାରା ଏହାର ଚଳାଚଳ ଠାରୁ ମାତ୍ର ୧୦ ଶତକଡା ରୁ କମ ଯାତ୍ରୀ ଉପଲବ୍ଧ ହୋଇଛନ୍ତି ।

# ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ପରଲୋକ

## - କରୋନାରେ ଆକ୍ରାନ୍ତ ହୋଇ ଏମସ୍ ରେ ଚିକିତ୍ସାଧୀନ ଥିଲେ

## - ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଭୁବନେଶ୍ୱର: ରାଜ୍ୟସଭା ସାଂସଦ ତଥା ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କର ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । କରୋନା ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଅପରାହ୍ନ ୩ଟା ୪୯ରେ ତାଙ୍କର ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ , ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି , ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ , ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ , ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବା ଶିଳ୍ପୀ ତଥା ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ର କରୋନାରେ ଆକ୍ରାନ୍ତ ହେବା ପରେ ତାଙ୍କୁ କିଛି ଦିନ ପୂର୍ବରୁ ଏମ୍ସରେ ଭର୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଂଟିଲେଟରରେ ରଖାଯାଇଥିଲା । ଏମ୍ସରେ ଭର୍ତି ହେବା ପରେ ୨ ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱର୍ଗତ ମହାପାତ୍ରଙ୍କ ବଡ଼ ପୁଅଙ୍କ ସହିତ ଫୋନରେ କଥା ହୋଇ ତାଙ୍କର ସ୍ୱାସ୍ଥ୍ୟ ସଂପର୍କରେ ଅବଗତ ହୋଇଥିଲେ । ସୂଚନାଯୋଗ୍ୟ, ରଘୁନାଥ ମହାପାତ୍ର ପୁରୀରେ ୧୯୪୩ ମସିହା ମାର୍ଚ୍ଚ ୨୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ସେ ୧୯୭୫ ମସିହାରେ ପଦ୍ମଶ୍ରୀ, ୨୦୦୧ ମସିହାରେ ପଦ୍ମଭୂଷଣ ଓ ୨୦୧୩ ମସିହା ସାଧାରଣତନ୍ତ୍ର ଦିବସ ଅବସରରେ ପଦ୍ମବିଭୂଷଣରେ ସମ୍ମାନିତ ହୋଇଥିଲେ । ୨୦୧୮ରେ ରାଜ୍ୟସଭାକୁ ମନୋନୀତ ହୋଇଥିଲେ । ବିଜେଡ଼ି ସମର୍ଥନରେ ସେ ସ୍ୱାଧୀନ ଭାବେ ରାଜ୍ୟସଭା ସାଂସଦ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ । ତେବେ ଗତ ବର୍ଷ ତାଙ୍କୁ ରାଷ୍ଟ୍ରପତି ରାଜ୍ୟସଭା ସାଂସଦ ଭାବେ ମନୋନୀତ କରିଥିଲେ । ଦ୍ୱିତୀୟ କୋଣାର୍କ ପାଇଁ ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା କିନ୍ତୁ ଅଧୁରା ରହିଗଲା । ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜଣେ ପରମ ଭକ୍ତ ଭାବେ ଜଣାଶୁଣା ଥିଲେ । ଭୁବନେଶ୍ୱର ଉପକଣ୍ଠରେ ଥିବା ଶିଳ୍ପୀ ଗ୍ରାମ ଓ “ରଘୁନାଥ କ୍ରାଫ୍ଟସ୍”ର ପ୍ରତିଷ୍ଠାତା ଥିଲ । ପୁରାତନ ଶୈଳୀରେ ନୂତନ ଭାବେ ନିର୍ମିତ ତାରାତାରିଣୀ ମନ୍ଦିରର ମୂଖ୍ୟ ସ୍ଥପତି ଭାବେ କାର୍ଯ୍ୟ କରିବା ସହ ଭାରତ ସାରା ଅନେକ ମନ୍ଦିର ନିର୍ମାଣ କରିଛନ୍ତି । ୨୦୧୬ ମସିହାରେ ଓଡ଼ିଶା ସରକାର ତାଙ୍କୁ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ଭାବରେ ନିଯୁକ୍ତ ହୋଇଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କୋଭିଡ୍ ପରିଚାଳନା ନେଇ ସମିକ୍ଷା କଲେ ପୁଲିସ ଡିଜି ଅଭୟ

ରାଉରକେଲା: ପଶ୍ଚିମାଂଚଳରେ କୋଭିଡ ସ୍ଥିତି ଧିରେ ଧିରେ ବିଗୁଡୁଥିବା ବେଳେ ଓଡିଶାର ଅନ୍ୟ ସ୍ଥାନରେ ସ୍ଥିତି ବିଗିଡ଼ି ଚାଲିଛି । ଏହାକୁ ଦେଖି ରାଜ୍ୟ ସରକାର ୧୪ ଦିନିଆ ଲକଡାଉନ ଘୋଷଣା କରିଥିବା ବେଳେ ରାଉରକେଲା ସମେତ ପଡୋଶି ପୁଲିସ ଜିଲ୍ଲାରେ କୋଭିଡ୍ ପରିଚାଳନା କେମିତି ଚାଲିଛି ତାହାର ସରଜମିନ ସମିକ୍ଷା କରିବା ଲାଗି ଆଜି ଓଡିଶା ପୁଲିସ ଡିଜି ଶ୍ରୀ ଅଭୟ ଆଜି ରାଉରକେଲାରେ ପହଁଚି ସମିକ୍ଷା କରିଛନ୍ତି । ଶ୍ରୀ ଅଭୟ ଏକ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଆଜି ରାଉରକେଲାରେ ପହଁଚି ରାଉରକେଲା ମିଡିଆକୁ ଭେଟିଥିଲେ । ସେ କହିଥିଲେ ରାଜ୍ୟ ସରକାର ଯେଉଁଭଳି ଏହି ସ୍ଥିତିକୁ ପରିଚାଳନା କରିବାକୁ କହିଥିଲେ ସେହି ଭଳି ସମସ୍ତ କାମ ପୁଲିସ ଚଳାଇଛି । ବିଶେଷ କରି ଅକ୍ସିଜେନ ଗାଡି ଗୁଡିକ କିଭଳି ତାର ଗନ୍ତବ୍ୟ ଯାଗାରେ ପହଁଚିବ ତାହାର ବ୍ୟବସ୍ଥା ପୁଲିସ ପକ୍ଷରୁ କରାଯାଉଛି । ମୁଖ୍ୟମନ୍ତ୍ରୀ କହିବା ଅନୁଶାରେ ଲୋକଙ୍କୁ ମାସ୍କ ପିନ୍ଧାରେ ଅଭ୍ୟାସ କରାଇ ସଚେତନ କରିବା ଓ ସାମଜିକ ଦୂରତା ଲାଗି ସଚେତନ କରାଇବା ଦିଗରେ ପୁଲିସ କାର୍ଯ୍ୟ କରୁଛି, ଲୋକେ ମଧ ଅନେକ ଜରିମାନା ଦେଇଛନ୍ତି । ପରେ ସେ ରାଉରକେଲା, ସୁନ୍ଦରଗଡ଼, ରେଳବାଇ ପୁଲିସ, ଝାରସୁଗୁଡ଼ା ଓ ସମ୍ବଲପୁରର ପୁଲିସ ଅଧିକାରୀ ମାନଙ୍କ ସହ କୋଭିଡ ପରିଚାଳନା କେମିତି ଚାଲିଛି ପଚାରି ବୁଝିଥିଲେ । ଏହି ସମୟରେ ବିଶେଷ କରି ସିମାନ୍ତ ଅଂଚଳରେ କୋଭିଡ ପରିଚାଳନା ନେଇ କିଭଳି କାମ ଚାଲିଛି ତାକୁ ମଧ ପଚାରି ବୁଝିଥିଲେ । ପରେ ପରେ ସେ ଚତୁର୍ଥ ବାଟାଲିଆନ ରାଉରକେଲା କ୍ୟାମ୍ପସକୁ ପରିଦର୍ଶନରେ ଯାଇଥିଲେ।

# ଭଦ୍ରକ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଅବହେଳାରୁ ଜଣେ କୋଭିଡ୍ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

ଭଦ୍ରକ: କରୋନା ସଂକ୍ରମିତ ଜଣେ ମହିଳାଙ୍କୁ ବଂଚାଇବା କ୍ଷେତ୍ରରେ ଅକ୍ସିଜେନ୍‌ର ଅଭାବ ନଥିଲା । ଡାକ୍ତର ଓ ନର୍ସ ସମସ୍ତେ ଥିଲେ । କିନ୍ତୁ ମହିଳା ଜଣଙ୍କୁ କରୋନା ସଂକ୍ରମିତ ଥିବାର ଜାଣି କେହି ପାଖକୁ ନଆସିବାରୁ ସମସ୍ତଙ୍କ ଆଖି ଆଗରେ ରୋଗିଣୀଟି ଅକ୍ସିଜେନ୍ ନପାଇ ଛଟପଟ ହୋଇ ମରିଗଲା । କିନ୍ତୁ କେହି ତାକୁ ବଂଚାଇବା କ୍ଷେତ୍ରରେ ସାମାନ୍ୟତମ ସହଯୋଗ ତ ଦୂରର କଥା ପାଖ ନ ମାଡିବାରୁ ବଡ କରୁଣ ଅବସ୍ଥାରେ ତାର ମୃତ୍ୟୁ ହୋଇଗଲା । ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାପ୍ତ ଖବରରୁ ଯାହା ଜଣାଯାଏ ପଡୋଶୀ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଂଚଳର ମଇତାପୁର ଗ୍ରାମ ନିବାସୀ ଗୋମତି ସିଂ ନାମକ ଜଣେ ମହିଳାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ପରିବାର ଲୋକେ ତାକୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଆସିଥିଲେ । ପ୍ରଥମେ ମହିଳା ଜଣଙ୍କୁ ଆଉଟ୍‌ଡୋରରୁ ଜେନେରାଲ ଫିମେଲ୍ ୱାର୍ଡକୁ ଅଣାଗଲା । ସେଠାରେ କୋଭିଡ୍ ଟେଷ୍ଟ ପରେ ପଜିଟିଭ୍ ଥିବାରୁ ଡାକ୍ତର କହିଲେ ଏଠାରେ ତୁମର ଚିକିତ୍ସା ହୋଇପାରିବ ନାହିଁ । ତୁମେ କୋଭିଡ୍ ୱାର୍ଡକୁ ଯାଅ । ମାତ୍ର ଘରଲୋକେ ମହିଳା ଜଣକ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବାରୁ ଡାକ୍ତରଙ୍କୁ ଯେତେ ବିକଳ ହୋଇ ଅକ୍ସିଜେନ୍‌ଟିଏ ଦେବାକୁ କହିଥିଲେ ମଧ ୱାର୍ଡରେ ଡ୍ୟୁଟିରେ ଥିବା ଡାକ୍ତର ବେଣୁଧର ନାୟକ ଏ ରୋଗୀ ପାଇଁ ଅକ୍ସିଜେନ୍ ଉଦ୍ଦିଷ୍ଟ ନଥିବାର କହି ଶୀଘ୍ର ମେଡିକାଲ ଛାଡି ଯିବାକୁ କହିଥିଲେ । କରୋନା ପଜିଟିଭ୍ ଜାଣି କୌଣସି ଡାକ୍ତର କି ନର୍ସ ତା ପାଖକୁ ନଆସି କେବଳ କୋଭିଡ୍ ୱାର୍ଡକୁ ନେଇଯାଅ କହି ପରେ କଟକ ରେଫର କରିବା ସହ ଆମ୍ବୁଲାନ୍ସରେ ଅକ୍ସିଜେନ୍ ଅଛି, ରାସ୍ତାରେ ତାହା ଲଗାଇବ ବୋଲି କହିବାକୁ ଭୁଲିନଥିଲେ । ଫଳରେ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ କେବଳ ମେଡିକାଲର ଏ ୱାର୍ଡ ସେ ୱାର୍ଡ ହୋଇ ଶେଷରେ ଛଟପଟ ଅବସ୍ଥାରେ ପିଣ୍ଡାରେ ପଡି ଅକ୍ସିଜେନ୍ ଅଭାବରୁ ମୃତ୍ୟୁବରଣ କରିଥିଲା ଗୋମତି । ତେଣୁ ଏଠାରେ ପ୍ରଶ୍ନ ଉଠୁଛି ମେଡିକାଲକୁ ଚିକିତ୍ସା ପାଇଁ ଆସିଥିବା ବ୍ୟକ୍ତିର ଯଦି କରୋନା ପଜିଟିଭ୍ ଚିହ୍ନଟ ହୁଏ, ତେବେ ଡାକ୍ତର ଓ ନର୍ସଙ୍କ ଉପସ୍ଥିତିରେ ଅକ୍ସିଜେନ୍ ଅଭାବରୁ ମୃତ୍ୟୁବରଣ କରିବା କେତେଦୂର ଯଥାର୍ଥ ! ଏଣୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଯେତେବେଳେ କରୋନା ରୋଗୀଙ୍କ ପାଇଁ କୌଣସି ଡାକ୍ତରଖାନାରେ ଅକ୍ସିଜେନ୍‌ର ଅଭାବ ନଥିବାର କଥା କହୁଛନ୍ତି, ସେତେବେଳେ ଭଦ୍ରକ ଭଳି ଏକ ସମ୍ବେଦନଶୀଳ ଜିଲାରେ ଏଭଳି ଏକ ଅଭାବନୀୟ ଘଟଣା ଘଟିବା ମୂଳରେ ଯେଉଁ ଡାକ୍ତର ଓ ନର୍ସମାନେ ଦାୟୀ, ସେମାନେ କ’ଣ ଦଣ୍ଡ ପାଇବା ଉଚିତ୍ ନୁହଁକି । ଏ ପ୍ରଶ୍ନ କରିଛନ୍ତି ଭଦ୍ରକ ଜିଲାର ବହୁ ବୁଦ୍ଧିଜୀବୀ । ଏଣୁ ଖୋଦ୍ ଜିଲାପାଳ ଜ୍ଞାନ ଦାସ ଓ ଏସ୍‌ପି ଚରଣ ସିଂ ମୀନାଙ୍କ ଡାକ୍ତରଖାନା ବୁଲି ସମୀକ୍ଷା କାଳରେ କରୋନା ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ସବୁକିଛି ଠିକ୍ ଠାକ୍ ଥିବା ବିଷୟ ଗଣମାଧ୍ୟମକୁ କହିଛନ୍ତି । ସେତେବେଳେ ଏଭଳି ଘଟଣା ଘଟିବା କେତେଦୂର ସମିଚୀନ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

### ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ କରାଯିବ**

ଭୁବନେଶ୍ୱର:ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ରାଜ୍ୟ ସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି । ତାଙ୍କ ବିୟୋଗରେ ଭାରତର କଳା ଜଗତରେ ଏକ ବିରାଟ ଶୂନ୍ୟତା ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ପରଲୋକ ଗତ ଆତ୍ମାର ସଦ୍ ଗତି କାମନା କରିଛନ୍ତି । ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏକ ଶୋକବାର୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱର୍ଗତ ମହାପାତ୍ର ତାଙ୍କ ନିହାଣ ମୂନରେ ଓଡ଼ିଶାର ମହାନ କଳା ପରମ୍ପରା କୁ ବିଶ୍ୱବ୍ୟାପୀ କରିଥିଲେ । ଓଡ଼ିଶାର କଳା ଓ ଐତିହ୍ୟ କୁ ସମୃଦ୍ଧ କରିବାରେ ତାଙ୍କର ମହନୀୟ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ ଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅନନ୍ୟ ଭକ୍ତ । ସାରା ଦେଶରେ ବହୁସ୍ଥାନରେ ଜଗନ୍ନାଥ ମନ୍ଦିର ନିର୍ମାଣରେ ତାଙ୍କର ମହତ୍ୱପୂର୍ଣ୍ଣ ଯୋଗଦାନ ଥିଲା । ପୁରୀ ଶ୍ରୀମନ୍ଦିର ମରାମତିରେ ସେ ମଧ ସହଯୋଗ କରିଥିଲେ । ଗଞ୍ଜାମ ତାରାତାରିଣୀ ମନ୍ଦିର ପୁନର୍ନିର୍ମାଣରେ ସେ ତାଙ୍କର ଅତୁଳନୀୟ କାରିଗରୀ ଦକ୍ଷତା ପ୍ରଦର୍ଶନ କରିଯାଇଛନ୍ତି । ବାସ୍ତବରେ ସେ ଥିଲେ କଳାଜଗତର ଏକ ବିସ୍ମୟ କର ପ୍ରତିଭା ।

### ସରକାରୀ ଯୋଜନା ପ୍ରଦାନରେ ଟାଳଟୁଳ ନୀତି

# ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା କଲେ: କଳାପଟି ମୁହଁରେ ଭିଡି ପ୍ରତିବାଦ କଲେ

ଧର୍ମଶାଳା: କରୋନା ମହାବିପତି ସମୟରେ ଲୋକେ ଭୋକିଲା ଲୋକଙ୍କୁ ଖାଇବାକୁ ଦେଉଛନ୍ତି । ହେଲେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଆରୁହା ପଂଚାୟତରେ ନିରୀହ ଗରୀବ ସରଳ ଶବର ଲୋକମାନଙ୍କ ରାସନକୁ ଚଂଚକତା କରାଯାଇ ବନ୍ଦ କରାଯିବା ଭଳି ଅମାନବିୟ ଘଟଣା ସାମ୍ନାକୁ ଆସିଛି । ଏହାର ପ୍ରତିବାଦରେ ଗାଁରେ ବି.ଜେ.ଡି ଯୁବନେତା ସତୀଶ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉପରେ ପୂର୍ଣ୍ଣ ଆସ୍ଥା ପ୍ରକଟ ସହ ସେମାନଙ୍କୁ ରାସନ ପ୍ରଦାନ କରାଇ ଦେଉନଥିବା ଭ୍ରଷ୍ଟାଚାରୀଙ୍କ ବିରୋଧରେ ମୁହଁରେ କଳାପଟି ଭିଡି ପ୍ରତିବାଦ କରିଥିଲେ । ଏହାସହ ଏଥିନେଇ ୭ ଦିନ ମଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ସହ ଧାରଣା ଦେବାକୁ ସତୀଶ ଚେତାବନୀ ଦେଇଛନ୍ତି ।

ଖବରରୁ ପ୍ରକାଶ, ଏହି ପଂଚାୟତର ହିଞ୍ଜଳପାଟିଆ ଗ୍ରାମରେ ସମସ୍ତ ଜନସାଧାରଣ ଶବର ସମ୍ପ୍ରଦାୟର ଅଟନ୍ତି । ଏମାନେ ଚଳିତ ମାସରେ ରାସନ ପାଇଁ ଯାଇଥିବା ବେଳେ ସେମାନଙ୍କ ରାସନ କାର୍ଡ କଟି ଯାଇଥିବାର କୁହାଗଲା । ପରେ ସେମାନଙ୍କ ରାସନ ଅନ୍ୟ ରିଟେଲରଙ୍କ ନିକଟକୁ ପଳାଇଥିବାର କୁହାଗଲା । ଏହାର ପ୍ରତିବାଦରେ ଗାଁର ଲୋକମାନେ ସମୂହ ଭାବେ ଧର୍ମଶାଳା ବ୍ଲକରେ ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ କରି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ହେଲେ ଏହାର କୌଣସି ସୁଫଳ ମିଳି ନଥିଲା । ଅପରନ୍ତୁ ସେମାନେ ନିଜର ରିଟେଲର ବଦଳାଇ ଦେବାକୁ ଦାବିପତ୍ର ପ୍ରଦାନ କରିଥିବାର ବ୍ଲକ ଯୋଗାଣ ଅଧିକାରୀ ପ୍ରକାଶ କରିଥିଲେ । ଅନେକ ଗାଁ ଲୋକ ଟିପ ଚିହ୍ନ ମାରୁ ଥିବା ବେଳେ ଏଥିରେ ସେମାନଙ୍କ ଦସ୍ତଖତ ହୋଇଥିବାର ଦେଖା ଯାଇଥିଲା । ସେହିପରି କେତେକ ଲୋକଙ୍କ ଆଧାର ଲିଙ୍କ୍ ହେବାର କୁହାଯାଇ ଦସ୍ତଖତ ନିଆଯାଇ ଚଂଚକତା କରାଯାଇଥିଲା । ହେଲେ ଗାଁ ଲୋକ ଯେତେ ଦାବି କଲେ ବି ସେମାନଙ୍କୁ ଉକ୍ତ ଦରଖାସ୍ତର ନକଲ ଦିଆଯାଇ ନଥିଲା । ଅପରନ୍ତୁ ସେମାନଙ୍କ ଦସ୍ତଖତ ନେଇ ଯାଂଚ୍ କରାଯିବା ପରେ ସେମାନଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯିବ ବୋଲି କୁହାଗଲା । ଏଥିନେଇ ଗାଁ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଗରୀବ କଲ୍ୟାଣ ଯୋଜନାର ସଫଳ ରୂପାୟନ ପାଇଁ ଲଢେଇ କରୁଥିବା ବି.ଜେ.ଡି ଯୁବନେତା ସତୀଶ ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଗାଁରେ ସତୀଶଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା । ସତୀଶ କହିଥିଲେ ଯେ, ବି.ଜେ.ଡି ନାମରେ କୌଣସି ପ୍ରକାରେ ଭ୍ରଷ୍ଟାଚାର ଏବଂ ଗରୀବ ସ୍ୱାର୍ଥ ବିରୋଧୀ କାର୍ଯ୍ୟ କରାନଯାଉ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦୁଇ କ୍ଷେତ୍ରରେ ଅତ୍ୟନ୍ତ ସ୍ୱଷ୍ଟ ଏବଂ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଉଭୟ ପ୍ରଶାସନ ଓ ଦଳୀୟ କର୍ମୀଙ୍କୁ ବାରମ୍ବାର ଆହ୍ୱାନ ଦେଇଛନ୍ତି । ସତୀଶ ଏଥିନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ କରିଥିଲେ । ପ୍ରକାଶ ଥାଉ କି, ଏହି ଚଂଚକତା କରିଥିବା ଦୁଇ ତିନି ଜଣ ପ୍ରଭାବଶାଳୀ ରାତିରେ ଗାଁରେ ପହଂଚି ଗାଁ ଲୋକଙ୍କ ସହ ଭିତିରିଆ ବୁଝାମଣା କରିବାକୁ ଚେଷ୍ଟା କରିଥିଲେ ମଧ ଗାଁ ଲୋକେ ଏହାକୁ ପ୍ରତ୍ୟାଖାନ କରିଥିଲେ । ଏଥିପାଇଁ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ଲକଡାଉନ ପାଇଁ ଜିଲ୍ଲାବାସୀ ଆତଙ୍କିତ ନ ହେବାକୁ ଜି ନିବେଦନ କେଲେ ଜିଲ୍ଲାପାଳ: ଅଚଳ ହେବନି ଜୀବନଜିବିକା ଦିନ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ

କେନ୍ଦୁଝର: ୫ ତାରିଖ ବୁଧବାରଠାରୁ ସାରା ରାଜ୍ୟରେ ଲାଗୁ ହେଉଥିବା ଲକଡାଉନ ପରିପ୍ରେକ୍ଷୀରେ ସାଧାରଣ ଲୋକମାନେ ଆତଙ୍କିତ ନ ହେବାକୁ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ନିବେଦନ କରିଛନ୍ତି । ବଡ ଧରଣର ଲୋକଗହଳିକୁ ରୋକିବା ସହ କରୋନା ସଂକ୍ରମଣକୁ କମାଇବା ପାଇଁ ଏହି ଲକଡାଉନ କରାଯାଉଥିବାବେଳେ ବାହାଘର ଓ ଶେଷକୃତ୍ୟ କାର୍ଯ୍ୟ ଆଦି ସଂପନ୍ନ କରିବା ପାଇଁ ସ୍ଥାନୀୟ ତହସିଲଦାର ଏବଂ ପୌରନିର୍ବାହୀ ଅଧିକାରୀଙ୍କଠାରୁ ଅନୁମତି ପତ୍ର ନେଇ ଏହା କରାଯାଇପାରିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଏହି ସମୟରେ ମନ୍ଦିର କିମ୍ବା କୌଣସି ଧର୍ମାନୁଷ୍ଠାନକୁ କୌଣସି ବ୍ୟକ୍ତି ଯାଇପାରିବେ ନାହିଁ ଏବଂ ସୀମିତ ସେବାୟତଙ୍କୁ ନେଇ ଦୈନିକ ପୂଜାକାର୍ଯ୍ୟ ହେବ ବୋଲି କହିଛନ୍ତି । ଜୀବନ ଜୀବିକାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ସହିତ ଚାଷକାମ କିମ୍ବା ଶିଳ୍ପାନୁଷ୍ଠାନ କାର୍ଯ୍ୟକୁ ବନ୍ଦ କରାଯିବ ନାହିଁ ଏବଂ କୋଭିଡ ଗାଇଡଲାଇନ ପାଳନ କରାଯାଇ ଏ ସବୁ କରାଯିବ । ସେହିପରି ସକାଳ ୬ ଟାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକୀୟ ଦୋକାନ ଯେପରିକି ଗ୍ରୋସରୀ ଓ ପରିବା ଦୋକାନ ଖୋଲାରହିବ ଏବଂ ସେମାନଙ୍କ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି ହେବ ନାହିଁ ବୋଲି କେନ୍ଦୁଝର ଏସପିଙ୍କ ସହ ସେ ଆଲୋଚନା କରିଛନ୍ତି ବୋଲି ଜିଲ୍ଲପାଳ କହିଥିଲେ । ସବୁ ସମୟରେ ମେଡିକାଲ ଦୋକାନ ଖୋଲା ରହିବ ଓ ଟୀକାଗ୍ରହଣ ପାଇଁ ଲୋକମାନେ ଯାଇପାରିବେ ବୋଲି ପ୍ରକାଶ କରିଥିବାବେଳେ ଉଭୟ ସରକାରୀ ଓ ବେସରକାରୀ ନିର୍ମାଣ କାର୍ଯ୍ୟ ଚାଲୁ ରହିବ ବୋଲି ଜଣାଇଛନ୍ତି । ଲକଡାଉନ ସମ୍ପର୍କରେ ସୂଚନା ପ୍ରଦାନ କରିବା ପାଇଁ ମଙ୍ଗଳବାର ଅପରାହ୍ନରେ ଦରବାର ହଲଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୂଚନା ଦେଇଥିଲେ ସମସ୍ତ ବ୍ୟବସାୟିକ ଯାନ ଏହି ସମୟରେ ଚଳାଚଳ କରିବ ଓ ହୋଟେଲ ବା ଢାବାରେ ନ ବସି ସାଙ୍ଗରେ ଖାଇବା ପାର୍ଶଲ ନେଇ ପାରିବେ । ପୂର୍ବପରି ସପ୍ତାହାନ୍ତ ସଟଡାଉନ ରହିବ ଓ କୋଭିଡ ଚେନ୍ କୁ ରୋକିବା ପାଇଁ ମାଇକ୍ରୋ କଂଟେନମେଂଟ ଜୋନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଥିଲେ । କୌଣସି ବ୍ୟବସାୟୀ ଅସାଧୁ ଭାବେ ମାଲ ମହଜୁଦ କରିପାରିବେ ନାହିଁ ଏବଂ ଏଥିପାଇଁ ସ୍କ୍ୟାଡ ଚଢାଉ କରିବେ ବୋଲି ଜଣାପଡିଛି । ହୋମ ଡେଲିଭରୀ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଲୋକମାନେ ଆତଙ୍କିତ ନ ହୋଇ ସତର୍କ ହେବାକୁ ଜିଲ୍ଲପାଳ ପରାମର୍ଶ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜିବ ବାରିକ ଉପସ୍ଥିତ ଥିଲେ ।

# ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ପରଲୋକ

ଭୁବନେଶ୍ୱର: ରାଜ୍ୟସଭା ସାଂସଦ ତଥା ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କର ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । କରୋନା ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଅପରାହ୍ନ ୩ଟା ୪୯ରେ ତାଙ୍କର ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ , ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି , ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ , ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ , ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବା ଶିଳ୍ପୀ ତଥା ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ର କରୋନାରେ ଆକ୍ରାନ୍ତ ହେବା ପରେ ତାଙ୍କୁ କିଛି ଦିନ ପୂର୍ବରୁ ଏମ୍‌ସରେ ଭର୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଂଟିଲେଟରରେ ରଖାଯାଇଥିଲା । ଏମ୍‌ସରେ ଭର୍ତି ହେବା ପରେ ୨ ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱର୍ଗତ ମହାପାତ୍ରଙ୍କ ବଡ଼ ପୁଅଙ୍କ ସହିତ ଫୋନରେ କଥା ହୋଇ ତାଙ୍କର ସ୍ୱାସ୍ଥ୍ୟ ସଂପର୍କରେ ଅବଗତ ହୋଇଥିଲେ । ସୂଚନାଯୋଗ୍ୟ, ରଘୁନାଥ ମହାପାତ୍ର ପୁରୀରେ ୧୯୪୩ ମସିହା ମାର୍ଚ୍ଚ ୨୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ସେ ୧୯୭୫ ମସିହାରେ ପଦ୍ମଶ୍ରୀ, ୨୦୦୧ ମସିହାରେ ପଦ୍ମଭୂଷଣ ଓ ୨୦୧୩ ମସିହା ସାଧାରଣତନ୍ତ୍ର ଦିବସ ଅବସରରେ ପଦ୍ମବିଭୂଷଣରେ ସମ୍ମାନୀତ ହୋଇଥିଲେ ।

# ଦୁଇଦିନିଆ ମଧ୍ୟପ୍ରଦେଶ ଗସ୍ତରେ କେନ୍ଦ୍ରମନ୍ତ୍ରୀ

## ନିର୍ମାଣାଧୀନ ୧ ହଜାର ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲର ସମୀକ୍ଷା କଲେ ଧର୍ମେନ୍ଦ୍ର ପ୍ରଧାନ

ମଧ୍ୟପ୍ରଦେଶ: ଦୁଇଦିନିଆ ମଧ୍ୟପ୍ରଦେଶ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ଚୌହ୍ୱାନଙ୍କ ସହ ବିପିସିଏଲର ବୀନା ରିଫାଇନାରୀ ନିକଟରେ ଡ଼ିଆରଡ଼ିଓ ସହଯୋଗରେ ନିର୍ମାଣାଧୀନ ଅସ୍ଥାୟୀ ୧ ହଜାର ଶଯ୍ୟା ବିଶିଷ୍ଟ ବୃହତ କୋଭିଡ୍ ହସ୍ପିଟାଲକୁ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି । ଖୁବ ଶୀଘ୍ର ହସ୍ପିଟାଲର କାର୍ଯ୍ୟକ୍ଷମ ଏବଂ ହସ୍ପିଟାଲରେ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ, ବୀନା ରିଫାଇନାରୀ, ଜିଲ୍ଲା ପ୍ରଶାସନ ଓ ବରିଷ୍ଠ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ସମୀକ୍ଷା କରିଛନ୍ତି । ସେହିପରି କରୋନା ମହାମାରୀର ମୁକାବିଲା କରିବା ନେଇ ମଧ୍ୟପ୍ରଦେଶରେ ନିଆଯାଉଥିବା ପଦକ୍ଷେପ ଉପରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଓ ଭାରତ ଓମାନ ରିଫାଇନାରୀ ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ସମୀକ୍ଷା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ । ସେ କହିଛନ୍ତି କୋଭିଡ୍-୧୯ ମହାମାରୀକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ କରାଯାଉଥିବା ଏହି ଅସ୍ଥାୟୀ କୋଭିଡ୍ ହସ୍ପିଟାଲକୁ ସହଯୋଗ କରବା ପାଇଁ ବୀନା ରିଫାଇନାରୀ ପ୍ରତିଶ୍ରୁତିବଦ୍ଧ । ପ୍ରତିଦିନ ବୀନା ରିଫାଇନାରୀରୁ ତିଆରି ହେଉଥିବା ଦୈନିକ ୧୦ ଟନ୍ ଗ୍ୟାସୀୟସ ଅକ୍ସିଜେନ୍ ଏବଂ ୪ ଲକ୍ଷ ଲିଟର ପାଣି ଏହି କୋଭିଡ୍ ହସ୍ପିଟାଲକୁ ଯୋଗାଯିବ । ଏହି ୧ ହଜାର ବିଶିଷ୍ଟ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ବର୍ତମାନର ସଂକଟ ସମୟରେ ମଧ୍ୟପ୍ରଦେଶର ସାଗର, ଭିଦିଶା, ଅଶୋକନଗର, ଗୁଣା ଏବଂ ଆଖପାଖ ଅଂଚଳକୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପହଁଚିପାରିବ । ଭାରତ ଓମାନ ରିଫାଇନାରୀ ଲିମିଟେଡ୍ ଏହି କୋଭିଡ୍ ହସ୍ପିଟାଲକୁ ନିରନ୍ତର ମେଡ଼ିକାଲ ଅକ୍ସିଜେନ୍ ଯୋଗାଇବା ସହ କୋଭିଡ୍-୧୯ ମୁକାବିଲାକୁ ଅଧିକ ମଜବୁତ୍ କରିବାରେ ସବୁପ୍ରକାର ପଦକ୍ଷେପ ନେବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ମେଡ଼ିକାଲ ଅକ୍ସିଜେନ ଉପଲବ୍ଧିକୁ ବଢ଼ାଇବା ପାଇଁ ଭାରତ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି । ମଧ୍ୟପ୍ରଦେଶ ସରକାର ଏବଂ ବୀନା ରିଫାଇନାରୀ ଆଗାମୀ ଦିନରେ ଦୈନିକ ୩୦୦୦ ବଟୋଲର ବୃହତ ସାଇଜ୍‌ର ଅକ୍ସିଜେନ୍ ତଥା ପାଖାପାଖି ୨୫ ମେଟ୍ରିକ ଟନର ସ୍ଥାୟୀ ମେଡିକାଲ ଅକ୍ସିଜେନ ଉତ୍ପାଦନର ବ୍ୟବସ୍ଥା କରାଯାଉଛି । ଏହା ମଧ୍ୟପ୍ରଦେଶର ସ୍ୱାସ୍ଥ୍ୟ ଇକୋସିଷ୍ଟମକୁ ସୁଦୃଢ଼ କରିବ । ଭାରତର ତୈଳ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡ଼ିକ ରାଜ୍ୟ ସରକାର ତଥା ସ୍ଥାନୀୟ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ସ୍ଥାପନ କରି ଦେଶରେ ସ୍ୱାସ୍ଥ୍ୟ ଏବଂ କ୍ରିଟିକାଲ କେୟାର ଭିତିଭୂମି ପ୍ରତିଷ୍ଠା କରିବାରେ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବା ଶ୍ରୀ ପ୍ରଧାନ କହିଛନ୍ତି । ଏହି ଜରୁରୀକାଳୀନ ସମୟରେ ଭାରତ ସରକାର ଓ ମଧ୍ୟପ୍ରଦେଶ ସରକାର ସବୁଠି ଅକ୍ସିଜେନ୍ ବେଡ୍ ଉପଲବ୍ଧି କରାଇବା ପାଇଁ ଉଦ୍ୟମ ଜାରୀ ରଖିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି ।

### ବରିଷ୍ଠ ନେତା ଇଂ.ବୃନ୍ଦାବନ କଳସଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

# ମିଷ୍ଟଭାଷୀ, ପରୋପକାରୀ ସ୍ବର୍ଗତଃ କଳସଙ୍କ ବିୟୋଗ ରାଜ୍ୟ ବିଜେପି ପାଇଁ ଅପୂରଣୀୟ କ୍ଷତି: ସମୀର ମହାନ୍ତି

ଭୁବନେଶ୍ୱର: ଭାରତୀୟ ଜନତା ପାର୍ଟୀର ପୂର୍ବତନ ରାଜ୍ୟ ଉପସଭାପତି ତଥା ବରିଷ୍ଠ ନେତା ଇଂ. ବୃନ୍ଦାବନ କଳସଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସ୍ୱର୍ଗତଃ କଳସଙ୍କ ଗତ କାଲି (୦୮-୦୫-୨୦୨୧, ଶନିବାର) ରାତିରେ ୮୫ ବର୍ଷ ବୟସରେ ଚିକିତ୍ସାଧିନ ଅବସ୍ଥାରେ ଦେହାନ୍ତ ହୋଇଛି ।

ସ୍ୱର୍ଗତଃ କଳସ ୧୯୯୦ ମସିହାରୁ ପାର୍ଟୀ ସହ ଜଡିତ ରହି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟୀତ୍ୱ ତୁଲାଇଥିଲେ । ୧୯୯୫ ମସିହାରେ ଖୋର୍ଦ୍ଧା ବିଧାନସଭା ଏବଂ ୧୯୯୬ ମସିହାରେ ଭୁବନେଶ୍ୱର ଲୋକସଭା କ୍ଷେତ୍ରରୁ ବିଜେପିର ପ୍ରାର୍ଥୀ ଥିଲେ । ଖୋର୍ଦ୍ଧା ଜିଲ୍ଲା ସଭାପତି ଭାବେ ମଧ ଦାୟୀତ୍ୱ ନିର୍ବାହ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟ ଦାୟୀତ୍ୱ ସହ ରାଜ୍ୟ ଅଭିଯୋଗ ପ୍ରକୋଷ୍ଠ ଦାୟୀତ୍ୱରେ ବହୁ ଦିନ ଧରି ଥିଲେ । ଓସକାର୍ଡ ବ୍ୟାଂକ ସଭାପତି, ପୁରୀ ଗ୍ରାମ୍ୟ ବ୍ୟାଂକ ସଭାପତି ଭାବେ ନିଜ ଦାୟୀତ୍ୱ ତୁଲାଇଥିଲେ । ଗତ ୨୦୧୯ ମସିହାରେ ସ୍ୱର୍ଗତଃ କଳସଙ୍କୁ ରାଜ୍ୟସ୍ତରୀୟ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସ୍ୱର୍ଗତଃ କଳସଙ୍କ ଧର୍ମପତ୍ନୀ, ୩ ପୁଅ ଓ ବୋହୁ, ୧ ଝିଅ ଓ ଜ୍ୱାଇଁ, ନାତିନାତୁଣୀ ଅଛନ୍ତି। ଗତ ଏପ୍ରିଲ ୬ ତାରିଖ ବିଜେପି ପ୍ରତିଷ୍ଠା ଦିବସ ଦିନ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ସ୍ୱର୍ଗତଃ କଳସଙ୍କ ସହ ଫୋନ ଯୋଗେ କଥାବାର୍ତା ହୋଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ଆଲୋଚନା କରିଥିଲେ ।

ମିଷ୍ଟଭାଷୀ, ପରୋପକାରୀ ସ୍ବର୍ଗତଃ କଳସଙ୍କ ବିୟୋଗରେ ରାଜ୍ୟ ବିଜେପି ଜଣେ ନିଷ୍ଠାବାନ କାର୍ଯ୍ୟକର୍ତା ହରାଇଛି ବୋଲି ଶ୍ରୀ ମହାନ୍ତି ଶୋକ ବ୍ୟକ୍ତ କରି କହିଛନ୍ତି । ଅମର ଆତ୍ମାର ସଦଗତି କାମନା କରିବା ସହ ଏଭଳି ଅସମୟରେ ସ୍ୱର୍ଗତଃ କଳସଙ୍କ ଶୋକସନ୍ତପ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ଅସୀମ ଧର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଶ୍ରୀ ମହାନ୍ତି ପ୍ରାର୍ଥନା କରିଛନ୍ତି। ସ୍ୱର୍ଗତଃ କଳସଙ୍କ ବିୟୋଗରେ ରାଜ୍ୟ ବିଜେପିର ଅନେକ ନେତୃବୃନ୍ଦ ଓ କାର୍ଯ୍ୟକର୍ତା ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

# ଗୋଟିଏ ଦିନରେ ୧୦୬୩୫ କରୋନା ଆକ୍ରାନ୍ତ ଚିହ୍ନଟ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୩୪୮୪୨

ଭୁବନେଶ୍ୱର: ରାଜ୍ୟରେ ଗୋଟିଏ ଦିନରେ ୧୦୬୩୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୩୪୮୪୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୪୩୯୩୨୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୩୨୮୭ ରହିଛି ।

ଆଜି ଚିହ୍ନଟ ହୋଇଥିବା ୧୦୬୩୫ ଜଣଙ୍କ ମଧ୍ୟରୁ ୬୦୧୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୬୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୫୬୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୫୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୦୧ ଜଣ, ବରଗଡ଼ରୁ ୪୪୩ ଜଣ, ଭଦ୍ରକରୁ ୧୦୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୭୯, କଟକରୁ ୮୮୭ ଜଣ, ଦେବଗଡ ଜିଲ୍ଲାରୁ ୧୩୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୪୬ ଜଣ, ଗଜପତି ଜିଲ୍ଲାରୁ ୧୦୧, ଗଞ୍ଜାମରୁ ୨୬୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୪୦ ଜଣ, ଯାଜପୁରରୁ ୨୯୦ ଜଣ, ଝାରସୁଗୁଡ଼ାରୁ ୪୫୬ ଜଣ, କଳାହାଣ୍ଡିରୁ ୪୬୯ ଜଣ, କନ୍ଧମାଳ ଜିଲ୍ଲାରୁ ୭୩ ଜଣ. କେନ୍ଦ୍ରାପଡ଼ାରୁ ୧୧୭ ଜଣ, କେନ୍ଦୁଝରରୁ ୧୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୫୬୪ ଜଣ, କୋରାପୁଟରୁ ୧୨୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୭୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୭୯ ଜଣ, ନବରଙ୍ଗପୁରରୁ ୩୩୬ ଜଣ, ନୟାଗଡ଼ରୁ ୨୫୩ ଜଣ, ନୂଆପଡ଼ାରୁ ୩୨୪ ଜଣ, ପୁରୀରୁ ୪୩୭ ଜଣ, ରାୟଗଡ଼ାରୁ ୧୫୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୬୪୧ ଜଣ, ସୋନପୁରରୁ ୧୪୯ ଜଣ, ସୁନ୍ଦରଗଡ଼ରୁ ୯୪୩ ଜଣ ଓ ଷ୍ଟେଟ୍ ପୁଲରୁ ୨୭୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ରଘୁନାଥ ମହାପାତ୍ରଙ୍କ ନିଧନରେ ଓଡ଼ିଶାରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହେଲା - ଧର୍ମେନ୍ଦ୍ର ପ୍ରଧାନ

## ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ର ଓଡ଼ିଶାକୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ସମ୍ମାନିତ କରିଥିଲେ

ଭୁବନେଶ୍ୱର: ଅନ୍ତରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାକୁ ସମ୍ମାନିତ କରିଥିବା ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ, ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସ୍ୱର୍ଗତ ମହାପାତ୍ରଙ୍କ ନିଧନରେ ଓଡ଼ିଶାରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହେଲା ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଅନ୍ତରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାକୁ ସମ୍ମାନିତ କରିଥିବା ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ, ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ବିୟୋଗ ଖବର ଶୁଣି ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ । ତାଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ ଥିଲା ନିବିଡ଼ ।

ଜଣେ ଲବ୍ଧ ପ୍ରତିଷ୍ଠିତ ଶିଳ୍ପୀ ଭାବେ ପରିଚିତ ସ୍ୱର୍ଗତ ମହାପାତ୍ର ପଥରରେ ନିଖୁଣ କାରୁକାର୍ଯ୍ୟ ମାଧ୍ୟମରେ ଓଡ଼ିଶାର ଉତ୍କୃଷ୍ଟ କଳା ଓ ସଂସ୍କୃତିକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଗୌରବାନ୍ୱିତ କରିଥିଲେ । ତାଙ୍କ ନିଧନରେ ଓଡ଼ିଶାରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହେଲା । ଶୋକସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି । ଏହି ଦୁଃଖଦ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପରିବାର ସଦସ୍ୟଙ୍କୁ ଅସୀମ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ।

# କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି: ସମୀର ମହାନ୍ତି

ଭୁବନେଶ୍ୱର: ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ତଥା ରାଜ୍ୟସଭା ସାଂସଦ ପଦ୍ମବିଭୁଷଣ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଗଭୀର ଶୋକ ବ୍ୟକ୍ତ କରି ଦୁଃଖ ପ୍ରକାଶ କରିଛନ୍ତି । ଗୋଟିଏ ଅଂଚଳ ବାସିନ୍ଦା ହୋଇଥିବାରୁ ସ୍ୱର୍ଗତଃ ମହାପାତ୍ରଙ୍କୁ ପିଲାଦିନଠୁ ଭଲଭାବେ ଜାଣିଛି । ଜଣେ ବଡ ଭାଇ ଭଳି ସେ ଆମମାନଙ୍କୁ ସର୍ବଦା ଭଲ ଉପଦେଶ ଦେଇ ମାର୍ଗଦର୍ଶନ କରିଆସୁଥିଲେ । ନିଜ ନିଖୁଣ କାରୁକାର୍ଯ୍ୟ ଜରିଆରେ ପଥର ଦେହରେ ଜୀବନ ଆଣି ଦେଶ ତଥା ଆନ୍ତର୍ଜାତୀକ ସ୍ତରରେ ଓଡିଶାର ସୁନାମ ଆଣିଥିବା ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗ କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ମହାନ୍ତି ଶୋକ ବ୍ୟକ୍ତ କରି କହିଛନ୍ତି। ଅମର ଆତ୍ମାର ସଦଗତି କାମନା କରିବା ସହ ଏଭଳି ଅସମୟରେ ଶୋକସନ୍ତପ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ଅସୀମ ଧର୍ଯ୍ୟ ପ୍ରଦାନ ପାଇଁ ଶ୍ରୀ ମହାନ୍ତି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗରେ ରାଜ୍ୟ ବିଜେପିର ବହୁ ନେତୃବୃନ୍ଦ ଶୋକବ୍ୟକ୍ତ କରିଛନ୍ତି ।

# ଫୁଲବାଣୀ କୋଭିଡ୍ ହସପିଟାଲରେ ଯୋଗାଯୋଗ ପାଇଁ ହେଲ୍ପଡେସ୍କ ଖୋଲିଲା

କନ୍ଧମାଳ: କନ୍ଧମାଳ ଜିଲ୍ଲା ସମେତ ଫୁଲବାଣୀରେ କରୋନା ସଂକ୍ରମଣ ଦିନକୁ ଦିନ ଦୃତଗତିରେ ବଢିବାରେ ଲାଗିଛି । ସୋମବାର ଦିନ ଜିଲ୍ଲାର ବିଭିନ୍ନ ଅଂଚଳରୁ ୭୭ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳର ସର୍ବାଧିକ ୧୪ ଜଣଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସେହିପରି ଜିଲ୍ଲାର ବାଲିଗୁଡା ବିଜ୍ଞାପିତ ଅଂଚଳର ୧୦ ଜଣ, ଘୁ.ଉଦୟଗିରିର ୫, ଦାରିଙ୍ଗବାଡିର ୨, ରାଇକିଆର ୧୦, କୋଟଗଡ ଅଂଚଳର ୫, କ.ନୂଆଗାଁର ୮, ତୁମୁଡିବନ୍ଧର ୩ ଜଣ, ଖଜୁରିପଡାର ୫ ଜଣ, ଚକାପାଦର ୬, ରାଇକିଆ ଏବଂ ଟିକାବାଲି ଅଂଚଳର ୮ ଜଣ ଲେଖାଏଁ ରହିଥିବାବେଳେ ଜିଲ୍ଲା ବାହାରେ ଜଣେ ଚିହ୍ନଟ ହୋଇଥିବା ନେଇ ଜିଲ୍ଲା ପ୍ରସାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି । ତେବେ ଆଜିର ସଂକ୍ରମିତ ମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬,୭୫୬ ରେ ପହଂଚିଛି । ସୁସ୍ଥ ହୋଇ ଘରକୁ ଫେରିଥିବା ସଂକ୍ରମିତଙ୍କ ସଂଖ୍ୟା ୬,୨୨୨ ହୋଇଥିବାବେଳେ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୩୫ ରହିଛି । ତେବେ ଜିଲ୍ଲାର ବିଭିନ୍ନ କୋଭିଡ ହସପିଟାଲ, କୋଭିଡ କେୟାର ସେଣ୍ଟର ଏବଂ ସଙ୍ଗରୋଧରେ ରହି ମୋଟ୍ ୪୯୯ ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି । କୋଭିଡ ହସପିଟାଲରେ ଥିବା ସଂକ୍ରମିତଙ୍କ ପରିବାର ଲୋକଙ୍କ ଯୋଗାଯୋଗ ପାଇଁ ହସପିଟାଲର ହେଲ୍ପଡେସ୍କ ଖୋଲାଯାଇ ଏକ ମୋବାଇଲ ନମ୍ବର(୯୪୩୯୭୫୪୫୭୩) ଜାରୀ କରାଯାଇଛି । ସଂକ୍ରମଣରୁ ରକ୍ଷା ପାଇବାପାଇଁ ଲୋକଙ୍କୁ ବାହାରକୁ ବାହାରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ବାରଣ କରାଯାଇଛି । ଜରୁରୀ କାମରେ ବାହାରକୁ ଗଲାବେଳେ ମାସ୍କ ବ୍ୟବହାର କରିବା ସହିତ ସାମାଜିକ ଦୂରତା ବଜାୟ ରଖିବା ଏବଂ ନିୟମିତ ବ୍ୟବଧାନରେ ହାତ ଧୋଇବାକୁ ପରାମର୍ଶ ଦିଆଯାଇଛି ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Tuesday May 11, 2021 ଭୁବନେଶ୍ୱର ମଙ୍ଗଳବାର, ମେ ୧୧,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com





## ଜନଜାତି ସଂଗ୍ରହାଳୟକୁ ଥ୍ରୀ-ଡି ରେ ଭର୍ଚୁଆଲ୍ ଟୁର୍

ଭୁବନେଶ୍ୱର: ମହାମାରୀ କରୋନା ଯୋଗୁଁ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ବନ୍ଦ ରହିଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପଦକ୍ଷେପ ଫଳରେ ଦର୍ଶକମାନେ ପ୍ରତ୍ୟେକ ରବିବାର ଦିନ ଏହି ସଂଗ୍ରହାଳୟକୁ ଭର୍ଚୁଆଲ ଟୁର୍ କରିପାରିବେ । ମେ ୯ ତାରିଖ ଦିନ ଦର୍ଶକମାନେ ଥ୍ରୀ-ଡି ମାଧ୍ୟମରେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ଖୋଲି ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟର ମୁଖ୍ୟ ସଂଗ୍ରହାଳୟ ଭବନ ସମ୍ପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ଼. ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି ।

ସଂଗ୍ରହାଳୟର ମୁଖ୍ୟ ଭବନରେ ପାଂଚଗୋଟି ଗ୍ୟାଲେରୀ ରହିଛି । ଏହି ପାଂଚଗୋଟି ଗ୍ୟାଲେରୀରେ ଓଡ଼ିଶାର ୬୨ଟି ଜନଜାତିଙ୍କର ବିଭିନ୍ନ ପ୍ରକାରର ଦୈନିନ୍ଦିନ ବ୍ୟବହୃତ ସାମଗ୍ରୀ ଏବଂ କଳା ଓ ଶିଳ୍ପକଳା ପ୍ରଦର୍ଶିତ ହୋଇଛି । ବିଭିନ୍ନ ଗ୍ୟାଲେରୀରେ ଜନଜାତି ସମ୍ପ୍ରଦାୟଙ୍କ ସମ୍ପର୍କରେ ତଥ୍ୟ ରହିଛି । ପ୍ରଥମ ଗ୍ୟାଲେରୀରେ ଜନଜାତି ଅଳଙ୍କାର ଇତ୍ୟାଦି, ଦ୍ୱିତୀୟ ଗ୍ୟାଲେରୀରେ ଜନଜାତି ବୟନ, ବ୍ୟକ୍ତିଗତ ସାମଗ୍ରୀ, କଳା ଓ ଶିଳ୍ପକଳା, ତୃତୀୟ ଗ୍ୟାଲେରୀରେ ଶୀକାର ଓ ମାଛଧରା ଉପକରଣ ଓ ନିଜର ସୁରକ୍ଷା ପାଇଁ ବିଭିନ୍ନ ଅସ୍ତ୍ରଶସ୍ତ୍ର, ଚତୁର୍ଥ ଗ୍ୟାଲେରୀରେ ନିତ୍ୟବ୍ୟବହାର୍ଯ୍ୟ ଘରକରଣା ସାମଗ୍ରୀ ଓ କୃଷି ଉପକରଣ, ପଂଚମ ଗ୍ୟାଲେରୀରେ ନୃତ୍ୟ, ବାଦ୍ୟଯନ୍ତ୍ର ଓ ଢୋକ୍ରା ସାମଗ୍ରୀ ପ୍ରଦର୍ଶନ କରାଯାଉଛି ।

ସଂଗ୍ରହାଳୟର ମୁଖ୍ୟ ଭବନର କେନ୍ଦ୍ରରେ ରହିଥିବା ଅଗଣାରେ ଜନଜାତି ପୂଜାପୀଠ ରହିଛି । ସେଠାରେ ୧୪ଟି ଜନଜାତି ସମ୍ପ୍ରଦାୟର ପୂଜାପୀଠ, ଦେବାଦେବୀଙ୍କର ଉପାସନା ପୀଠ ନିର୍ମାଣ କରାଯାଇଛି ।

## ତୃତୀୟ ବର୍ଗଙ୍କ ଟୀକାକରଣ ପାଇଁ ଅନ୍ ଲାଇନରେ ପଞ୍ଜିକରଣ ବାଧ୍ୟତାମୂଳକ, ମୋଟ୍ ୨୦ଟି କେନ୍ଦ୍ରରେ ହେବ ଟୀକାକରଣ

ଗଞ୍ଜାମ: ଆସନ୍ତା କାଲି ଠାରୁ ତୃତୀୟ ବର୍ଗଙ୍କ ଟୀକାକରଣ ପାଇଁ ଅନ୍ ଲାଇନରେ ପଞ୍ଜିକରଣ କରିବାକୁ ବାଧ୍ୟତାମୂଳକ କରାଯାଇଛି । ସହରର ୮ଟି କେନ୍ଦ୍ରରେ ଟୀକାକରଣ କରାଯାଉଥିବା ବେଳେ ତୃତୀୟ ପର୍ଯ୍ୟାୟରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବର୍ଗର ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ରହୁଥିବାରୁ ଟୀକାକରଣ କେନ୍ଦ୍ର ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଛି । ପୂର୍ବରୁ ଥିବା ୮ଟି କେନ୍ଦ୍ର ସହ ୧୨ ଟି ଅତିରିକ୍ତ ଟୀକାଦାନ କେନ୍ଦ୍ର ଖୋଲିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ପୂର୍ବରୁ ବ୍ରହ୍ମପୁର ବଡ଼ ମେଡ଼ିକାଲ, ସିଟି ହସ୍ପିଟାଲ ସମେତ ମହାନଗର ନିଗମ ଅଧିନରେ ଥିବା ୬ଟି ସହରାଂଚଳ ସ୍ୱାସ୍ଥ୍ୟକେନ୍ଦ୍ର ଆସିକା ରୋଡ଼, ଆଗା ସାହି, ରେଡ଼କ୍ରସ୍ ହସ୍ପିଟାଲ, ବୈକୁଣ୍ଠ ନଗର, ଗୁଡ଼ସ୍ ସେଡ୍ ରୋଡ଼ ଓ ଖୋଡ଼ାସିଙ୍ଗି ରହିଛି । ଅତିରିକ୍ତ ୧୨ଟି କେନ୍ଦ୍ର ମଧ୍ୟରେ ପୁରୁଣା ବ୍ରହ୍ମପୁର ହାଇସ୍କୁଲ, ଆସିକା ରୋଡ଼ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ, ବାବାଜି ତୋଟା ସାହି ସ୍ଥିତ କୁଇନ୍ ଅଫ୍ ମିଶନ ହାଇସ୍କୁଲ, ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ଗୋସାଣି ନୂଆଗାଁ କେ.ସି. ହାଇସ୍କୁଲ, ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ପୌର ଉଚ୍ଚ ବିଦ୍ୟାଳୟ କୋଟପେଟା, ଆଙ୍କୁଲି ହାଇସ୍କୁଲ, ରାମଲିଙ୍ଗେଶ୍ୱର ପାର୍କ ଭଳି ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ଟୀକାକରଣ କେନ୍ଦ୍ର କରିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ପୂର୍ବରୁ ଥିବା ୮ଟି ଓ ଅତିରିକ୍ତ ୧୨ଟି କେନ୍ଦ୍ରକୁ ମିଶାଇ ମୋଟ୍ ୨୦ଟି କେନ୍ଦ୍ରରେ ପ୍ରାଥମିକ ସ୍ତରରେ ଟୀକାକରଣ କାର୍ଯ୍ୟକ୍ରମ ଚାଲୁ ରହିବ । ଆବଶ୍ୟକ ହେଲେ ଅଧିକ କେନ୍ଦ୍ର କରିବା ନେଇ ନିଗମ ପକ୍ଷରୁ ଯୋଜନା କରାଯାଇଥିବା ନେଇ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ସୂଚନା ଦେଇଛନ୍ତି । ପୂର୍ବରୁ ସକାଳ ୮ଟାରୁ ଦିନ ୧ଟା ପର୍ଯ୍ୟନ୍ତ ୧୮ରୁ ୪୪ ବର୍ଷର ଯୁବବର୍ଗଙ୍କୁ ଟୀକାକରଣ କରାଯିବା ବେଳେ ୪୫ରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ଅପରାହ୍ନ ୩ଟାରୁ ସଂନ୍ଧ୍ୟା ୬ଟା ମଧ୍ୟରେ ଟୀକାକରଣ କରାଯିବ ବୋଲି ଜଣାପଡିଛି । ନିଗମ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ଆସନ୍ତା କାଲି ପୂର୍ଣ୍ଣାଙ୍ଗ ରିପୋର୍ଟ ହସ୍ତଗତ ହୋଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କମିଶନର କହିଛନ୍ତି ।

### ଦୁଇଦିନିଆ ମଧ୍ୟପ୍ରଦେଶ ଗସ୍ତରେ କେନ୍ଦ୍ରମନ୍ତ୍ରୀ

## ନିର୍ମାଣାଧୀନ ୧ ହଜାର ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲର ସମୀକ୍ଷା କଲେ ଧର୍ମେନ୍ଦ୍ର ପ୍ରଧାନ

ମଧ୍ୟପ୍ରଦେଶ: ଦୁଇଦିନିଆ ମଧ୍ୟପ୍ରଦେଶ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ଚୌହ୍ୱାନଙ୍କ ସହ ବିପିସିଏଲର ବୀନା ରିଫାଇନାରୀ ନିକଟରେ ଡ଼ିଆରଡ଼ିଓ
ସହଯୋଗରେ ନିର୍ମାଣାଧୀନ ଅସ୍ଥାୟୀ ୧ ହଜାର ଶଯ୍ୟା ବିଶିଷ୍ଟ ବୃହତ କୋଭିଡ୍ ହସ୍ପିଟାଲକୁ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି । ଖୁବ ଶୀଘ୍ର ହସ୍ପିଟାଲର କାର୍ଯ୍ୟକ୍ଷମ ଏବଂ ହସ୍ପିଟାଲରେ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ, ବୀନା ରିଫାଇନାରୀ, ଜିଲ୍ଲା ପ୍ରଶାସନ ଓ ବରିଷ୍ଠ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ସମୀକ୍ଷା କରିଛନ୍ତି ।

ସେହିପରି କରୋନା ମହାମାରୀର ମୁକାବିଲା କରିବା ନେଇ ମଧ୍ୟପ୍ରଦେଶରେ ନିଆଯାଉଥିବା ପଦକ୍ଷେପ ଉପରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଓ ଭାରତ ଓମାନ ରିଫାଇନାରୀ ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ସମୀକ୍ଷା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ । ସେ କହିଛନ୍ତି କୋଭିଡ୍-୧୯ ମହାମାରୀକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ କରାଯାଉଥିବା ଏହି ଅସ୍ଥାୟୀ କୋଭିଡ୍ ହସ୍ପିଟାଲକୁ ସହଯୋଗ କରବା ପାଇଁ ବୀନା ରିଫାଇନାରୀ ପ୍ରତିଶ୍ରୁତିବଦ୍ଧ । ପ୍ରତିଦିନ ବୀନା ରିଫାଇନାରୀରୁ ତିଆରି ହେଉଥିବା ଦୈନିକ ୧୦ ଟନ୍ ଗ୍ୟାସୀୟସ ଅକ୍ସିଜେନ୍ ଏବଂ ୪ ଲକ୍ଷ ଲିଟର ପାଣି ଏହି କୋଭିଡ୍ ହସ୍ପିଟାଲକୁ ଯୋଗାଯିବ । ଏହି ୧ ହଜାର ବିଶିଷ୍ଟ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ବର୍ତ୍ତମାନର ସଂକଟ ସମୟରେ ମଧ୍ୟପ୍ରଦେଶର ସାଗର, ଭିଦିଶା, ଅଶୋକନଗର, ଗୁଣା ଏବଂ ଆଖପାଖ ଅଂଚଳକୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପହଁଚିପାରିବ । ଭାରତ ଓମାନ ରିଫାଇନାରୀ ଲିମିଟେଡ୍ ଏହି କୋଭିଡ୍ ହସ୍ପିଟାଲକୁ ନିରନ୍ତର ମେଡ଼ିକାଲ ଅକ୍ସିଜେନ୍ ଯୋଗାଇବା ସହ କୋଭିଡ୍-୧୯ ମୁକାବିଲାକୁ ଅଧିକ ମଜବୁତ୍ କରିବାରେ ସବୁପ୍ରକାର ପଦକ୍ଷେପ ନେବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ମେଡ଼ିକାଲ ଅକ୍ସିଜେନ ଉପଲବ୍ଧିକୁ ବଢ଼ାଇବା ପାଇଁ ଭାରତ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି । ମଧ୍ୟପ୍ରଦେଶ ସରକାର ଏବଂ ବୀନା ରିଫାଇନାରୀ ଆଗାମୀ ଦିନରେ ଦୈନିକ ୩୦୦୦ ବଟୋଲର ବୃହତ ସାଇଜ୍‌ର ଅକ୍ସିଜେନ୍ ତଥା ପାଖାପାଖି ୨୫ ମେଟ୍ରିକ ଟନର ସ୍ଥାୟୀ ମେଡିକାଲ ଅକ୍ସିଜେନ ଉତ୍ପାଦନର ବ୍ୟବସ୍ଥା କରାଯାଉଛି । ଏହା ମଧ୍ୟପ୍ରଦେଶର ସ୍ୱାସ୍ଥ୍ୟ ଇକୋସିଷ୍ଟମକୁ ସୁଦୃଢ଼ କରିବ । ଭାରତର ତୈଳ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡ଼ିକ ରାଜ୍ୟ ସରକାର ତଥା ସ୍ଥାନୀୟ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ସ୍ଥାପନ କରି ଦେଶରେ ସ୍ୱାସ୍ଥ୍ୟ ଏବଂ କ୍ରିଟିକାଲ କେୟାର ଭିତିଭୂମି ପ୍ରତିଷ୍ଠା କରିବାରେ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବା ଶ୍ରୀ ପ୍ରଧାନ କହିଛନ୍ତି । ଏହି ଜରୁରୀକାଳୀନ ସମୟରେ ଭାରତ ସରକାର ଓ ମଧ୍ୟପ୍ରଦେଶ ସରକାର ସବୁଠି ଅକ୍ସିଜେନ୍ ବେଡ୍ ଉପଲବ୍ଧି କରାଇବା ପାଇଁ ଉଦ୍ୟମ ଜାରୀ ରଖିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି ।

## ବୁଲା ଗାଈ କୁକୁରଙ୍କ ଖାଦ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୬୦ ଲକ୍ଷ ଟଙ୍କା ସହାୟତା

ଭୁବନେଶ୍ୱର: କୋଭିଡ୍ ମହାମାରୀ ନିୟନ୍ତ୍ରଣ ପାଇଁ ବର୍ତମାନ ସାରା ରାଜ୍ୟରେ ଲକ୍ ଡାଉନ୍ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବୁଲା ଗାଈ ଗୋରୁ କୁକୁର ଆଦି ପ୍ରାଣୀମାନେ ଖାଦ୍ୟ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ତାଙ୍କ ରିଲିଫ ପାଣ୍ଠିରୁ ପାଂଚ ମହାନଗର ନିଗମ , ୪୮ ଟି ମ୍ୟୁନିସପାଲଟି ଓ ୬୧ ଟିଏନ୍ଏ ସି ମାନଙ୍କୁ ଷାଠିଏ ଲକ୍ଷ ଟଙ୍କା ସହାୟତା ମଞ୍ଜୁର କରିଛନ୍ତି । ଏହି ଅର୍ଥରେ ସେମାନେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ଜରିଆରେ ବୁଲା ପ୍ରାଣୀ ମାନଙ୍କୁ ଖାଦ୍ୟ ଯୋଗାଇ ଦେବେ । ନିର୍ଦ୍ଦେଶ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ ଏଥିପାଇଁ ଦୈନିକ କୋଡ଼ିଏ ହଜାର ଟଙ୍କା ,କଟକ ,ସମ୍ବଲପୁର,ରାଉରକେଲା, ଓବ୍ରହ୍ମପୁର ମହାନଗର ନିଗମ ଦୈନିକ ଦଶହଜାର ଟଙ୍କା ,ମ୍ୟୁନିସପାଲଟି ମାନେ ଦୈନିକ ପାଂଚ ହଜାର ଟଙ୍କା ଓ ଏନ ଏ ସି ମାନେ ଦୈନିକ ଦୁଇ ହଜାର ଟଙ୍କା ଖର୍ଚ୍ଚ କରିପାରିବେ ।

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ରର ଅନୁରୋଧ ରଖିଲେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ

## ସୁନ୍ଦରଗଡ଼ ଏବଂ ଅନୁଗୁଳ ଜିଲ୍ଲାରେ ପ୍ରତିଷ୍ଠା ହେବ ନୂଆ କେନ୍ଦ୍ରୀୟ ବିଦ୍ୟାଳୟ - ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର: ଓଡ଼ିଶାର ସୁନ୍ଦରଗଡ଼ ଏବଂ ଅନୁଗୁଳ ଜିଲ୍ଲାରେ ଦୁଇଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ(କେଭି) ପ୍ରତିଷ୍ଠା କରିବା ପାଇଁ ମହାନଦୀ କୋଲ ଫିଲ୍ଡ(ଏମସିଏଲ୍) ବୋର୍ଡ ଅନୁମୋଦନ ଦେଇଥିବାରୁ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତବର୍ଷ ସେପ୍ଟେମ୍ବର ୨୦ ତାରିଖରେ ସୁନ୍ଦରଗଡ ଲୋକସଭା ସାଂସଦ ଜୁଏଲ ଓରାମ, ବରଗଡ ସାଂସଦ ସୁରେଶ ପୂଜାରୀ, ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ପତ୍ର ଆଧାରରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ପତ୍ର ଲେଖି ଏମସିଏଲ୍ ଦ୍ୱାରା ସୁନ୍ଦରଗଡ଼, ଝାରସୁଗୁଡ଼ା ଏବଂ ଅନୁଗୁଳ ଜିଲ୍ଲାରେ ୩ଟି କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଥିଲେ । ଏହାଦ୍ୱାରା ଉକ୍ତ ଜିଲ୍ଲାର ଛାତ୍ରଛାତ୍ରୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି ସେ ପତ୍ରରେ ଉଲ୍ଲେଖ କରିଥିଲେ ।

ଏହି ପତ୍ରର ପ୍ରତ୍ୟୁତରରେ ଶ୍ରୀ ଯୋଶୀ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ପତ୍ର ଲେଖି କହିଛନ୍ତି ଯେ ସୁନ୍ଦରଗଡ଼ ଜିଲ୍ଲାର ବସୁନ୍ଧରାରେ ଗୋଟିଏ ଏବଂ ଅନୁଗୁଳ ଜିଲ୍ଲାର ଜଗନ୍ନାଥ ଏବଂ ସୁଭଦ୍ରା ଅଂଚଳରେ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଏମଏସିଏଲ ବୋର୍ଡ ଅନୁମୋଦନ ଦେଇଥିବା ସେ କହିଛନ୍ତି ।

ପ୍ରାଥମିକ ଶିକ୍ଷା ସ୍ତରରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ଜାତୀୟ ଶିକ୍ଷା ନୀତି ୨୦୨୦ରେ ମୁଖ୍ୟ ଏଜେଣ୍ଡା ରହିଛି । ଏହି ଖଣିଖାଦାନ ଅଂଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଗୁଣାତ୍ମକ ଶିକ୍ଷା ପାଇପାରିବେ ଏବଂ ସ୍ଥାନୀୟ ଲୋକଙ୍କର ଆକାଂକ୍ଷା ମଧ୍ୟ ପୂରଣ ହୋଇପାରିବ ।

## ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର: ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୯ ଟି ଜିଲ୍ଲାରେ କାଳବୈଶାଖୀ ସହିତ ବଜ୍ରପାତ ଆଶଙ୍କା ରହିଥିବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼,କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ବରଗଡ଼, ସମ୍ବଲପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ କନ୍ଧମାଳ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ଏହି ସମୟ ମଧ୍ୟରେ ଘଂଟା ପ୍ରତି ୩୦ରୁ ୪୦କିମି ବେଗରେ ପବନ ବହିବାର ବି ସମ୍ଭାବନା ରହିଛି ।

ସେହିପରି ୧୦ରୁ ୧୧ ତାରିଖ ମଧ୍ୟରେ ନବରଙ୍ଗପୁର, ମାଲକାନଗିରି , କୋରାପୁଟ, ରାୟଗଡା, ଗଜପତି, କନ୍ଧମାଳ, କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, ଭଦ୍ରକ , ଯାଜପୁର ଓ କେନ୍ଦ୍ରାପଡା ;୧୧ ରୁ ୧୨ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ , ଯାଜପୁର, କେନ୍ଦ୍ରାପଡା, କଟକ , ଜଗତସିଂହପୁର, ଗଜପତି, ଗଂଜାମ , ଖୋର୍ଦ୍ଧା, ପୁରୀ, ନୟାଗଡ, କନ୍ଧମାଳ, ଅନୁଗୁଳ , କେନ୍ଦୁଝର ଓମୟୁରଭଂଜ ଏବଂ [redacted] କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଗଜପତି, ଗଂଜାମ, ଖୋର୍ଦ୍ଧା, ପୁରୀ , ନୟାଗଡ, କେନ୍ଦୁଝର, ମୟୁରଭଂଜ ଓ ଢେଙ୍କାନାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ କାଳବୈଶାଖୀ ସମ୍ଭାବନା ରହିଛି । ଏହାସହ ୩୦ରୁ ୪୦ କିମି ବେଗରେ ପବନ ମଧ୍ୟ ବହିବାରେ । ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୧୯ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର: ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୧୯ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୧୮୦ ହୋଇ ଯାଇଛି । ଗତକାଲି କରୋନାରେ ରାଜ୍ୟରେ ୨୧ ଜଣଙ୍କ ଜୀବନ ଯାଇଥିଲା ।

ଅନୁଗୁଳ ଜିଲ୍ଲାର ଜଣେ ୪୭ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ରେ ପୀଡିତ ଥିଲେ । ବଲାଙ୍ଗୀର ଜିଲ୍ଲାର ଜଣେ ୬୧ ବର୍ଷୀୟ କରୋନା ସଂକ୍ରମିତଙ୍କ ମଧ୍ୟ ମୃତ୍ୟୁ ଘଟିଛି । ଭଦ୍ରକ ଜିଲ୍ଲାର ଜଣେ ୫୨ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୫୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ। ଢେଙ୍କାନାଳ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ। ଗଂଜାମ ଜିଲ୍ଲାର ୬୫ ବର୍ଷୀୟା କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଗଜପତି ଜିଲ୍ଲାର ଜମେ ୫୨ ବର୍ଷୀୟ ପୁରୁଷ, ଯାଜପୁର ଜିଲ୍ଲାର ଜଣେ ୩୦ ବର୍ଷୀୟ ପୁରଷ. ଝାରସୁଗୁଡା ଜିଲ୍ଲାର ଜଣେ ୫୫ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି ।

ଖୋର୍ଦ୍ଧା ଜିଲ୍ଲାର ଜଣେ ୫୬ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଏହି ଜିଲ୍ଲାର ଅନ୍ୟ ଜଣେ ୭୧ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କଳାହାଣ୍ଡି ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ. ଜଣେ ୩୫ ଓ ଅନ୍ୟ ଜଣେ ୪୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

ପୁରୀ ଜିଲ୍ଲାର ଜଣେ ୬୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

ରାୟଗଡା ଜିଲ୍ଲାର ଜଣେ ୪୬ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୩୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁବର୍ଣ୍ଣପୁର ଜିଲ୍ଲାର ଜଣେ ୩୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ସୁନ୍ଦରଗଡ ଜିଲ୍ଲାର ଜଣେ ୨୮ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## ଦୁର୍ଘଟଣାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଆହତ

ବାଲେଶ୍ୱର/ଭୁବନେଶ୍ୱର: କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ତାଙ୍କ ପିଏ , ପିଏସଓ ଓ ଡାଇଭର ଆହତ ହୋଇଛନ୍ତି । ସମସ୍ତଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତି କରାଯାଇଛି । ପରେ କେନ୍ଦ୍ରମନ୍ତ୍ରୀଙ୍କୁ ବାଲେଶ୍ୱର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ ନୀଳଗିରି-ସେରଗଡ଼ ଓ ଉଦଳା ରାଜ୍ୟରାଜପଥ ପୋଡାଶୁଳ ନିକଟରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଙ୍କ ଇନୋଭା ଗାଡି (ଓଡି୦୨ଇ୧୧୧୪)କୁ ଏକ ଟ୍ରାକ୍ଟର ମିଲିଆଣି ଆଡୁ ଆସି ଧକ୍କା ଦେଇଥିଲା । ପାଇଲଟ ଗାଡି ନଥିବା ବେଳେ କେସିପୁର ପଂଚାୟତ ବଡ଼େଇପଲା ଗାଁକୁ ଜଣେ ପରିବାର କୁ କେନ୍ଦ୍ରମନ୍ତ୍ରୀ ସହାୟତା ପାଇଁ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା ।

## ଆଖି ବୁଜିଲେ ଯୁବ ଶିକ୍ଷକ ବର ହୋଇ ଯାଇଥାନ୍ତେ, ଶବ ହୋଇ ଫେରିଲେ

### ଛତିଶଗଡ଼ ସୀମାନ୍ତରେ କୋଭିଡ୍ ଡ୍ୟୁଟିରେ ଥିଲେ ଆଂଟିଜେନ ରିପୋର୍ଟ ଆସିଥିଲା ନେଗେଟିଭ୍

ଝାରସୁଗୁଡା:ବିବାହ ଉତ୍ସବ ପାଇଁ ପରିବାର ଓ ବନ୍ଧୁବାନ୍ଧବଙ୍କ ଉତ୍ସାହ ଭରି ରହିଥିଲା । ତେବେ, ନିୟତିର ନିର୍ଦ୍ଦେଶ ଥିଲା ଅଲଗା । ଯେଉଁଦିନ ଗାଁରୁ ବର ବେଶରେ ବାହାରିଥାନ୍ତେ ସେହିଦିନ ହିଁ ଯୁବ ଶିକ୍ଷକ ନେପାଳ ପ୍ରଧାନଙ୍କ ବିୟୋଗ ଘଟିଛି । ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଝାରସୁଗୁଡ଼ା ମୌଜାର କଣ୍ଡେଇକେଲା ଗ୍ରାମରେ । ଶନିବାର ବର ହୋଇ ଯାଇଥାନ୍ତେ, କିନ୍ତୁ ଘରକୁ ଶବ ହୋଇ ଫେରିଲେ । ଏମିତି ଏକ ହୃଦୟ ବିଦାରକ ଘଟଣା ଘଟିଛି ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ୧୯ ଖଣ୍ଡ ମୌଜା କଣ୍ଡେଇକେଲା ଗ୍ରାମର ଯୁବ ଶିକ୍ଷକ ନେପାଳ ପ୍ରଧାନ ନିଜ ବାହାଘର ଦିନ ଆଖି ବୁଜିଛନ୍ତି । ନେପାଳଙ୍କ ମୃତ୍ୟୁକୁ ପରିବାର ଲୋକେ [redacted] ରି ପାରୁନଥିବା [redacted] ମସ୍ତଙ୍କୁ ହତବାକ କରି ଦେଇଛି । ନେପାଳଙ୍କ ବାହାଘର ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ବଙ୍ଗାପାଲି ଗ୍ରାମରେ ସ୍ଥିର ହୋଇଥିଲା । ବାହାଘର ଲଗ୍ନ ଶନିବାର ରହିଥିଲା । ସେ ବରବେଶରେ ସଜ୍ଜିତ ହୋଇ କନ୍ୟାଘରକୁ ଯାଇଥାନ୍ତେ । ହେଲେ ଦଇବ ସହିଲାନାହିଁ । କନ୍ୟାଘରକୁ ବରବେଶରେ ଯିବା ପରିବର୍ତେ ତାଙ୍କ ମୃତ ଶରୀର ସବାରୀରେ ଶ୍ମଶାନକୁ ଗଲା । ତିନି ଚାରି ଦିନ ପୂର୍ବରୁ ନେପାଳ ଅସୁସ୍ଥ ଅନୁଭବ କରୁଥିଲେ ।ନେପାଳଙ୍କର କୋଭିଡ ଲକ୍ଷଣ ଥିବାରୁ ସେ ଆଂଟିଜେନ ଟେଷ୍ଟ ମଧ କରାଇଥିଲେ । ରିପୋର୍ଟ ନେଗେଟିଭ ଆସିଲା । ହେଲେ ଶୁକ୍ରବାର ସଂଧାରେ ସେ ଘରେ ହୋଇଥିବା ବେଳେ ହଠାତ୍ ତାଙ୍କର ଅବସ୍ଥା ଗୁରୁତର ହୋଇପଡିଥିଲା ।ପରିବାର ଲୋକେ ପ୍ରଥମେ ତାଙ୍କୁ ଝାରସୁଗୁଡ଼ାର ଏକ ଘରୋଇ ହସ୍ପିଟାଲ, ସେଠାରୁ ବୁର୍ଲାକୁ ସ୍ଥାନାନ୍ତର କରିଥିଲେ । ବୁର୍ଲାରେ ତାଙ୍କୁ ଆଇସିୟୁରେ ରଖୁବା ପରେ ବରଗଡ଼ ବିକାଶ ହସ୍ପିଟାଲକୁ ନେଇଥିଲେ । ହେଲେ ମଲ୍ଟି ଅର୍ଗାନ ଡ୍ୟାମେଜ ଯୋଗୁଁ ହଠାତ୍ ନେପାଳଙ୍କ ମୃତ୍ୟୁ ହୋଇଥିବା ଡାକ୍ତର କହିଥିବା ପ୍ରକାଶ । ସୂଚନାଯୋଗ୍ୟ, ନେପାଳଙ୍କ ବାପା ବୃଷଭଙ୍କ କିଛି ବର୍ଷ ପୂର୍ବରୁ ମୃତ୍ୟୁ ହୋଇ ସାରିଛି । ନେପାଳ ୬ଜଣ ଭାଇ ଭଉଣୀ ମଧ୍ୟରେ ଛୋଟ ଥିଲେ । ଘରର ଏକମାତ୍ର ରୋଜଗାରିଆ ସଦସ୍ୟ । ଜଣେ ଛାତ୍ରବତ୍ସଳ ଶିକ୍ଷକ ସହ ମେଳାପି, ସାମାଜିକ ଓ ଖେଳ ସଂଗଠକ ଭାବରେ ଅଂଚଳରେ ଖୁବ୍ ଜଣାଶୁଣା ଥିଲେ ନେପାଳ । ତାଙ୍କ ବିୟୋଗରେ ୧୯ ଖଣ୍ଡ ମୌଜାରେ ଶୋକର ଛାୟା ଖେଳିଯାଇଛି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. [redacted] -751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2551116, [redacted] om, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray